ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ସୋମବାର, ମେ ୨୬/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, May 26/2025 | Page 12 | ₹ 7.00 | BALASORE
୫୧ଶ ଭାଗ ୧୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 180 | ମୂଲ୍ୟ ₹୭/-



**'ଧଡ଼କ ୨'କୁ ସେନ୍ସରବୋର୍ଡ ଝଟକା**

ଅଭିନେତ୍ରୀ ତୃପ୍ତି ଡିମ୍ରୀଙ୍କ 'ଧଡ଼କ ୨' ଫିଲ୍ମକୁ ସେନ୍ସର ବୋର୍ଡ ସାର୍ଟିଫିକେଟ ମିଳିଛି। ଫିଲ୍ମର ୧୬ଟି ଦୃଶ୍ୟକୁ ସେନ୍ସର ବୋର୍ଡ ହଟାଇ ଦେଇଛି।

୦୨

୧୨

**ବ୍ରେଭିସ୍ ପ୍ଲେୟର ଅଫ୍ ଦି ମ୍ୟାଚ**

ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ୍ ମୁକାବିଲାରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସର ଡେୱାଲ୍ଡ ବ୍ରେଭିସ୍।



# କେରଳ ଉପକୂଳରେ ବୁଡ଼ିଲା ଲାଇବେରିଆ ଜାହାଜ

## ତେଲ ଲିକ୍ ସମ୍ଭାବନା ନେଇ ନୌସେନା ଆଲର୍ଟରେ

**କୋଚି/ନୂଆଦିଲ୍ଲୀ,୨୫ା୫(ପି.ଟି.)**

ଲାଇବେରିଆର ମାଲ୍‌ବାହୀ ଜାହାଜ ଏମ୍‌ଏସ୍‌ସି ଇଏଲ୍‌ଏସ୍‌ଏ-୩ ରବିବାର କେରଳର କୋଚି ଉପକୂଳରେ ବୁଡ଼ିଯାଇଛି। ଉକ୍ତ ଜାହାଜରେ ୧୩ଟି ବିପଜ୍ଜନକ ସାମଗ୍ରୀ ଓ ୧୨ଟି କାଲ୍‌ସିୟମ କାର୍ବାଇଡ୍ କଣ୍ଟେନର ସମେତ ମୋଟ ୬୪୦ କଣ୍ଟେନର ଥିଲା। ଏଥିସହିତ ସେଥିରେ ୮୪.୪୪ ଟନ୍ ଡିଜେଲ୍ ଏବଂ ୩୬୭.୧ ଟନ୍ ଫର୍ନେସ୍ ଅଏଲ୍ ଲୋଡ୍ ହୋଇଥିଲା। ଜାହାଜରୁ ତୈଳ ଲିକ୍ ସମ୍ଭାବନା ନେଇ ଆତଙ୍କ ସୃଷ୍ଟି ହୋଇଥିବାବେଳେ ନୌସେନା ଏବଂ ତଟସୁରକ୍ଷା ବାହିନୀ ଆଲର୍ଟରେ ରହିଛି। ତେବେ ଜାହାଜର ସମସ୍ତ ୨୪ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି।



କେରଳର କୋଚି ଉପକୂଳରେ ରବିବାର ଲାଇବେରିଆର ଏକ ମାଲବାହୀ ଜାହାଜ ବୁଡ଼ିଯାଉଥିବାର ଦୃଶ୍ୟ।




# କୁଲଡ଼ିହାରୁ ୫ ସଶସ୍ତ୍ର ଶିକାରୀ ଗିରଫ

**ନୀଳଗିରି, ୨୫ା୫,(ପ୍ରଶାନ୍ତ କୁମାର ବିଶ୍ୱାଳ)**

ଗିରଫଦାରିରୁ ବର୍ତ୍ତିବା ପାଇଁ ଶିକାରୀ ବାରମ୍ବାର ଚୋରି କରୁଥିଲେ ଟ୍ରାପ କ୍ୟାମେରା। ମାତ୍ର ଆଢୁଆଳ ମୋଡରେ ଥିବା ବନବିଭାଗ ସେମାନଙ୍କୁ ଧରିବା ପାଇଁ ଖଞ୍ଜିଥିଲେ ଗୁପ୍ତ କ୍ୟାମେରା। ବନବିଭାଗର ଏହି ଚତୁରତାରେ ଫସିଯାଇଛନ୍ତି ୫ ସଶସ୍ତ୍ର ଶିକାରୀ। ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଥିବା କୁଲଡିହାରେ ଅଭୟାରଣ୍ୟରୁ ଶନିବାର ରାତିରେ ଧରାପଡିଥିବା ଏହି ଶିକାରୀମାନଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ସିସିଟିଭି ଫୁଟେଜ ଆଧାରରେ କୁଲଡିହା ଅଭୟାରଣ୍ୟ ଚେମଚଟା ବିଟ୍ ଅଧୀନ ଜଙ୍ଗଲରେ ଶିକାରୀମାନେ ଟ୍ରାପ କ୍ୟାମେରା ଚୋରି କରୁଥିବା ବେଳେ ଅନ୍ୟ ଏକ ଗୁପ୍ତ କ୍ୟାମେରାରେ ସେମାନଙ୍କ ମୁହଁ କଏଦ ହୋଇଥିଲା। ଏଥିରୁ ବନବିଭାଗ ସେମାନଙ୍କୁ ଚିହ୍ନଟ କରିଥିଲା। ଶନିବାର ରାତିରେ କୁଲଡିହା ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ ସୁବ୍ରତ ବେହେରାଙ୍କ ନେତୃତ୍ୱରେ ଫରେଷ୍ଟର, ଫରେଷ୍ଟଗାର୍ଡ ଏକ ଟିମ ଅତର୍କିତ ଚଢାଉ ☞ପୃଷ୍ଠା-୪

# ସାଢ଼େ ୫ଟା ପୂର୍ବରୁ ଅଫିସ୍ ଛାଡ଼ିବା ମନା

## ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ମଚାରୀଙ୍କ ପାଇଁ କଡ଼ା ନିର୍ଦ୍ଦେଶ

**ଭୁବନେଶ୍ୱର,୨୫ା୫ (ସୁଚିସ୍ମିତା ସାହୁ)**

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କର୍ମଚାରୀଙ୍କ ପାଇଁ କଡା ନିର୍ଦ୍ଦେଶ ଜାରି କରାଯାଇଛି। ସକାଳ ୧୦ଟା ସୁଦ୍ଧା ଅଫିସ୍ ଆସିବେ ଓ ଅପରାହ୍ନ ୫ଟା ୩୦ ପରେ ଘରକୁ ଯିବେ। ସମସ୍ତ କର୍ମଚାରୀ ଅତିକମ୍‌ରେ ସାଢ଼େ ୭ ଘଣ୍ଟା କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ପଡିବ। ଗୋଟିଏ ମାସରେ ତିନିଦିନ ବିଳମ୍ବରେ ଅଫିସ୍ ଆସିଲେ ଗୋଟିଏ ଦିନର କାଜୁଆଲ ଛୁଟି ଭାବେ ଗ୍ରହଣ କରାଯିବ। ସେହିପରି କାର୍ଯ୍ୟାଳୟରେ କାର୍ଯ୍ୟ ସମୟ ୪ ଘଣ୍ଟାରୁ କମ୍ ହେଲେ ଗୋଟିଏ ଦିନ କାଜୁଆଲ ଛୁଟି ଓ ୪ ଘଣ୍ଟା କାମ କରିବା ପରେ ଅଫିସ୍‌ରେ ଅନୁପସ୍ଥିତ ରହିଲେ ଅଧା ଦିନ ଛୁଟି ଭାବେ ଧରାଯିବ। ଅନ୍ୟପକ୍ଷରେ କୌଣସି କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଲେ କିମ୍ବା କିଛି ଜରୁରୀ କାମ ରହିଲେ, ସେମାନେ ଉପରିସ୍ଥ କର୍ମଚାରୀଙ୍କୁ ଲିଖିତ ଆକାରରେ ଜଣାଇ ଅନୁମତି ଅନୁଯାୟୀ ଛୁଟିରେ ରହିପାରିବେ। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ଦ୍ଦେଶର କଡା ଅନୁପାଳନ ସହ ସମସ୍ତ କର୍ମଚାରୀଙ୍କ ବାୟୋମେଟ୍ରିକ ବାଧ୍ୟତାମୂଳକ କରାଯାଇଛି। କର୍ମଚାରୀମାନେ କାର୍ଯ୍ୟାଳୟରେ କେଉଁ ସମୟରେ ପହଞ୍ଚିଲେ ଏବଂ କେତେ ସମୟ ମଧ୍ୟରେ କାର୍ଯ୍ୟାଳୟରୁ ବାହାରିଲେ, ସବୁ ତଥ୍ୟ ବାୟୋମେଟ୍ରିକ ମାଧ୍ୟମରେ ଉପଲବ୍ଧ ରହିବ। ସେହି ଅନୁସାରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, କର୍ମଚାରୀମାନେ ମନଇଛା କାର୍ଯ୍ୟାଳୟକୁ ଆସୁଥିଲେ। ଫଳରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଅଧିକାଂଶ ସମୟରେ ଫାଇଲ୍ ପଡି ରହୁଥିବା ଅଭିଯୋଗ ହେଉଥିଲା। ଏହା ବିଭାଗ ନଜରକୁ ଆସିବା ପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ନୂଆ ନିୟମ ଲାଗୁ ହେବା ପରେ କର୍ମଚାରୀମାନେ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସିବେ ବୋଲି ଆଶା କରାଯାଉଛି।

**ଆଜିର ସମ୍ପାଦକୀୟ**
ଜଙ୍ଗଲ ଚିନ୍ତା

# ଧନ୍ଦାମୂଳକ ଶିକ୍ଷାରେ ବାଧକ ବିଏଫ୍‌ସି କଟକଣା

**ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯୁକ୍ତ୨ ଧନ୍ଦାମୂଳକ(ଭୋକେଶନାଲ) ଶିକ୍ଷା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଗଭର୍ନମେଣ୍ଟ ଭୋକେଶନାଲ ହାୟର ସେକେଣ୍ଡାରି ସ୍କୁଲ) ଖୋଲି ଜୀବିକା ସୃଷ୍ଟି ପାଇଁ ନୂଆ ସୁଯୋଗ ଦେଉଛନ୍ତି। ହେଲେ ବାସ୍ତବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହି ଶିକ୍ଷା ପ୍ରତି ଆଶାଜନକ ଉତ୍ସାହ ଦେଖିବାକୁ ମିଳୁନାହିଁ। ଯେତିକି ସଂଖ୍ୟାରେ ଭୋକେଶନାଲ ପାଠ୍ୟକ୍ରମ ପାଇଁ ସିଟ୍ ରହିଛି, ତାହାର ପ୍ରାୟ ୫୦% ଖାଲି ପଡୁଛି। ଏହି ପାଠ୍ୟକ୍ରମରେ ଚୟନଭିତ୍ତିକ ବିଷୟ ନ ରହିବା ଏବଂ ବିଏଫ୍‌ସି (ବେସିକ୍ ଫାଉଣ୍ଡେଶନ କୋର୍ସ) କଟକଣା ଛାତ୍ରୀଛାତ୍ରଙ୍କୁ ପାଠ୍ୟକ୍ରମ ପ୍ରତି ବିମୁଖ କରୁଥିବା କୁହାଯାଉଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ପାଇଁ ଏକାଧିକ ପସନ୍ଦର ବିଷୟ ବାଛିବାର ସୁଯୋଗ ରହିଥିବାବେଳେ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏହା ନାହିଁ। ଏହି ଅସମାନତା ଦୂର କରାଯାଇପାରିଲେ ଦେଖାଦେଇଥିବା ସମସ୍ୟାର ସମାଧାନ ହୋଇପାରିବ ବୋଲି ଶିକ୍ଷାବିତ୍ ମହଲରେ ମତ ପ୍ରକାଶ ପାଉଛି।**

**ଜଗତ୍‌ସିଂହପୁର, ୨୫ା୫ (ପ୍ରମୋଦ କୁମାର ନାୟକ)**

ରାଜ୍ୟରେ ୨୩୩ଟି ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ସେଥିରୁ ୩ଟି ବିଭିନ୍ନ କାରଣରୁ ଖୋଲିପାରିନାହିଁ। ୧୮ଟିରେ ଗୋଟିଏ ଲେଖାଏ ଓ ଅବଶିଷ୍ଟ ୨୧୨ଟିରେ ୨ଟି ଟ୍ରେଡ୍ ବିଷୟ ରହିଛି। ଅର୍ଥାତ୍ କଳା, ବିଜ୍ଞାନ ଓ ବାଣିଜ୍ୟ ମଧ୍ୟରୁ ଯେକୌଣସି ୨ଟି ଷ୍ଟ୍ରିମ୍‌ରେ ପଢ଼ିବା ପାଇଁ ଇଚ୍ଛୁକ ଛାତ୍ରୀଛାତ୍ରମାନେ ପୃଥକ ଟ୍ରେଡ୍ ବିଷୟ ନେଇ ଶିକ୍ଷାଲାଭ କରିପାରିବେ। ପ୍ରତି ଟ୍ରେଡ୍‌ରେ ୨୪ଟି ସିଟ୍ ରହିଛି। ଏହି ହିସାବରେ ରାଜ୍ୟରେ ୧୦,୬୦୮ ଜଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଲାଭ ପାଇଁ ସୁଯୋଗ ଅଛି। କିନ୍ତୁ ୨୦୨୪-୨୫ରେ ପାଖାପାଖି ୫୬% ଅର୍ଥାତ୍ ୫୯୦୮ ଛାତ୍ରୀଛାତ୍ର ଏହି ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ନାମ ଲେଖାଇଛନ୍ତି। ୨୦୨୩-୨୪ରେ ୫୬୪୭ ଜଣ ନାମ ଲେଖାଇଥିବାବେଳେ ଗତବର୍ଷ କେତେକ ଶିକ୍ଷାନୁଷ୍ଠାନରେ ଆଦୌ ପିଲା ନାମ ଲେଖାଇ ନ ଥିବା ଜଣାପଡ଼ିଛି। ସରକାର ଧନ୍ଦାମୂଳକ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖା ଓ ଟ୍ୟୁଶନ ଫି ବାବଦରେ କମ୍ ଟଙ୍କା ଧାର୍ଯ୍ୟ କରି ପିଲାଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ଆତ୍ମନିର୍ଭରଶୀଳ ହେବା ପାଇଁ ଟ୍ରେଡ୍ ବିଷୟରେ ଶିକ୍ଷାଦାନ ବ୍ୟବସ୍ଥା କରୁଛନ୍ତି। କିନ୍ତୁ ଛାତ୍ରୀଛାତ୍ରମାନେ ଏହି ଶିକ୍ଷା ପ୍ରତି ମୁହଁ ମୋଡୁଛନ୍ତି। କେତେଜଣ ଶିକ୍ଷକ ନାମ ଗୋପନ ରଖି କହିଛନ୍ତି, ବାସ୍ତବରେ ବିଏଫ୍‌ସିରେ ନିର୍ଦ୍ଦିଷ୍ଟ ବିଷୟ ପଢ଼ିବା ପାଇଁ ବାଧ୍ୟବାଧକତା ଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଉଦାହରଣ ସ୍ୱରୂପ କୌଣସି ଛାତ୍ରୀଛାତ୍ର କଳାରେ ନାମ ଲେଖାଇବାକୁ ଚାହିଁଲେ ଏମ୍‌ଆଇଏଲ୍ (ମଡର୍ନ ଇଣ୍ଡିଆନ ଲାଙ୍ଗୁଏଜ୍), ଇଂଲିଶ ସାଧାରଣ ଅନ୍ୟ ଶିକ୍ଷାନୁଷ୍ଠାନ ପରି ବାଧ୍ୟତାମୂଳକ ରହିଛି। କିନ୍ତୁ ବିଏଫ୍‌ସିରେ ଅସମାନତା ରହୁଛି। ଅନ୍ୟ ସାଧାରଣ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନରେ ଥିବା ସମସ୍ତ ବିଷୟ ମଧ୍ୟରୁ ୪ଟିକୁ ବିଏଫ୍‌ସି ହିସାବରେ ଚୟନ ପାଇଁ ସୁଯୋଗ ଥିବାବେଳେ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ଅର୍ଥାତ୍ ୩ଟି ବିଷୟ ଯଥା ଇତିହାସ, ରାଜନୀତି ବିଜ୍ଞାନ ଓ ଅର୍ଥଶାସ୍ତ୍ର ନେବା ପାଇଁ ବାଧ୍ୟବାଧକତା ରହିଛି। ଟ୍ରେଡ୍ ବିଷୟ ହିସାବରେ ସାରା ରାଜ୍ୟରେ ଇନ୍‌ଫର୍ମେଶନ୍ ଟେକ୍‌ନୋଲୋଜି, ଇନ୍‌ଫର୍ମେଶନ୍ ଟେକ୍‌ନୋଲୋଜି ଏନାବଲ୍‌ଡ ସର୍ଭିସେସ୍, ମେଡିକାଲ ଲାବରେଟୋରି ଟେକ୍ନିକ୍ୟୁଜ୍, କ୍ରପ ପ୍ରଡକ୍ସନ୍, ଡାଇରିଂ, ହର୍ଟିକଲ୍‌ଚର, ଇନ୍‌ଲାଣ୍ଡ ଫିଶରିଜ୍, ପୋଲ୍‌ଟ୍ରି ଫାର୍ମିଂ, ସେରିକଲ୍‌ଚର, କମ୍ପ୍ୟୁଟର ଟେକ୍‌ନିକ୍ୟୁଜ୍, ପାରା ମେଡିକାଲ ହେଲ୍‌ଥ କେୟାର, ମାଇକ୍ରୋ ବାୟୋଲୋଜି ଆଣ୍ଡ ସେରୋଲୋଜି ଆଦି ୨୫ଟି ବିଷୟ ରହିଛି। ପ୍ରତି ଶିକ୍ଷାନୁଷ୍ଠାନରେ ଅତିବେଶିରେ ୨ଟି ଟ୍ରେଡ୍ ବିଷୟରେ ମୋଟ ୪୮ ଜଣଙ୍କୁ ଶିକ୍ଷାଲାଭର ସୁଯୋଗ ଅଛି। ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପାଇଁ ବିଏଫ୍‌ସି ଭାବେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ କିମ୍ବା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଗଣିତ ବିଷୟ ନେବାକୁ ପଡୁଛି। ବାଣିଜ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ବିଏଫ୍‌ସି ଭାବେ ଆକାଉଣ୍ଟାନ୍ସି, ବିଜନେସ୍ ଷ୍ଟଡିଜ୍ ଆଣ୍ଡ ମ୍ୟାନେଜମେଣ୍ଟ ଓ ଇକୋନୋମିକ୍ସ ରହିଛି। ମାତ୍ର ଧନ୍ଦାମୂଳକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡିକରେ ବିଏଫ୍‌ସିରେ ଅଧିକ ବିଷୟ ଚୟନ ଉପରେ କଟକଣା ଥିବାରୁ ଏହାର ଚାହିଦା ରହୁନାହିଁ।

ଏ ସମ୍ପର୍କରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର. ଆୟରଙ୍କ ସହ ଯୋଗାଯୋଗ କରିବାରେ ପ୍ରସଙ୍ଗର ଗମ୍ଭୀରତା ଥିବା କହିବା ସହ ବିଏଫ୍‌ସିରେ ଥିବା କଟକଣା ଉଠାଇବା ବାବଦରେ ଉପଯୁକ୍ତ ଫୋରମ୍‌ରେ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। କାଉନ୍‌ସିଲ ଅଫ୍ ହାୟର ସେକେଣ୍ଡାରି ଏଜୁକେଶନ(ସିଏଚ୍‌ଏସ୍‌ଇ) ଡେପୁଟି ସେକ୍ରେଟାରି ଯଶୋବନ୍ତ ସାମଲଙ୍କୁ ପଚାରିବାରୁ ଏହି ପ୍ରସଙ୍ଗର ପ୍ରାସଙ୍ଗିକତା ଥିବାରୁ ବିଏଫ୍‌ସିରେ ଥିବା କଟକଣା ଉଠାଯିବା ଉପରେ ଚିନ୍ତା କରାଯାଉଛି। ନିକଟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସହ ଏକ ଯୁଗ୍ମ କମିଟି ବୈଠକ ହୋଇଥିଲା। ସରକାରଙ୍କଠାରୁ ଅନୁମତି ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ତଥାପି ଚଳିତ ଶିକ୍ଷାବର୍ଷରେ ଏହା ଉପରେ ବିଚାର କରାଯାଉଥିବା ସାମଲ କହିଛନ୍ତି।



# ଜାତି ଜନଗଣନା, ଅପରେଶନ ସିନ୍ଦୂରକୁ ଏନ୍‌ଡିଏ ମୁଖ୍ୟମନ୍ତ୍ରୀଙ୍କ ସମର୍ଥନ

**ନୂଆଦିଲ୍ଲୀ,୨୫ା୫(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ରବିବାର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ଜାତି ଜନଗଣନା ଏବଂ ଅପରେଶନ ସିନ୍ଦୂରକୁ ସମର୍ଥନ ମିଳିଛି। ଅବହେଳିତ ବର୍ଗଙ୍କୁ ବିକାଶର ମୁଖ୍ୟ ସ୍ରୋତକୁ ଆଣିବା ଦିଗରେ ଜାତି ଜନଗଣନା ଏକ ପଦକ୍ଷେପ। ତେବେ ତାଙ୍କ ସରକାର ଜାତି ରାଜନୀତି ଉପରେ ନୁହେଁ ବରଂ ଅବହେଳିତମାନଙ୍କ ସଶକ୍ତୀକରଣ ଉପରେ ବିଶ୍ୱାସ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅପରେଶନ ସିନ୍ଦୂରର ସଫଳତା ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ପ୍ରତି ସମର୍ଥନ। ଭାରତ-ପାକିସ୍ତାନ ସଂଘର୍ଷରେ ସ୍ୱଦେଶୀ ପ୍ରତିରକ୍ଷା ପ୍ରଯୁକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ନୂଆଦିଲ୍ଲୀର ଅଶୋକା ହୋଟେଲରେ ଅନୁଷ୍ଠିତ ଏହି ବୈଠକରେ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ୨୦ ଜଣ ମୁଖ୍ୟମନ୍ତ୍ରୀ, ୧୮ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଉପସ୍ଥିତ ଥିଲେ। ବୈଠକରେ ଉତ୍ତରାଖଣ୍ଡର ଏକକ ନାଗରିକ ସଂହିତା (ୟୁସିସି) ସମେତ ୭ଟି ଶ୍ରେଷ୍ଠ ଶାସନ ବ୍ୟବସ୍ଥାକୁ ବୈଠକରେ ଉପସ୍ଥାପନ କରାଯାଇଥିଲା। 'ବିକଶିତ ଭାରତ'କୁ ବାସ୍ତବରେ ପରିଣତ କରିବା ଦିଗରେ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ବୈଠକରେ ସୁଶାସନକୁ ଗୁରୁତ୍ୱ ଦିଆଯାଇଥିବାବେଳେ ଦଳୀୟ ନେତାମାନଙ୍କ ଅନାବଶ୍ୟକ ମନ୍ତବ୍ୟକୁ ନେଇ ପ୍ରଧାନମନ୍ତ୍ରୀ ଚିନ୍ତାବ୍ୟକ୍ତ କରିଛନ୍ତି। ଏଭଳି ବିବେକଶୂନ୍ୟ ମନ୍ତବ୍ୟ ଦେବାରୁ ଦୂରେଇ ରହିବା ପାଇଁ ପ୍ରଧାନମନ୍ତ୍ରୀ ଏନ୍‌ଡିଏ ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଅପରେଶନ ସିନ୍ଦୂର ଓ ଜାତି ଜନଗଣନା ଉପରେ ୨ଟି ସଙ୍କଳ୍ପନାମା ଗୃହୀତ ହୋଇଛି। ଅପରେଶନ ସିନ୍ଦୂରର ସଫଳତା ପାଇଁ ପ୍ରତ୍ୟେକ ଆମ ସଶସ୍ତ୍ର ବଳ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେବା ସହ ଅଭିନନ୍ଦନ ଜଣାଇଥିବା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଛନ୍ତି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଅପରେଶନ ସିନ୍ଦୂର ଉପରେ ସଂକଳ୍ପ ପ୍ରସ୍ତାବ ଆଣିଥିବାବେଳେ ଏହାକୁ ଶିନ୍ଦେ ସମର୍ଥନ ଜଣାଇଥିଲେ। ମାଓବାଦୀଙ୍କ ବିରୋଧରେ ଚାଲିଥିବା ଅଭିଯାନ ସମ୍ପର୍କରେ ଆଲୋଚନା ହୋଇଥିଲା। ମାଓବାଦ ବିରୋଧରେ କେନ୍ଦ୍ରର ରଣକୌଶଳ ସମ୍ପର୍କରେ ଶାହା ନେତାମାନଙ୍କୁ ଅବଗତ କରାଇଥିଲେ। ଜାତି ଜନଗଣନାକୁ ନେଇ ଭାଜପାର ସାମ୍ବିଧାନିକ ପ୍ରତିଶ୍ରୁତିକୁ ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଦୋହରାଇଥିଲେ। ଅଧିକାଂଶ ମୁଖ୍ୟମନ୍ତ୍ରୀ ନିଜ ରାଜ୍ୟର ପ୍ରମୁଖ ବିକାଶ ଓ କଲ୍ୟାଣକାରୀ ଯୋଜନା ଉପସ୍ଥାପନ କରିଥିଲେ।

# ତେଜପ୍ରତାପଙ୍କୁ ଦଳରୁ ବହିଷ୍କାର କଲେ ଲାଲୁ

**ପାଟନା,୨୫ା୫(ପି.ଟି.)**

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ରବିବାର ତାଙ୍କ ବଡ଼ପୁଅ ତେଜପ୍ରତାପଙ୍କୁ ଦଳରୁ ବହିଷ୍କାର କରିଥିବାବେଳେ ତାଙ୍କ ସହ ସମସ୍ତ ପାରିବାରିକ ସମ୍ପର୍କ ଛିନ୍ନ କରିଛନ୍ତି। ତେଜପ୍ରତାପ ବିବାହିତ ଏବଂ ତାଙ୍କର ଛାଡ଼ପତ୍ର ଆବେଦନ ପାଟନାର ଏକ ଫାମିଲି କୋର୍ଟରେ ବିଚାରାଧୀନ ଥିବାବେଳେ ସେ ୧୨ ବର୍ଷ ହେଲା ଜଣେ ମହିଳାଙ୍କ ସହ ସମ୍ପର୍କରେ ରହିଥିବା ଶନିବାର ସନ୍ଧ୍ୟାରେ ସୋସିଆଲ ମିଡିଆରେ ଘୋଷଣା କରିଥିଲେ। ତେବେ ଏହାର କିଛି ଘଣ୍ଟା ପରେ ସେ ଉକ୍ତ ପୋଷ୍ଟକୁ ଡିଲିଟ୍ କରିଦେଇ ତାଙ୍କ ଫେସ୍‌ବୁକ୍ ପେଜ୍ ହ୍ୟାକ୍ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଲାଲୁ ସୋସିଆଲ ମିଡିଆରେ ତାଙ୍କର କଠୋର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଘୋଷଣା କରିଥିଲେ ମଧ୍ୟ ପୂର୍ବରୁ କ'ଣ ଘଟିଥିଲା, ତାହା ଉଲ୍ଲେଖ କରିନାହାନ୍ତି। ତେବେ ବଡ଼ପୁଅଙ୍କ କାର୍ଯ୍ୟ, ସର୍ବସାଧାରଣରେ ଆଚରଣ ଏବଂ ଦାୟିତ୍ୱହୀନ ବ୍ୟବହାରକୁ ସେ ସମାଲୋଚନା କରି କହିଛନ୍ତି, ବ୍ୟକ୍ତିଗତ ଜୀବନରେ ନୈତିକ ମୂଲ୍ୟବୋଧକୁ ଉପେକ୍ଷା



ତେଜପ୍ରତାପ ଯାଦବ ସୋସିଆଲ ମିଡିଆରେ ପୋଷ୍ଟ ପରେ ଡିଲିଟ୍ କରିଦେଇଥିବା ଫଟୋ।

## ପାରିବାରିକ ସମ୍ପର୍କ ଛିନ୍ନ କଲେ

ସାମାଜିକ ନ୍ୟାୟ ହାସଲ ପାଇଁ ଆମର ସାମୂହିକ ସଂଘର୍ଷକୁ ଦୁର୍ବଳ କରିଦେଇଛି। ତେଜପ୍ରତାପଙ୍କୁ ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରିବା ସହ ତାଙ୍କର ଦଳ ଏବଂ ପରିବାରରେ କୌଣସି ଭୂମିକା ରହିବ ନାହିଁ ବୋଲି ଲାଲୁ କହିଛନ୍ତି। ସୂଚନାଯୋଗ୍ୟ, ଆଗକୁ ବିହାର ବିଧାନସଭା ନିର୍ବାଚନ ଥିବାବେଳେ ଲାଲୁଙ୍କ ସାନପୁଅ ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ଆର୍‌ଜେଡି ନିର୍ବାଚନ ଲଢ଼ିବାକୁ ଯାଉଛି। ତେଜସ୍ୱୀଙ୍କୁ ଘଟଣା ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସେ ମାପିଚୁପି ଉତ୍ତର ରଖିଛନ୍ତି। ଜଣେ ପ୍ରାପ୍ତବୟସ୍କ ଭାବେ ବଡ଼ଭାଇ ତାଙ୍କ ବ୍ୟକ୍ତିଗତ ଜୀବନରେ ନିଜ ପସନ୍ଦର କାର୍ଯ୍ୟ କରିପାରିବେ, କିନ୍ତୁ କେତେକ ଘଟଣାକୁ ଆମେ ସହ୍ୟ କରିପାରୁନାହୁଁ। ୨୦୧୫ ବିଧାନସଭା ନିର୍ବାଚନରେ ତେଜପ୍ରତାପ ରାଜନୀତିରେ ପ୍ରବେଶ କରିବା ସହ ଦ୍ୱିତୀୟ ପାଳି ବିଧାୟକ ସମୟରେ କିଛିଦିନ ପାଇଁ ମନ୍ତ୍ରୀ ହୋଇଥିଲେ।

## ସଂକ୍ଷେପରେ

### ଜୁନ୍ ୧୯ରେ ୪ ରାଜ୍ୟର ୫ ବିଧାନସଭା ଉପନିର୍ବାଚନ

ନୂଆଦିଲ୍ଲୀ, ୨୫।୫

ଆସନ୍ତା ଜୁନ୍ ୧୯ରେ ୪ ରାଜ୍ୟର ୫ଟି ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ରବିବାର ନିର୍ବାଚନ ଆୟୋଗ (ଇସି) ଘୋଷଣା କରିଛନ୍ତି। ଗୁଜରାଟର କାଡ଼ି ଏବଂ ବିସାବଦର, କେରଳର ନିଲାମ୍ବର, ପଞ୍ଜାବର ଲୁଧିଆନା ୱେଷ୍ଟ ଏବଂ ପଶ୍ଚିମବଙ୍ଗର କାଲିଗଞ୍ଜ ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଜୁନ୍ ୨୩ରେ ଭୋଟ୍ ଗଣତି ହେବ। ଜୁନ୍ ୨୫ରେ ଏହି ଉପନିର୍ବାଚନଗୁଡ଼ିକର ପ୍ରକ୍ରିୟା ଶେଷ ହେବ। ରବିବାରଠାରୁ ଉକ୍ତ ୫ ଆସନରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ଇସି ସୂଚନା ଦେଇଛନ୍ତି।

### ଦିଲ୍ଲୀରେ ପ୍ରବଳ ବର୍ଷା, ଏୟାରପୋର୍ଟ କାନୋପି ଭୁଶୁଡ଼ିଲା

ନୂଆଦିଲ୍ଲୀ, ୨୫।୫

ଦିଲ୍ଲୀ-ଏନ୍‌ସିଆର୍‌ରେ ରବିବାର ସକାଳେ ପ୍ରବଳ ବର୍ଷା ଏବଂ ଦ୍ରୁତ ବେଗରେ ପବନ ଯୋଗୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲ ୧ରେ ଥିବା ଏକ କାନୋପି ଭୁଶୁଡ଼ି ପଡ଼ିଛି। ଏହି ଘଟଣାରେ କେହି ଆହତ ହୋଇନାହାନ୍ତି। ତେବେ କାନୋପି ଭୁଶୁଡ଼ିବା ପରେ ଏୟାରପୋର୍ଟରେ ଥିବା ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବର୍ଷା ପାଣିର ଅତ୍ୟଧିକ ଚାପ ଯୋଗୁ କାନୋପି ଭୁଶୁଡ଼ି ପଡ଼ିଥିବା ନେଇ ଏୟାରପୋର୍ଟର ଜଣେ ଅଧିକାରୀ କହିଛନ୍ତି। ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରାଯାଇଛି। ଲଗାଣ ବର୍ଷା ଯୋଗୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ୧୭ଟି ଅନ୍ତର୍ଜାତୀୟ ବିମାନ ସମେତ ୪୯ଟି ବିମାନର ଗତିପଥ ପରିବର୍ତ୍ତନ କରାଯାଇଛି।

## ଆଇଏମ୍‌ଏଫ୍ ଆକଳନ

# ଭାରତ ହେବ ୪ର୍ଥ ବଡ଼ ଅର୍ଥନୀତି

ନୂଆଦିଲ୍ଲୀ, ୨୫।୫

୨୦୨୫ ଏପ୍ରିଲ ୨୨ରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ପକ୍ଷରୁ ପ୍ରକାଶିତ ୱାର୍ଲ୍ଡ ଇକୋନୋମିକ୍ ଆଉଟ୍‌ଲୁକ୍ (ଡବ୍ଲ୍ୟୁଇଓ) ଆକଳନ ଅନୁସାରେ ଭାରତ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି। ଆଇଏମ୍‌ଏଫ୍ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟ ଅନୁସାରେ ୨୦୨୫-୨୬ ଆର୍ଥିକବର୍ଷରେ ବିଶ୍ୱର ମୋଟ ଘରୋଇ ଉତ୍ପାଦ (ଜିଡିପି) ୧୧୩,୭୯୫,୬୭୮ ନିୟୁତ ଆମେରିକୀୟ ଡଲାର ରହିବ। ଆମେରିକାର ଜିଡିପି ୩୦,୫୦୭,୨୧୭ ନିୟୁତ ଡଲାର, ଚାଇନା ଜିଡିପି ୧୯,୨୩୧,୭୦୫ ନିୟୁତ ଡଲାର, ଜର୍ମାନୀ ଜିଡିପି ୪,୭୪୪,୮୦୪ ନିୟୁତ ଡଲାର ଓ ଭାରତର ଜିଡିପି ୪,୧୮୭, ୦୧୭ ନିୟୁତ ଡଲାର ରହିବ। ଭାରତ ପଛକୁ ଜାପାନର ଜିଡିପି ୪,୧୮୬,୪୩୧ ନିୟୁତ ଡଲାର ଏବଂ ବ୍ରିଟେନ୍ ଜିଡିପି ୩,୮୩୯,୧୮୦ ନିୟୁତ ଡଲାର ରହିବ ବୋଲି ଉକ୍ତ ରିପୋର୍ଟରେ ଅନୁମାନ କରାଯାଇଛି। ଏହା ପଛକୁ ଫ୍ରାନ୍ସ, ଇଟାଲୀ, କାନାଡା ଓ ବ୍ରାଜିଲ ରହିବା ନେଇ ଆଇଏମ୍‌ଏଫ୍ ଆକଳନ କରିଛି। କିନ୍ତୁ ଶନିବାର ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗର ଦଶମ ଗଭର୍ଣ୍ଣିଂ କାଉନ୍ସିଲ ବୈଠକ ପରେ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବିଭିଆର୍ ସୁବ୍ରମଣ୍ୟମ୍ ଗଣମାଧ୍ୟମକୁ ସମ୍ବୋଧିତ କରି କହିଥିଲେ, ଭାରତ ୪ ଟ୍ରିଲିୟନ୍ ଡଲାର ଜିଡିପି ହାସଲ ସହ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହୋଇଛି।


ନୀତି ଆୟୋଗ ସିଇଓ ବିଭିଆର୍ ସୁବ୍ରମଣ୍ୟମ୍

ଆମେ ବର୍ତ୍ତମାନ ୪ର୍ଥ ବୃହତ୍ ଅର୍ଥନୀତି। ଏହା ତାଙ୍କର ନୁହେଁ, ବରଂ ଆଇଏମ୍‌ଏଫ୍ ଡେଟା। ଆଇଏମ୍‌ଏଫ୍ ୱେବ୍‌ସାଇଟ୍‌କୁ ଦେଖି ଏହି ବିଷୟରେ ନିଶ୍ଚିତ ହେବା ପାଇଁ ସୁବ୍ରମଣ୍ୟମ୍ କହିଥିଲେ। ଏତିକି ନୁହେଁ, ଏହି ଧାରା ଜାରି ରହିଲେ ଆଗାମୀ ୨.୫ରୁ ୩ ବର୍ଷ ଭିତରେ ଭାରତ ଜର୍ମାନୀକୁ ମଧ୍ୟ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ରୂପେ ମାନ୍ୟତା ଲାଭ କରିବ ବୋଲି କହିଥିଲେ। ପ୍ରକୃତପକ୍ଷେ ଭାରତ ଜାପାନକୁ ପଛରେ ପକାଇ ସାରିଥିବା ବିଷୟ ଆଇଏମ୍‌ଏଫ୍ କୌଣସି ସ୍ଥାନରେ ଉଲ୍ଲେଖ କରି ନ ଥିବାରୁ ନୀତି ଆୟୋଗ ସିଇଓଙ୍କ ମନ୍ତବ୍ୟରୁ ଦ୍ୱନ୍ଦ୍ୱ ଉପୁଜିଛି।

ଆଇଏମ୍‌ଏଫ୍ ତଥ୍ୟ ଅନୁସାରେ ଭାରତର ମୁଣ୍ଡ ପିଛା ଆୟ ୨୦୧୩-୧୪ରେ ୧,୪୩୮ ଡଲାର ଥିବାବେଳେ ୨୦୨୫ରେ ଏହା ଦ୍ୱିଗୁଣିତ ହୋଇ ୨,୮୮୦କୁ ବଢ଼ିଛି। ୨୦୨୫-୨୬ରେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ୬.୨% ରହିବା ନେଇ ଅନୁମାନ କରାଯାଇଛି। ପୂର୍ବରୁ ଏହା ୬.୫% ରହିବା ନେଇ ଆକଳନ କରାଯାଇଥିବାବେଳେ ବାଣିଜ୍ୟିକ ଉତ୍ତେଜନା ଓ ବୈଶ୍ୱିକ ଅନିଶ୍ଚିତତା ଯୋଗୁ ଏଥିରେ ସାମାନ୍ୟ ହ୍ରାସ କରାଯାଇଛି। ଏହାସତ୍ତ୍ୱେ ଭାରତୀୟ ଅର୍ଥନୀତି ଜାପାନର ନିକଟତର ହୋଇଛି। ଚଳିତ ଆର୍ଥିକବର୍ଷରେ ଭାରତ ଜାପାନକୁ ପଛରେ ପକାଇପାରେ। ତେବେ ସୁବ୍ରମଣ୍ୟମ୍ ନିଜ ବିବୃତିରେ କହିଥିଲେ, ୨୦୨୪ ସୁଦ୍ଧା ଭାରତ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ଥିଲା। ତମାମ ଭୂରାଜନୈତିକ ସ୍ଥିତି ଓ ଆର୍ଥିକ ପରିବେଶ ଭାରତ ପାଇଁ ଅନୁକୂଳ ରହିଛି। ତେଣୁ ବର୍ତ୍ତମାନ ଭାରତ ଜାପାନକୁ ଟପିସାରିଛି। କେବଳ ଆମେରିକା, ଚାଇନା ଓ ଜର୍ମାନୀର ଅର୍ଥନୀତି ଭାରତଠାରୁ ବଡ଼ ରହିଛି। ଯୋଜନା ମୁତାବକ ସବୁ ଠିକ୍‌ଠାକ୍ ଚାଲିଲେ ଭାରତ ଖୁବ୍‌ଶୀଘ୍ର ତୃତୀୟ ବଡ଼ ଅର୍ଥନୀତି ହେବ।

> ଗତ ୧୦-୧୧ ବର୍ଷରେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ସଫଳ ନେତୃତ୍ୱ ଯୋଗୁ ଭାରତ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହୋଇଛି। ୨୦୪୭ରେ ସ୍ୱାଧୀନତା ପ୍ରାପ୍ତିର ଶତବାର୍ଷିକୀ ପାଳନ ବେଳେ ଆମେ ପ୍ରଥମ ସ୍ଥାନରେ ପହଞ୍ଚିସାରିଥିବା।
> **-ଜିତେନ୍ଦ୍ର ସିଂ, କେନ୍ଦ୍ରମନ୍ତ୍ରୀ**

### ବିଶ୍ୱର ୧୦ ବୃହତ୍ ଅର୍ଥନୀତି

୨୦୨୫ ପାଇଁ ଆଇଏମ୍‌ଏଫ୍ ପକ୍ଷରୁ କରାଯାଇଥିବା ଜିଡିପି ଅନୁମାନ (ନିୟୁତ ଡଲାରରେ)

| ଦେଶ | ଆକଳନ |
| --- | --- |
| ୧. ଅମେରିକା | ୩୦,୫୦୭,୨୧୭ |
| ୨. ଚାଇନା | ୧୯,୨୩୧,୭୦୫ |
| ୩. ଜର୍ମାନୀ | ୪,୭୪୪,୮୦୪ |
| ୪. ଭାରତ | ୪,୧୮୭, ୦୧୭ |
| ୫. ଜାପାନ | ୪,୧୮୬,୪୩୧ |
| ୬. ବ୍ରିଟେନ୍ | ୩,୮୩୯,୧୮୦ |
| ୭. ଫ୍ରାନ୍ସ | ୩,୨୧୧,୨୯୨ |
| ୮. ଇଟାଲୀ | ୨,୪୨୨,୮୫୫ |
| ୯. କାନାଡା | ୨,୨୨୫,୩୪୧ |
| ୧୦. ବ୍ରାଜିଲ | ୨,୧୨୫,୯୫୮ |

### ରୁଷିଆ ଆକ୍ରମଣରେ ୧୩ ୟୁକ୍ରେନୀୟ ନିହତ

କିଭ୍, ୨୫।୫

ରୁଷିଆ ପକ୍ଷରୁ ଶନିବାର ବିଳମ୍ବିତ ରାତିରେ ୟୁକ୍ରେନ୍‌ର ବିଭିନ୍ନ ସହରରେ ଏୟାର ଷ୍ଟ୍ରାଇକ୍ କରାଯାଇଛି। ରୁଷୀୟ ସେନା ୩୬୭ ମିଶାଇଲ ଏବଂ ଡ୍ରୋନ୍ ଛାଡ଼ିଥିବା ନେଇ ୟୁକ୍ରେନ୍ କହିଛି। ୟୁକ୍ରେନର ରାଜଧାନୀ କିଭ୍ ସମେତ ଖାର୍କିଭ, ମାଇକୋଲାଇବ, ଟେର୍ନୋପର୍ନ, ଖମେଲନିସ୍କି, ଜାଇଟୋମିର ଆଦି ସହରକୁ ଟାର୍ଗେଟ କରି ରୁଷିଆ ଏୟାର ଷ୍ଟ୍ରାଇକ୍ କରିଛି। ୟୁକ୍ରେନୀୟ ବାୟୁସେନା ୨୬୬ଟି ଡ୍ରୋନ୍ ଏବଂ ୪୫ଟି ମିଶାଇଲକୁ ଖସାଇଦେଇଥିଲେ ମଧ୍ୟ ଦେଶରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଜାଇଟୋମିର ସହରରେ ୩ ଶିଶୁଙ୍କୁ ମିଶାଇ ୧୩ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଏକାଧିକ ଲୋକ ଆହତ ହୋଇଛନ୍ତି। ରାଜଧାନୀ କିଭ୍‌ରେ ୧୧ ଜଣ ଆହତ ହୋଇଛନ୍ତି। ଗତ ସପ୍ତାହରେ ଇସ୍ତାନବୁଲରେ ଉଭୟ ପକ୍ଷଙ୍କ ମଧ୍ୟରେ ହୋଇଥିବା ଶାନ୍ତି ଆଲୋଚନା ଅନୁଯାୟୀ, ଶୁକ୍ରବାର ୨ ଦେଶ ପରସ୍ପର ମଧ୍ୟରେ ୩୯୦ ବନ୍ଦୀ ଆଦାନପ୍ରଦାନ କରିଥିବାବେଳେ ଶନିବାର ଆଉ ୩୦୭ ଜଣ ଲେଖାଏଁ ବନ୍ଦୀଙ୍କୁ ମୁକ୍ତ କରଥିଲେ। ଏହାର ଠିକ୍ ପରେ ୟୁକ୍ରେନ୍‌ର ବିଭିନ୍ନ ସହରରେ ରୁଷୀୟ ସେନା ଏୟାର ଷ୍ଟ୍ରାଇକ୍ କରିଛି।



ପୋଲାଣ୍ଡ ରାଷ୍ଟ୍ରପତି ନିର୍ବାଚନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମତଦାନର ସପ୍ତାହେ ପୂର୍ବରୁ ଆଗୁଆ ଥିବା ୱାର୍ସ ମେୟର ତଥା ଶାସକ ସିଭିକ୍ କୋଲିଶନ୍ ମେଣ୍ଟର ପ୍ରାର୍ଥୀ ରାଫାଲ ରାକୋୱସ୍କିଙ୍କ ସମର୍ଥକମାନେ ପ୍ରଚାର ବେଳେ ତାଙ୍କ ଫଟୋ ଧରି ଶୋଭାଯାତ୍ରା କରୁଛନ୍ତି।

## ଅଣୁଅସ୍ତ୍ରର ଆଧୁନିକୀକରଣ କରୁଛି ପାକିସ୍ତାନ

### ଆମେରିକା ଗୋଇନ୍ଦା ରିପୋର୍ଟ

ୱାଶିଂଟନ, ୨୫।୫

ଭାରତକୁ 'ଅସ୍ତିତ୍ୱଗତ ବିପଦ' ବିବେଚନା କରି ପାକିସ୍ତାନ ଏହାର ଅଣୁଅସ୍ତ୍ରର ଆଧୁନିକୀକରଣ କରୁଥିବା ଆମେରିକାର ପ୍ରତିରକ୍ଷା ଗୁଇନ୍ଦା ସଂସ୍ଥା (ଡିଆଇଏ) କହିଛି। ୨୦୨୫ ବର୍ଷ ପାଇଁ ଡିଆଇଏର ବିଶ୍ୱବ୍ୟାପୀ ବିପଦ ଆକଳନ ରିପୋର୍ଟ ଅନୁଯାୟୀ, ପାକିସ୍ତାନ ଭାରତକୁ ଏହାର ଅସ୍ତିତ୍ୱଗତ ବିପଦ ବିବେଚନା କରୁଥିବାବେଳେ ଭାରତ ଚାଇନାକୁ ଏହାର 'ପ୍ରାଥମିକ ପ୍ରତିଦ୍ୱନ୍ଦ୍ୱୀ' ଏବଂ ପାକିସ୍ତାନକୁ ଅଧିକତଃ ଏକ ଆନୁଷଙ୍ଗିକ ସୁରକ୍ଷା ସମସ୍ୟା ଭାବେ ଦେଖୁଛି। ଭାରତର ପାରମ୍ପରିକ ସାମରିକ ସାମର୍ଥ୍ୟକୁ ନେଇ ବିବ୍ରତ ଥିବା ପାକିସ୍ତାନ ଏହାର ଯୁଦ୍ଧକ୍ଷେତ୍ର ଅଣୁଅସ୍ତ୍ରର ବିକାଶ ସମେତ ସେନାର ଆଧୁନିକୀକରଣ ଜାରି ରଖିଛି। ଇସ୍‌ଲାମାବାଦ ଅଣୁଅସ୍ତ୍ରର ଉନ୍ନତୀକରଣ କରିବା ସହ ଆଣବିକ ସାମଗ୍ରୀ ଓ କମାଣ୍ଡ ସିଷ୍ଟମର ପରିଚାଳନାକୁ କଡ଼ାକଡ଼ି କରିଛି। ପାକିସ୍ତାନ ନିଶ୍ଚିତ ଭାବେ ବିଦେଶୀ ଯୋଗାଣକାରୀ ଏବଂ ମଧ୍ୟସ୍ଥଙ୍କ ଜରିଆରେ ଗଣବିଧ୍ୱଂସୀ ଅସ୍ତ୍ର (ଡବ୍ଲ୍ୟୁଏମ୍‌ଡି) ପାଇଁ ଉପଯୋଗୀ ସାମଗ୍ରୀ ହାସଲ କରିଥିବା ରିପୋର୍ଟରେ କୁହାଯାଇଛି।

ରିପୋର୍ଟରେ ଆହୁରି ଉଲ୍ଲେଖ ରହିଛି ଯେ, ଚାଇନା ପାକିସ୍ତାନର ମୁଖ୍ୟ ଅର୍ଥନୈତିକ ଓ ସାମରିକ ସହଯୋଗୀ ରହିଆସିଛି। ପ୍ରତିବର୍ଷ ଉଭୟ ଦେଶ ଅନେକ ମିଳିତ ସମରାଭ୍ୟାସ କରୁଛନ୍ତି। ପାକିସ୍ତାନର ଗଣବିଧ୍ୱଂସୀ ଅସ୍ତ୍ର କାର୍ଯ୍ୟକ୍ରମ ପାଇଁ ଚାଇନାରୁ ଉପକରଣ ଓ ପ୍ରଯୁକ୍ତି ଯୋଗାଇ ଦିଆଯାଉଥିବାବେଳେ ବେଳେବେଳେ ସେଗୁଡ଼ିକ ହଂକଂ, ସିଙ୍ଗାପୁର, ତୁର୍କୀ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ ଦେଇ ଆସୁଛି। ଅନ୍ୟପକ୍ଷରେ ପାକିସ୍ତାନରେ ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡର ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ୭ ଚାଇନା ନାଗରିକ ୨୦୨୪ ଆତଙ୍କବାଦୀ ଆକ୍ରମଣରେ ନିହତ ହେବା ପରେ ଦୁଇଦେଶ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ପଡ଼ୋଶୀ ଦେଶଗୁଡ଼ିକ ସହ ସୀମାପାର ସଂଘର୍ଷର ମୁକାବିଲା, ତେହେରିକ୍-ଇ-ତାଲିବାନ ପାକିସ୍ତାନ ଏବଂ ବେଲୋଚ ଉଗ୍ରପନ୍ଥୀଙ୍କ ଆକ୍ରମଣର ଜବାବ ଦେବା, ଆତଙ୍କବାଦ ନିରୋଧୀ କାର୍ଯ୍ୟ ପରିଚାଳନା ଏବଂ ଅଣୁଅସ୍ତ୍ରର ଆଧୁନିକୀକରଣ ଜାରି ରଖିବାକୁ ପାକିସ୍ତାନ ସେନା ପ୍ରାଥମିକତା ଦେଉଛି। ଏହା ସତ୍ତ୍ୱେ ୨୦୨୪ରେ ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣରେ ୨,୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟରେ କୁହାଯାଇଛି।

## ପ୍ରଯୁକ୍ତି ନିଯୁକ୍ତିରେ ଏଆଇ ବାଧକ

### ସତର୍କ କରାଇଲେ ଗୁଗଲ ଡିପ୍‌ମାଇଣ୍ଡ ସିଇଓ

ଲଣ୍ଡନ, ୨୫।୫

ଧୀରେ ଧୀରେ ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର ବଢ଼ିବାରେ ଲାଗିଛି। ଆଗାମୀ ୫ ବର୍ଷ ମଧ୍ୟରେ ପ୍ରଯୁକ୍ତିବିଦ୍ୟା ଶିଳ୍ପରେ ନିଯୁକ୍ତିକୁ ଏଆଇ ବାଧାପ୍ରାପ୍ତ କରିବ ବୋଲି ରବିବାର ବ୍ରିଟିଶ୍-ଆମେରିକୀୟ ଏଆଇ ରିସର୍ଚ୍ଚ ଲାବୋରେଟୋରି 'ଗୁଗଲ ଡିପ୍‌ମାଇଣ୍ଡ'ର ସିଇଓ ଡେମିସ୍ ହାସାବିସ୍ ସତର୍କ କରାଇଛନ୍ତି। ଲୋକପ୍ରିୟ ଟେକ୍ ପୋଡ୍‌କାଷ୍ଟ 'ହାର୍ଡ ଫୋର୍କ'ରେ ଯୋଗଦେଇ ଡେମିସ୍ କହିଛନ୍ତି, ଆଗାମୀ ଦିନରେ ଏଆଇ ଯୋଗୁ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଭିନ୍ନ ନିଯୁକ୍ତି ପ୍ରଭାବିତ ହେବ। ତେଣୁ ଏବେଠାରୁ ହିଁ ଏଆଇ ଚାଳିତ ବିଶ୍ୱ ସହ ଖାପ ଖୁଆଇବା ଆରମ୍ଭ କରିବାକୁ ସମ୍ପ୍ରତି କିଶୋର ଅବସ୍ଥାରେ ଥିବା ଛାତ୍ରୀଛାତ୍ରଙ୍କୁ ସେ ଉପଦେଶ ଦେଇଛନ୍ତି। ଏପରି ନ କଲେ ସେମାନେ ଆଗାମୀ ଦିନରେ ବହୁ ପଛରେ ପଡ଼ିଯିବେ ବୋଲି ଡେମିସ୍ କହିଛନ୍ତି।


ଡେମିସ୍ ହାସାବିସ୍

ସେ ଆହୁରି କହିଛନ୍ତି, ଆଗାମୀ ୫ରୁ ୧୦ ବର୍ଷ ମଧ୍ୟରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି, ଯାହାଫଳରେ କିଛି ନିଯୁକ୍ତି ନିଶ୍ଚିତ ଭାବେ ବାଧାପ୍ରାପ୍ତ ହେବ। ତେବେ ଆଗାମୀ ଦିନରେ ଟେକ୍-ଇଣ୍ଡଷ୍ଟ୍ରିରେ ଅନେକ ନୂତନ, ମୂଲ୍ୟବାନ ଏବଂ ଆକର୍ଷଣୀୟ ନିଯୁକ୍ତି ମଧ୍ୟ ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଯଥାଶୀଘ୍ର ବିଭିନ୍ନ ଏଆଇ ଟୁଲ୍ସ ଏବଂ କନ୍‌ସେପ୍ଟ ସହ ପରିଚିତ ହେବାକୁ ସେ ଯୁବପିଢ଼ିଙ୍କୁ ପରାମର୍ଶ କରିଛନ୍ତି। ଡେମିସ୍ କହିଛନ୍ତି, ଏଆଇ ଆମମାନଙ୍କ ସହ ଦୀର୍ଘ ଦିନ ପର୍ଯ୍ୟନ୍ତ ସ୍ଥାୟୀ ଭାବରେ ରହିବ ଏବଂ ଭବିଷ୍ୟତରେ ଏହାକୁ ନେଇ ପ୍ରତିଯୋଗିତା ମଧ୍ୟ ବଢ଼ିବ। ବିଭିନ୍ନ ଏଆଇ ଟୁଲ୍ସଗୁଡ଼ିକ କିପରି କାର୍ଯ୍ୟ କରେ ଏବଂ ସେଗୁଡ଼ିକୁ କେଉଁ ଉପାୟରେ ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରାଯାଇପାରିବ ସେ ସମ୍ପର୍କରେ ଛାତ୍ରୀଛାତ୍ର ଜ୍ଞାନ ଆରୋହଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଅପରେଶନ ସିନ୍ଦୂର ପରିବର୍ତ୍ତିତ ଭାରତର ପ୍ରତିଫଳନ

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ନୂଆଦିଲ୍ଲୀ, ୨୫।୫(ପି.ଟି.)

ଅପରେଶନ ସିନ୍ଦୂର କେବଳ ଏକ ସାମରିକ ମିଶନ ନ ଥିଲା, ବରଂ ପରିବର୍ତ୍ତିତ ଭାରତର ଛବି ଥିଲା, ଯାହାକି ବିଶ୍ୱ ମଞ୍ଚରେ ଦେଶର ସଂକଳ୍ପ, ସାହସ ଏବଂ ବର୍ଦ୍ଧିତ ଶକ୍ତିର ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି। ମନ୍ କୀ ବାତ୍ ମାସିକ ରେଡିଓ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି, ଅପରେଶନ ସିନ୍ଦୂର ଆତଙ୍କବାଦ ବିରୋଧରେ ବୈଶ୍ୱିକ ଲଢ଼େଇର ଏକ ନୂଆ ମୋଡ଼ ଏବଂ ଭାରତର ବର୍ଦ୍ଧିତ ସାମର୍ଥ୍ୟ ଓ ଉଦ୍ଦେଶ୍ୟର ସ୍ୱଷ୍ଟତାର ସଙ୍କେତ। ଏପ୍ରିଲ ୨୨ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ମେ' ୬-୭ ତାରିଖ ରାତିରେ ଅପରେଶନ ସିନ୍ଦୂର ଜରିଆରେ ଭାରତୀୟ ସେନା ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ଲଶ୍କର-ଇ-ତୋଇବା, ଜୈଶ-ଇ-ମହମ୍ମଦ ଏବଂ ହିଜ୍‌ବୁଲ ମୁଜାହିଦ୍ଦିନର ମୁଖ୍ୟାଳୟ ସମେତ ଆତଙ୍କବାଦ ଭିତ୍ତିଭୂମିକୁ ଧ୍ୱଂସ କରିଥିଲା। ଆଜି ସାରା ଦେଶ ଆତଙ୍କବାଦ ବିରୋଧରେ କ୍ରୋଧ ଓ ଦୃଢ଼ ସଂକଳ୍ପର ସହ ଏକାଠି ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ସେହିପରି ମାଓବାଦ ବିରୋଧରେ ସାମୂହିକ ଲଢ଼େଇ ଫଳପ୍ରଦ ହୋଇଛି। ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ଏବେ ଶିକ୍ଷା ଓ ବିକାଶର ଅଗ୍ରଗତି ହୋଇଛି। ପୂର୍ବରୁ ମାଓବାଦୀଙ୍କ କବଳରେ ଥିବା ମହାରାଷ୍ଟ୍ରର ଗଡ଼ଚିରାଲି ଜିଲାର କାଟେଝରି ଏବଂ ଛତିଶଗଡ଼ର ଦାନ୍ତେୱାଡ଼ା ଭଳି ଅପହଞ୍ଚ ଅଞ୍ଚଳରେ ଏବେ ଶିକ୍ଷା, ବସ୍ ସେବା ଭଳି ମୌଳିକ ସୁବିଧା ଉପଲବ୍ଧ ହେଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଗୁଜରାଟର ଗିର୍ ଜଙ୍ଗଲରେ ମାତ୍ର ୫ ବର୍ଷ ମଧ୍ୟରେ ସିଂହ ସଂଖ୍ୟା ୬୭୪ରୁ ୮୯୧କୁ ବଢ଼ିଥିବାରୁ ଏହା ଅତ୍ୟନ୍ତ ଉତ୍ସାହଜନକ ବୋଲି ମୋଦି କହିଛନ୍ତି। ୧୧ ଜିଲାର ୩୫ ହଜାର ବର୍ଗ କିଲୋମିଟର ଅଞ୍ଚଳରେ ସିଂହ ଗଣନା କରାଯାଇଥିଲା। ଏଥିପାଇଁ ପ୍ରଧାନମନ୍ତ୍ରୀ ସ୍ଥାନୀୟ ସମ୍ପ୍ରଦାୟର ଭାଗୀଦାରି ତଥା ମହିଳାଙ୍କୁ ଜଙ୍ଗଲ ଅଧିକାରୀଭାବେ ନିୟୋଜିତ କରାଯିବାକୁ ପ୍ରଶଂସା କରିଛନ୍ତି।

## ଫୁରସତ୍

# ହୋଆଟ୍‌ଜିନ୍ ପକ୍ଷୀ ସବୁଠୁ ଦୁର୍ଗନ୍ଧଯୁକ୍ତ

ୱାଶିଂଟନ

ହୋଆଟ୍‌ଜିନ୍ ପକ୍ଷୀ ବିଶ୍ୱର ସବୁଠାରୁ ଦୁର୍ଗନ୍ଧଯୁକ୍ତ ପକ୍ଷୀ ଭାବେ ଜଣାଶୁଣା। ଅନ୍ୟ ପକ୍ଷୀମାନଙ୍କଠାରୁ ଏହାର ଅନେକ ଭିନ୍ନତା ରହିଛି। ପୃଥିବୀର ଏକମାତ୍ର ପକ୍ଷୀ ଭାବେ ହୋଆଟ୍‌ଜିନ୍‌ଠାରେ ଗାଈ ଏବଂ ଅନ୍ୟାନ୍ୟ ସ୍ତନ୍ୟପାୟୀ ପ୍ରାଣୀଙ୍କ ପରି ସ୍ୱତନ୍ତ୍ର ପାଚନ ତନ୍ତ୍ର ରହିଛି। ଏହି ଅସାଧାରଣ ପାଚନ ପ୍ରଣାଳୀ ଯୋଗୁ ହୋଆଟ୍‌ଜିନ୍ ପକ୍ଷୀକୁ ବିଶ୍ୱର ସବୁଠାରୁ ଦୁର୍ଗନ୍ଧଯୁକ୍ତ ପକ୍ଷୀ ଭାବେ ବିବେଚନା କରାଯାଇଥାଏ। ହୋଆଟ୍‌ଜିନ୍ ପକ୍ଷୀଙ୍କ ଗଳା ପାଖରେ ଏକ ଖାଦ୍ୟ ସଂରକ୍ଷଣ ପାଉଚ୍ ରହିଥାଏ, ଯାହାକୁ କ୍ରପ୍ କୁହାଯାଏ। ଏହି କ୍ରପ୍ ଖୁବ୍ କମ୍ ପରିମାଣର ଖାଦ୍ୟ ସଂରକ୍ଷଣ ପାଇଁ ବ୍ୟବହୃତ ହୋଇଥାଏ। ନିଜର ଅସାଧାରଣ ତଥା ଲମ୍ବା ପାଚନ ପ୍ରକ୍ରିୟା ସମୟରେ ଏହି ପକ୍ଷୀଙ୍କଠାରୁ ମିଥେନ୍ ଗ୍ୟାସ୍ ନିର୍ଗତ ହୋଇଥାଏ, ଯାହାଦ୍ୱାରା ସେମାନଙ୍କ ଶରୀରରୁ ଗୋବର ପରି ଗନ୍ଧ ସୃଷ୍ଟି ହୋଇଥାଏ। ତେଣୁ ଏହି ପକ୍ଷୀମାନଙ୍କୁ 'ଷ୍ଟିଙ୍କ୍‌ବାର୍ଡ'ର ନାମ ମଧ୍ୟ ଦିଆଯାଇଛି।



ଏହି ପକ୍ଷୀଗୁଡ଼ିକୁ ଆମାଜନ ଜଙ୍ଗଲର ବିଭିନ୍ନ କାଦୁଆ ଅଞ୍ଚଳ ଏବଂ ନଦୀଗୁଡ଼ିକରେ ଦେଖିବାକୁ ମିଳିଥାଏ। ହୋଆଟ୍‌ଜିନ୍ ପକ୍ଷୀମାନେ କେବଳ ଗଛପତ୍ର ଖାଇ ବଞ୍ଚିରୁହନ୍ତି। ସେହିପରି ଏହି ପକ୍ଷୀଙ୍କ ଛୁଆମାନେ ନଖଯୁକ୍ତ ଡେଣା ସହିତ ଜନ୍ମ ହୋଇଥାନ୍ତି।

ହୋଆଟ୍‌ଜିନ୍ ପକ୍ଷୀଙ୍କ ଗଳାର କ୍ରପ୍ ଏତେ ବଡ଼ ହୋଇଥାଏ ଯେ, ଏହି ପକ୍ଷୀଙ୍କ ଉଡ଼ାଣ ମାଂସପେଶୀ ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହି ନ ଥାଏ। ଫଳରେ ଏହି ପ୍ରଜାତିର ବୟସ୍କ ପକ୍ଷୀମାନେ କେବଳ ଅଳ୍ପ ସମୟ ପାଇଁ ଉଡ଼ିପାରିଥାନ୍ତି। ସାଧାରଣତଃ ଏହି ପକ୍ଷୀ ଗୋଟିଏ ଗଛରୁ ଅନ୍ୟ ଗଛକୁ ଉଡ଼ିପାରିଥାନ୍ତି। ସେହିପରି ଏହି ପକ୍ଷୀ ଗୋଟିଏ ଡାଳରୁ ଅନ୍ୟ ଡାଳକୁ ଡେଇଁ ପାରିଥାନ୍ତି। ସେମାନେ ନିଜ ଡେଣାରେ ଥିବା ନଖ ସାହାଯ୍ୟରେ ଡାଳକୁ ଜାବୁଡ଼ି ଧରି ଅନେକ ସମୟ ଧରି ରହିପାରିଥାନ୍ତି। ଏହି ପକ୍ଷୀଙ୍କ ଶରୀରରୁ ଆସୁଥିବା ଗୋବର ପରି ଗନ୍ଧ ସେମାନଙ୍କୁ ଶିକାରୀମାନଙ୍କଠାରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ।

## 'ଧଡ଼କ ୨'କୁ ସେନ୍ସରବୋର୍ଡ ଝଟକା

ମୁମ୍ବାଇ

ଗତବର୍ଷ ମେ' ମାସରେ 'ଧଡ଼କ ୨' ଫିଲ୍ମର ଘୋଷଣା ହୋଇଥିଲା। ୨୦୨୪ ଶେଷ ଭାଗରେ ଏହି ଫିଲ୍ମ ରିଲିଜ୍ ହେବାକୁ ଥିବାବେଳେ ସେନ୍ସର ବୋର୍ଡରୁ ଗ୍ରୀନ୍ ସିଗ୍‌ନାଲ ମିଳି ନ ଥିବାରୁ ଏହା ସମ୍ଭବ ହୋଇପାରି ନ ଥିଲା। ଲମ୍ବା ସମୟର ପ୍ରତୀକ୍ଷା ପରେ ଅଭିନେତ୍ରୀ ତୃପ୍ତି ଡିମ୍‌ରୀ ଏବଂ ଅଭିନେତା ସିଦ୍ଧାର୍ଥ ଚତୁର୍ବେଦୀଙ୍କ ଏହି ଫିଲ୍ମକୁ ଶନିବାର ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍ (ସିବିଏଫ୍‌ସି)ର ସାର୍ଟିଫିକେଟ ମିଳିଛି। ତେବେ ବିଭିନ୍ନ ଜାତୀୟ ଗଣମାଧ୍ୟମର ରିପୋର୍ଟ ମୁତାବକ, ଫିଲ୍ମର ୧୬ଟି ଦୃଶ୍ୟ ଉପରେ ସେନ୍ସର ବୋର୍ଡ ଆପତ୍ତି ଦର୍ଶାଇ ସେଗୁଡ଼ିକୁ ଫିଲ୍ମରୁ ହଟାଇ ଦେଇଛି। ଖାସ୍‌କରି ଫିଲ୍ମର କେତେକ ଜାତିଗତ ଡାଏଲଗ୍‌କୁ ହଟାଯାଇଥିବା ରିପୋର୍ଟରେ କୁହାଯାଇଛି। ଏହାପରେ ଯାଇ 'ଧଡ଼କ ୨'କୁ ୟୁଏ ୧୬+ ସାର୍ଟିଫିକେଟ ମିଳିଛି। ଫିଲ୍ମର ଅବଧି ୨ ଘଣ୍ଟା ୨୬ ମିନିଟ୍ ରହିଛି।

'ଧଡ଼କ ୨' ହେଉଛି ୨୦୧୮ରେ ରିଲିଜ୍ ହୋଇଥିବା ଅଭିନେତ୍ରୀ ଜାହ୍ନବୀ କପୁର ଏବଂ ଅଭିନେତା ଇଶାନ ଖଟ୍ଟରଙ୍କ 'ଧଡ଼କ' ଫିଲ୍ମର ସିକ୍ୱେଲ। ଏହି ଫିଲ୍ମରେ ତୃପ୍ତି ଏବଂ ସିଦ୍ଧାର୍ଥ ଅଲଗା ଅଲଗା ଜାତିର ହୋଇ ମଧ୍ୟ ପରସ୍ପରକୁ ଭଲ ପାଉଥିବାର ନଜରକୁ ଆସିବେ। ଲୋକଙ୍କ ମଧ୍ୟରେ ଜାତିଗତ ବିଦ୍ୱେଷ ଭାବନା ଭିତରେ ଉଭୟଙ୍କର ବିବାହ କିପରି ହେଉଛି, ସେନେଇ ଫିଲ୍ମର କାହାଣୀ ପର୍ଯ୍ୟବସିତ ବୋଲି ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି। ତେବେ କରନ୍ ଜୋହରଙ୍କ ନିର୍ମିତ ଏବଂ ସାଜିଆ ଇକ୍‌ବାଲଙ୍କ ନିର୍ଦ୍ଦେଶିତ 'ଧଡ଼କ ୨' ଫିଲ୍ମ କେବେ ରିଲିଜ୍ ହେବ ସେନେଇ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ।


ତୃପ୍ତି ଡିମ୍‌ରୀ

# ୭ଦିନ ଯାଏ ବର୍ଷା, ପବନ

ଭୁବନେଶ୍ୱର,୨୫।୫
(ଅନୁରାଧା ମହାରଣା)

ରାଜ୍ୟରେ ଏବେ ପ୍ରାକ୍ ମୌସୁମୀ ବର୍ଷା ହେଉଛି। ଏହା ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଜାରି ରହିବ। ଅଧିକାଂଶ ସ୍ଥାନରେ ବର୍ଷା ସହ ପବନ ମଧ୍ୟ ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ରବିବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାକୁ ମୌସୁମୀ ଆସିବାକୁ କିଛିଦିନ ଲାଗିବ। ଉତ୍ତରପୂର୍ବାଞ୍ଚଳ ରାଜ୍ୟ ପରେ ଓଡ଼ିଶାକୁ ମୌସୁମୀ ଆସିବ। ଅନ୍ୟପଟେ ୨୭ ତାରିଖ ବେଳକୁ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ହେଲେ ଏହା ବାତ୍ୟା ରୂପ ନେବାର ସମ୍ଭାବନା ନାହିଁ। ବାତ୍ୟା ନେଇ ଅପପ୍ରଚାର କରାଯାଉଥିବାରୁ ଏପରି ଗୁଜବଠାରୁ ସତର୍କ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ତେବେ ସୋମବାର ରାଜ୍ୟର ପ୍ରାୟ ୧୪ ଜିଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ଓ ପବନ ହେବାର ସମ୍ଭାବନା ରହିଛି। ପବନର ବେଗ ଘଣ୍ଟାପ୍ରତି ୬୦ କିମି ରହିପାରେ। ତେଣୁ ଏନେଇ ସମ୍ପୃକ୍ତ ଜିଲାଗୁଡ଼ିକୁ ସତର୍କ ସୂଚନା ଜାରି କରାଯାଇଛି। ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କୋରାପୁଟ, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ଓ ଗଜପତି ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ସେହିପରି ବଜ୍ରପାତ ନେଇ ୧୫ଜିଲା କେନ୍ଦ୍ରପଡ଼ା, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ସୋନପୁର, ବୌଦ୍ଧ, ବଲାଙ୍ଗୀର, ନବରଙ୍ଗପୁର ଓ ମାଲକାନଗିରିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।



ଆଜି ସାବିତ୍ରୀ ପୂଜା: ରବିବାର ସନ୍ଧ୍ୟାରେ ଭୁବନେଶ୍ୱରର କଳ୍ପନାଛକ ନିକଟ ଭେଣ୍ଡିଂ ଜୋନ ଫଳ ଦୋକାନରେ ଲୋକଙ୍କ ଭିଡ଼। (ଫଟୋ: ମନୋରଞ୍ଜନ ମିଶ୍ର)

# ଭୁବନେଶ୍ୱରରେ ଅଣ୍ଡରଗ୍ରାଉଣ୍ଡ୍‌ରେ ଗଡ଼ିବ ମେଟ୍ରୋ ଟ୍ରେନ୍

ଭୁବନେଶ୍ୱର,୨୫।୫(ବନ୍ଦନା ସେଠୀ)

କୋଲକାତା ଭଳି ଭୁବନେଶ୍ୱରରେ ମେଟ୍ରୋ ଟ୍ରେନ୍ ଅଣ୍ଡରଗ୍ରାଉଣ୍ଡ୍‌ରେ ଚଳାଚଳ କରିବ। ପୂର୍ବରୁ ବ୍ରିଜ୍ ଉପରେ ମେଟ୍ରୋ ଟ୍ରେନ ଚାଲିବ ବୋଲି ସୂଚନା ଦିଆଯାଇଥିଲା ଓ ସେହି ଅନୁସାରେ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ଏବେ ରାଜ୍ୟ ସରକାର ଉକ୍ତ ନିଷ୍ପତ୍ତିରେ ପରିବର୍ତ୍ତନ କରି ମାଟି ତଳେ ମେଟ୍ରୋ ସେବା ପ୍ରଦାନ କରିବାକୁ ଯୋଜନା କରୁଛନ୍ତି। ଏଥିପାଇଁ ପ୍ରାୟତଃ ପ୍ରସ୍ତୁତି ସମ୍ପର୍କିତ ଆଲୋଚନା ହୋଇସାରିଛି। ବହୁ ପ୍ରତୀକ୍ଷିତ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ଅପ୍‌ଡେଟ୍ ଦେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟ ରାଜଧାନୀ ଭୁବନେଶ୍ୱରର ଜନସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ସେହି ଅନୁପାତରେ ଜନଗହଳି ସହିତ ଗାଡ଼ିମୋଟର ମଧ୍ୟ ବୃଦ୍ଧି ପାଉଛି। ଭୁବନେଶ୍ୱରରେ ଯେଉଁଭଳି ଭାବେ ଦିନକୁ ଦିନ ଭିଡ଼ ନିୟନ୍ତ୍ରଣ ବାହାରକୁ ଯାଉଛି, ତାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବଡ଼ ପ୍ଲାନ୍ କରିଛନ୍ତି। ସେଥିପାଇଁ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ଅଣ୍ଡରଗ୍ରାଉଣ୍ଡ କରାଯିବାକୁ ନିଷ୍ପତ୍ତି ହୋଇଥିବା ମନ୍ତ୍ରୀ କହିଛନ୍ତି।

ଭୁବନେଶ୍ୱରରେ ପ୍ରସ୍ତାବିତ ମେଟ୍ରୋ ରେଳ ପାଇଁ ପୂର୍ବ ସରକାରରେ ମୂଳଦୁଆ ପଡିଥିଲା। ୨୦୨୪ ଜାନୁଆରୀ ପହିଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତ୍ରିଶୂଳିଆ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ ପାଇଁ ମୋଟ ୬୨୫୫କୋଟି ଟଙ୍କା ବ୍ୟୟବରାଦ ହୋଇଛି। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏୟାରପୋର୍ଟଠାରୁ ତ୍ରିଶୂଳିଆ ଛକ ପର୍ଯ୍ୟନ୍ତ ୨୬ କିଲୋମିଟର ପର୍ଯ୍ୟନ୍ତ ଏହି ମେଟ୍ରୋ ରେଳ ଚାଲିବ। ପରବର୍ତ୍ତୀ ପର୍ଯ୍ୟାୟରେ ତ୍ରିଶୂଳିଆ ଦେଇ କଟକ ଖାନ୍‌ନଗରସ୍ଥିତ ନେତାଜୀ ବସ୍ ଟର୍ମିନାଲ ଓ ଏସ୍‌ସିବି ବଡ଼ ମେଡିକାଲ ପର୍ଯ୍ୟନ୍ତ ଚଳାଚଳ କରିବ। ଏପରିକି ପୁରୀ ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ୍ ସମ୍ପ୍ରସାରଣ ଲାଗି ମଧ୍ୟ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ ମୋଟ ୨୨ଟି ଷ୍ଟେଶନ କାର୍ଯ୍ୟକ୍ଷମ ହେବ। ରାଜମହଲ, ଜୟଦେବ ବିହାର, କ୍ୟାପିଟାଲ ହସ୍ପିଟାଲ, ପଟିଆ ଆଦି ପ୍ରମୁଖ ସ୍ଥାନ ସହ ଅନ୍ୟ ସ୍ଥାନରେ ଷ୍ଟେଶନ ରହିବ। ତେବେ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ନିର୍ମାଣ କାମ ୨୦୨୭ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ଖୁବ୍‌ଶୀଘ୍ର ଶୂନ ଦୁର୍ଘଟଣା ଦିବସ କାର୍ଯ୍ୟକ୍ରମ ଆରମ୍ଭ ହେବ



ବୈଠକରେ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ, ପରିବହନ କମିଶନର ଅମିତାଭ ଠାକୁର ଏବଂ ଆଇଆଇଟି ମାଡ୍ରାସର ପ୍ରଫେସର ଭେଙ୍କଟେଶ ବାଲସୁବ୍ରମଣ୍ୟମଙ୍କ ସହ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର,୨୪।୫
(ଅନୁରାଧା ମହାରଣା)

ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ବିଭିନ୍ନ ସଡ଼କ ସୁରକ୍ଷା ପଦକ୍ଷେପ ବିଷୟରେ ଆଲୋଚନା ଏବଂ ସମୀକ୍ଷା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିବହନ କମିଶନର ଅମିତାଭ ଠାକୁର ଏବଂ ଆଇଆଇଟି ମାଡ୍ରାସର ସଡ଼କ ସୁରକ୍ଷା ପରାମର୍ଶଦାତା ପ୍ରଫେସର ଭେଙ୍କଟେଶ ବାଲସୁବ୍ରମଣ୍ୟମଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ହ୍ରାସ ଏବଂ ସୁରକ୍ଷିତ ଗାଡ଼ି ଚାଳନା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ରାଜ୍ୟର ସଡ଼କ ସୁରକ୍ଷା ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଶୂନ ଦୁର୍ଘଟଣା ଦିବସ (ଜେଡ୍‌ଏଡି) କାର୍ଯ୍ୟକ୍ରମ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏହାସହିତ ଆଇଆଇଟି ମାଡ୍ରାସ ପକ୍ଷରୁ ପ୍ରସ୍ତାବିତ ଚିନ୍ତନ ଶିବିର କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ସହଯୋଗ କରାଯିବ। ଦକ୍ଷତା ବିକାଶ ଏବଂ ତାଲିମ କାର୍ଯ୍ୟକ୍ରମ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ପ୍ରଫେସର ଭେଙ୍କଟେଶ ବାଲାସୁବ୍ରମଣ୍ୟମ୍ ମାଷ୍ଟର ଟ୍ରେନର, ତଦନ୍ତ ଅଧିକାରୀ, ସ୍ୱାସ୍ଥ୍ୟସେବା ବୃତ୍ତିଗତ, ଶିକ୍ଷକ ପ୍ରମୁଖଙ୍କ ପାଇଁ ମାନସ ମନ୍ଥନ ଅଧିବେଶନ ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମଗୁଡ଼ିକର ଲକ୍ଷ୍ୟ ସଡ଼କ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ଦୁର୍ଘଟଣା ହ୍ରାସ କରିବା ପାଇଁ ଅଂଶୀଦାରମାନଙ୍କ ଦକ୍ଷତା ଓ ଜ୍ଞାନକୁ ବୃଦ୍ଧି କରିବା। ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ରଣନୀତି ବିକାଶ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା, ଯେଉଁଥିରେ ବିଭାଗକୁ ସଡ଼କ ସୁରକ୍ଷା ଦିଗରେ ବ୍ୟାପକ ସାମଗ୍ରୀ ଦାଖଲ କରିବା ଉପରେ ଧ୍ୟାନ ଦିଆଯାଇଥିଲା। ଦୈନିକ ତଥ୍ୟ ସମୀକ୍ଷା ଏବଂ ତଦାରଖ ପାଇଁ ଓଡ଼ିଶା ଲାଗି ଏକ ସରଳ, ଗତିଶୀଳ ଡ୍ୟାସବୋର୍ଡ ପ୍ରସ୍ତୁତି ପାଇଁ ଅନୁରୋଧ କରାଯାଇଥିଲା। ଏହା ସଡ଼କ ସୁରକ୍ଷାର ଉନ୍ନତି ଟ୍ରାକ୍ କରିବା, ଉପୁଜୁଥିବା ସମସ୍ୟାର କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ଏବଂ ତଥ୍ୟଚାଳିତ ନିଷ୍ପତ୍ତି ଗ୍ରହଣକୁ ସୂଚିତ କରିବାରେ ସାହାଯ୍ୟ କରିବ।

# ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍‌ରେ ଗଞ୍ଜାମର ହର୍ଷବର୍ଦ୍ଧନ

ବ୍ରହ୍ମପୁର,୨୫।୫
(ସୁବାସ ଚନ୍ଦ୍ର ପାଢ଼ୀ)




ହର୍ଷବର୍ଦ୍ଧନ ସାହୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ କହିଛନ୍ତି ଯେ, ଭାରତ କ୍ରୀଡ଼ା କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିବା ସହିତ ସୁନାମ ଅର୍ଜନ କରିବାକୁ ଯାଉଛି। ଓଡ଼ିଶାର ହର୍ଷବର୍ଦ୍ଧନ ସାହୁଙ୍କ ନାଁ ନେଇ ସେ କହିଲେ ଯେ, ଜଣେ ୯ମ ଶ୍ରେଣୀର ଛାତ୍ର ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ଭାଗନେଇ ରେକର୍ଡ କରିଛନ୍ତି। ହର୍ଷବର୍ଦ୍ଧନ ପୂର୍ବ ରେକର୍ଡ ଭାଙ୍ଗି ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ଏଥିରୁ ଏହା ପ୍ରମାଣିତ ହୋଇଛି। ହର୍ଷବର୍ଦ୍ଧନଙ୍କ ଘର ଗଞ୍ଜାମ ଜିଲା ବ୍ରହ୍ମପୁର ସହରର ହରିଡାଖଣ୍ଡିସ୍ଥିତ ଶାନ୍ତିନଗର। ସେ କେ.ସି.ଟାଉନ ହାଇସ୍କୁଲରେ ୯ମ ଶ୍ରେଣୀର ଛାତ୍ର ଥିଲେ। ଗତ ୯ରୁ ୧୪ ତାରିଖ ମଧ୍ୟରେ ବିହାରର ରାଜଗିରିରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଅନୁଷ୍ଠିତ ହୋଇଥିଲା। ସେ ଭାରୋତ୍ତୋଳନରେ ଭାଗ ନେଇଥିଲେ। କ୍ଲିନ ଆଣ୍ଡ ଜର୍କରେ ୧୧୫ କେଜି ଉଠାଇ ରେକର୍ଡ କରିଥିଲେ। ପୂର୍ବରୁ ୧୧୪ କେଜି ଥିଲା। ମୋଟ ଉପରେ ସେ ୨୦୩ କେଜି ଉଠାଇ ରେକର୍ଡ କରିଥିଲେ। ଓଡ଼ିଶାର ଜଣେ ପିଲା ଏଭଳି ପ୍ରତିଭା ଦେଖାଇବା ଦେଶ ପାଇଁ ଶୁଭଙ୍କର। ସେ ଅନ୍ତର୍ଜାତୀୟ ସ୍ତରରେ ଆଗକୁ ସୁନାମ ଆଣିବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଶୁଣିବା ପରେ ବହୁତ ଖୁସି ଲାଗୁଛି ବୋଲି ହର୍ଷବର୍ଦ୍ଧନଙ୍କ କୋଚ ଜିତେନ୍ଦ୍ର କୁମାର ସାହୁ, ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ଗଞ୍ଜାମ ମାଟିର ଗୌରବ କେ.ରବି କୁମାର କହିଛନ୍ତି। ଏହା ନିଶ୍ଚିତ ଭାବେ ଗଞ୍ଜାମ ପାଇଁ ଗୌରବ। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୩୦ ତାରିଖରୁ ଏପ୍ରିଲ ୧ ପର୍ଯ୍ୟନ୍ତ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ହର୍ଷବର୍ଦ୍ଧନ ୩ଟି କାଂସ୍ୟ ପଦକ ପାଇଥିଲେ। ତାଙ୍କ ବାପା ଜଣେ ଦିନମଜୁରିଆ। ସେ ମଧ୍ୟ ଭାରୋତ୍ତୋଳନ କରୁଥିଲେ। ଜେଜେ ପଥର ଡମ୍ବଲ୍ସ ଉଠାଉଥିଲେ ବୋଲି କେ.ରବି କୁମାର କହିଛନ୍ତି।

# ଶିବଗଙ୍ଗାରେ ବୁଡ଼ି ଯୁବକ ମୃତ

ଧୁଷୁରୀ,୨୫।୫(ଦୀପ୍ତିରଞ୍ଜନ ନାୟକ)

ଅଧାରହିଗଲା ବାବା ଆଖଣ୍ଡଳମଣିଙ୍କ ଦର୍ଶନ। ବାବାମଣିଙ୍କ ଦର୍ଶନ ପୂର୍ବରୁ ଚାଲିଗଲା ଜଣେ ଯୁବକଙ୍କ ଜୀବନ। ରବିବାର ସକାଳେ ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ଏଭଳି ଏକ ଦୁଃଖଦ ଘଟଣା ଘଟିଯାଇଛି। ମୃତ ଯୁବକ ହେଲେ ଧାମ୍‌ନଗର ଥାନା ଅଧୀନ ସୋହଡ଼ା ଗ୍ରାମର ଦେବବ୍ରତ ମିଶ୍ର(୨୧)।

ସୂଚନା ଅନୁଯାୟୀ, ଦେବବ୍ରତ ୩ ଜଣ ସାଙ୍ଗଙ୍କ ସହ ମିଶି ୨ଟି ବାଇକ୍‌ରେ ଆଖଣ୍ଡଳମଣି ପୀଠ ଆରଡ଼ିକୁ ଆସିଥିଲେ। ସକାଳ ୬ଟା ୩୦ରେ ପୀଠ ନିକଟ ଶିବଗଙ୍ଗା ପୁଷ୍କରିଣୀରେ ସେମାନେ ଗାଧୋଉଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ଦେବବ୍ରତ ପାଣିରେ ବୁଡ଼ିଯାଇଥିଲେ। ଅନ୍ୟ ସାଙ୍ଗମାନେ ତାଙ୍କୁ ଉଦ୍ଧାରକରି ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆରଡ଼ି ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଧୁଷୁରୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୦୨୫) ରୁଜୁ ହୋଇଛି। ପ୍ରକାଶ ଯେ, ଦେବବ୍ରତ ମା'ବାପାଙ୍କର ଏକମାତ୍ର ସନ୍ତାନ ଥିଲେ। ସେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ ବିସିଏ ଛାତ୍ର ଥିଲେ।

# ବଜ୍ରପାତରେ ଜଣେ ମୃତ

କୋଟପାଡ଼,୨୫।୫
(କେ. ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ବ୍ଲକ ଏସ୍‌ବି ନୂଆଗାଁ ପଞ୍ଚାୟତ ଅଞ୍ଚଳରେ ବଜ୍ରପାତରେ ରବିବାର ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୁମାହାଣ୍ଡି ଗ୍ରାମର ବଳରାମ ଭୂମିଆ(୪୫)। ସୂଚନା ଅନୁଯାୟୀ, କୋଟପାଡ଼ ଅଞ୍ଚଳରେ ଗତ କିଛିଦିନ ଧରି ଘଡ଼ଘଡ଼ି ସହ ବର୍ଷା ଲାଗି ରହିଥିବା ବେଳେ ଅନେକ ସ୍ଥାନରେ ବଜ୍ରପାତ ହୋଇଥିଲା। ବଳରାମ କୌଣସି କାମରେ ଏସ୍‌ବି ନୂଆଗାଁକୁ ସାଇକେଲ ଯୋଗେ ଯାଉଥିବା ବେଳେ ଡଙ୍ଗରୀଗୁଡ଼ା ନିକଟରେ ବଜ୍ରପାତ ହେବାରୁ ସେ ରାସ୍ତାମଝିରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ କୋଟପାଡ଼ ପୋଲିସ ପହଞ୍ଚି ତଦନ୍ତ କରୁଛି।

# ମାଈହାତୀର ଗଳିତ ମୃତଦେହ ଠାବ

କେନ୍ଦୁଝର,୨୫।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ଅଧୀନ ତାଳପଦା ସେକ୍ସନ ଓରିଆ ବିଟ୍ ତମାଙ୍ଗ ଗାଁ ନିକଟ ସଂରକ୍ଷିତ ଜଙ୍ଗଲରେ ରବିବାର ଏକ ମାଈହାତୀର ଗଳିତ ମୃତଦେହ ଠାବ ହୋଇଛି। ହାତୀର ବୟସ ୧୮ ରୁ ୨୦ ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ତାଳପଦା ଫରେଷ୍ଟ ସେକ୍ସନ ବନ କର୍ମଚାରୀ ଓ ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜର ବନ କର୍ମଚାରୀ ଅପରାହ୍ନରେ ମିଳିତ ପାଟ୍ରୋଲିଂ ସମୟରେ ହାତୀର ମୃତଦେହ ପଡ଼ିଥିବା ଦେଖିଥିଲେ। ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର ୮ ଟିକିଆ ହାତୀପଲ ମୃତଦେହକୁ ଘେରି ରହିଥିବା ବେଳେ ବନ ବିଭାଗ କର୍ମଚାରୀ ରାତି ୮ଟା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଞ୍ଚି ପାରିନାହାନ୍ତି। ହାତୀ ମୃତ୍ୟୁର ଠିକ୍ କାରଣ ଜଣାପଡ଼ିନାହିଁ। ତେବେ ସ୍ୱାଭାବିକ ମୃତ୍ୟୁ ହୋଇଥିବା ବନ ବିଭାଗ ଅନୁମାନ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ କାରଣ ଜଣାପଡ଼ିବ ବୋଲି ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି।

# ନବରଙ୍ଗପୁର ଛାତ୍ରୀ ସମୀକ୍ଷା ଯିବେ ଜାପାନ

ନବରଙ୍ଗପୁର,୨୫।୫
(ସଦାଶିବ ପ୍ରହରାଜ)

## ସାକୁରା ବିଜ୍ଞାନ କାର୍ଯ୍ୟକ୍ରମରେ ଯୋଗଦେବେ




ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଅନ୍ୟମାନେ ସମୀକ୍ଷାରାଣୀ ମାଳିଙ୍କୁ ସମ୍ମାନିତ କରୁଛନ୍ତି।

ନବରଙ୍ଗପୁରର ମେଧାବୀ ଛାତ୍ରୀ ସମୀକ୍ଷାରାଣୀ ମାଳି ଜାପାନ ଯିବେ। ଜାପାନର ସାକୁରାଠାରେ ଅଗଷ୍ଟ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ହାଇସ୍କୁଲ ବିଜ୍ଞାନ କାର୍ଯ୍ୟକ୍ରମରେ ସେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ସମୀକ୍ଷାଙ୍କୁ ଚୟନ କରାଯାଇଛି। ଓସେପା ପକ୍ଷରୁ ଗତ ୨୨ ତାରିଖରେ ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି(ନଂ.୫୭୨୭) ମାଧ୍ୟମରେ ଏହି ସୂଚନା ଦିଆଯାଇଛି। ସମୀକ୍ଷାଙ୍କ ସହ ଭୁବନେଶ୍ୱରସ୍ଥିତ ବିଜେବି କଲେଜର ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ନୀହାରିକା ସାହୁ ଯିବେ ବୋଲି ଜଣାପଡ଼ିଛି। ସମୀକ୍ଷାଙ୍କ ଏହି କୃତିତ୍ୱ ପାଇଁ ମେଧାବୀ ସମ୍ବର୍ଦ୍ଧନାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତାଙ୍କୁ ସମ୍ମାନିତ କରିଛନ୍ତି। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସମୀକ୍ଷାଙ୍କ ଜାରି ରହିଥିବା ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହି ସଫଳତା ଲାଗି ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ସମୀକ୍ଷାଙ୍କୁ କୃତଜ୍ଞତା ଜଣାଇଛନ୍ତି।

ନବରଙ୍ଗପୁର ସହର ଇଚ୍ଛାବତୀଗୁଡ଼ା ସାହିର ବାସନ୍ତୀ ମାଳି ଓ ତ୍ରିପତି ମାଳିଙ୍କ ଝିଅ ସମୀକ୍ଷା। ସେ ନବରଙ୍ଗପୁର ନୋଡାଲ ଆର୍‌ସିଡି ହାଇସ୍କୁଲରେ ପଢୁଥିଲେ। ୨୦୨୪ ମାଟ୍ରିକ୍ ପରୀକ୍ଷାରେ ୬୦୦ରୁ ୫୬୭ ମାର୍କ ରଖି ଜିଲା ଟପ୍ପର ହୋଇଥିଲେ। ସେହିବର୍ଷ ମେଧାବୀ ଛାତ୍ରୀ ଭାବେ ସମୀକ୍ଷା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଭାବେ ୫୦ ହଜାର ଟଙ୍କା ପାଇଥିଲେ। ଏବେ ସମୀକ୍ଷା କାର୍ତ୍ତିମାଳ ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲରେ ଯୁକ୍ତ୨ ବିଜ୍ଞାନରେ ପଢୁଛନ୍ତି। ବାପା ତ୍ରିପତି ଉକ୍ତ ବିଦ୍ୟାଳୟରେ ରସାୟନ ବିଭାଗ ଅଧ୍ୟାପକ ଅଛନ୍ତି। ଭବିଷ୍ୟତରେ ସେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହାକୁ ନେଇ ସମୀକ୍ଷାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

ସୂଚନାଯୋଗ୍ୟ, ହାଇସ୍କୁଲ ବିଜ୍ଞାନ କାର୍ଯ୍ୟକ୍ରମ ଜରିଆରେ ଜାପାନର ସର୍ବୋତ୍ତମ ବୈଜ୍ଞାନିକ ପ୍ରଯୁକ୍ତିବିଦ୍ୟା ଦେଖିବା ଓ ଉତ୍କୃଷ୍ଟ ବୈଜ୍ଞାନିକଙ୍କୁ ଭେଟିବାର ସୁଯୋଗ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଦେଶରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ଉନ୍ନତ ଜ୍ଞାନକୌଶଳ ଓ ବିଜ୍ଞାନ, ସଂସ୍କୃତିର ଆଦାନପ୍ରଦାନ କରାଯାଇଥାଏ।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ହିନ୍ଦୁ ଜାଗରଣ ମଞ୍ଚ, ଓଡ଼ିଶା (ପୂର୍ବ) ପକ୍ଷରୁ ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସମର୍ଥନରେ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ବାପା', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## ବାଲେଶ୍ୱର

- ଜିଲା ମୁନିସମାଜ ପକ୍ଷରୁ ଯୋଗ କର୍ମଶାଳା, ସ୍ଥାନ: ସଦଗୁରୁ ଶିବମୁନି ଯୋଗାଶ୍ରମ, ହଳଦୀପଦା, ସମୟ: ଦିବସ ବ୍ୟାପୀ।
- ମହାପ୍ରଭୁଙ୍କ ୩୨ ବେଶ ଉତ୍ସବ, ସ୍ଥାନ: ନିଶନପୁର, ଭୋଗରାଇ, ସମୟ: ଦିବସବ୍ୟାପୀ।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସପ୍ତମ ଦିବସ, ସ୍ଥାନ: ଏଫଏମ୍ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଫଏମ୍‌ୟୁରେ ଇଷ୍ଟର୍ନ ଇଣ୍ଡିଆ ଓରିଏଣ୍ଟାଲ କନଫରେନ୍ସ, ସ୍ଥାନ: ପିଜି କାଉନସିଲ କନଫରେନ୍ସ ହଲ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ଜଉକଣ୍ଢେଇ ବାହାଘର ଉତ୍ସବର ଚତୁର୍ଥୀ ଓ ବନ୍ଧୁମିଳନ ସନ୍ଧ୍ୟା, ସ୍ଥାନ: ମିଶନ ପଡିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଟେନିକଏଟ୍ ପ୍ରଶିକ୍ଷଣ ଶିବିରର ୩ୟ ଦିବସ, ସ୍ଥାନ: ବାଗୁରାଇ ବିନ୍ଦୁମାଧବ ଉଚ୍ଚ ବିଦ୍ୟାଳୟ, ଭଦ୍ରକ, ସମୟ: ସକାଳ ୬ଟା।
- ସାବିତ୍ରୀ ଓ ସତ୍ୟବାନଙ୍କ ପୂଜା, ସ୍ଥାନ: ତୋଟାସାହି ସାବିତ୍ରୀ ପୀଠ, ଭଦ୍ରକ, ସମୟ: ସକାଳ ୬ଟା।
- ସାବିତ୍ରୀ ବ୍ରତ, ସ୍ଥାନ: ସନ୍ତରାଗଡ଼ିଆ, ଆଡ଼ିଆ, ବନ୍ତ, ସମୟ: ସକାଳ ୭ଟା।
- ଯୁକ୍ତ ୨ ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ହରେକୃଷ୍ଣ ସଦ୍‌ଭାବନା କକ୍ଷ, ଭଦ୍ରକ ବାଇପାସ୍, ସମୟ: ସକାଳ ୮ଟା।
- ଜଗତେଶ୍ୱର ଶିବ ମନ୍ଦିରରେ ସାବିତ୍ରୀ ବ୍ରତ ପୂଜା, ସ୍ଥାନ: ଆନନ୍ଦପୁର ବାଲିପାଟଣା, ଧାମନଗର, ସମୟ: ସକାଳ ୮ଟା।
- ସୁଗୋ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ସୁଗୋ ହାଇସ୍କୁଲ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ପରିବେଶ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସାଳନ୍ଦୀ ଜଳସେଚନ ବଙ୍ଗଳା, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ:ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା,ସମୟ: ସକାଳ ୯ଟା।

## ନୟାଗଡ଼

- ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: କଣ୍ଟିଲୋ ବାତ୍ୟା ଆଶ୍ରୟସ୍ଥଳ, ସମୟ: ସକାଳ ୭ ଟା।
- ରାମଲୀଳା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ରଘୁନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସାମୂହିକ ସାବିତ୍ରୀ ଅମାବାସ୍ୟା, ସ୍ଥାନ: ବୈଶ୍ୟ ସଂଘ ସମାଜ ଗୃହ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ପବିତ୍ର ରାମକଥା, ସ୍ଥାନ: ମୁନିଗୁଡା ଗୀତ ଭବନ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ସାବିତ୍ରୀ ବ୍ରତ ପାଳନ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର ପରିସର, ସମୟ : ସକାଳ ୯ ଟା।

## ସମ୍ବଲପୁର

- ଶନିଶ୍ଚର ଦେବଙ୍କ ପୂଜାନୋତ୍ସବ, ସ୍ଥାନ : ବାଲିବନ୍ଧ ଶନି ମନ୍ଦିର, ସମୟ : ସକାଳ ୭ଟା।
- ସାଓଲିନ କୁଙ୍ଫୁ ଉଷ୍ଣ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷ୍ଣୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା।
- କୁଚିଣ୍ଡା ଭାଜପା ପକ୍ଷରୁ ଅପରେଶନ ସିନ୍ଦୂରକୁ ନେଇ ତ୍ରିରଙ୍ଗା ଯାତ୍ରା, ସ୍ଥାନ: କୁଚିଣ୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ସକାଳ ୯ଟା।

## ରାଉରକେଲା

- ନନ୍ଦଗାଁ ପକ୍ଷରୁ ନାଟକ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର-୧୯, ସମୟ: ସନ୍ଧ୍ୟା ୬ଟା ୩୦।
- ସାବିତ୍ରୀ ବ୍ରତ ପାଳନ, ସ୍ଥାନ: ସେକ୍ଟର-୧ ଡି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ ଗୀତାପାଠ, ସ୍ଥାନ: ଅଗ୍ରସେନ ଭବନ, ସମୟ: ଅପରାହ୍ନ ୫ଟା
- ସାବିତ୍ରୀ ବ୍ରତ ପାଳନ, ସ୍ଥାନ: ଉଦିତନଗର, ସମୟ: ସକାଳ ୭ଟା ୩୦।

## ସୁନ୍ଦରଗଡ଼

- ସୁନ୍ଦରଗଡ ଜିଲାରେ ରବି ଧାନ ସଂଗ୍ରହର ଶୁଭାରମ୍ଭ,ସ୍ଥାନ: କୁଣ୍ଡୁକେଲା ମଣ୍ଡି, ସମୟ:ସକାଳ ୯ଟା୩୦।

## ବରଗଡ଼

- ଗ୍ରୀଷ୍ମ ଶିବିର,ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼,ସମୟ: ସକାଳ ୬ଟା ୩୦।
- ଚେସ୍ ପ୍ରଶିକ୍ଷଣ ଶିବିର,ସ୍ଥାନ:ଏଇଏମ୍ ଇଂଲିଶ ମିଡ଼ିୟମ ସ୍କୁଲ, ବରଗଡ଼,ସମୟ: ସକାଳ ୮ଟା।

## ସୁବର୍ଣ୍ଣପୁର

- ସାବିତ୍ରୀ ଅମାବାସ୍ୟା ପାଇଁ ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା, ସ୍ଥାନ: ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ତରଭା ପୌର୍ଣ୍ଣମାସୀ ମନ୍ଦିରରେ ସାବିତ୍ରୀ ବ୍ରତ ପାଳନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବେଲାରଦନା ଗାଁ, ଉମରାପଡା, ସମୟ: ସକାଳ ୯ଟା ୨୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ କିନ୍ତୁ ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ। ବ୍ୟବସାୟରେ ପ୍ରତିବନ୍ଧକ, ଯାନବାହନରେ କ୍ଷତିର ସମ୍ଭାବନା ହେତୁ ସତର୍କତା ରକ୍ଷାକରିବା ଭଲ। କର୍ମକ୍ଷେତ୍ରସ୍ଥ ବିଶୃଙ୍ଖଳିତ ପରିସ୍ଥିତିରେ ପଡି ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ।

**ବୃଷ** ସାଧାରଣ କଥାରେ ଅତ୍ୟଧିକ ଉତ୍ତେଜନା କିମ୍ବା ଭାବପ୍ରବଣତା ନିଜର ହିଁ କ୍ଷତି ସାଧନ କରିବ। ଆଲୋଚନା ଅବସରରେ ନିଜର ପ୍ରମାଣସିଦ୍ଧ ଯୁକ୍ତି ବଳରେ ସମସ୍ୟା ସମାଧାନ କରିବେ। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ। ଆର୍ଥିକ ସ୍ଥିତିରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**ମିଥୁନ** ପାରିବାରିକ କ୍ଷେତ୍ରରେ ଉତ୍ତମ ବୁଝାମଣା ସାଙ୍ଗକୁ ବନ୍ଧୁଙ୍କ ସାହାଯ୍ୟ ହେତୁ ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବ। ମକଦ୍ଦମା, ପ୍ରଶାସନ, ରାଜନୀତି ତଥା ଗଠନମୂଳକ କାର୍ଯ୍ୟରେ ଉତ୍ସାହିତ ହେବେ। ଗୃହ, ଭୂମି, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିଲେ ମଧ୍ୟ ସମାଧାନ ହୋଇଯିବ। ଆନୁଷ୍ଠାନିକ କାମରେ ସାମିଲ୍ ହୋଇପାରନ୍ତି।

**କର୍କଟ** ଆଜି ଯେ କୌଣସି କ୍ଷେତ୍ର ହେଉନା କାହିଁକି କାମ ହାସଲରେ ଅସୁବିଧା ହେବନି। କିନ୍ତୁ ପ୍ରତିବନ୍ଧକ କିମ୍ବା ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବ। ପରିସ୍ଥିତକୁ ସାମ୍ନା କରିବାକୁ ଯାଇ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦ ମୁକ୍ତ ହେବେ। ପାରିବାରିକ କ୍ଷେତ୍ରରେ ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

**ସିଂହ** ଆତ୍ମୀୟଙ୍କ ସାହାଯ୍ୟରୁ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଅସୁବିଧା ହେବନାହିଁ। ଫ୍ଲଟିଂ କାରବାର, ପରିବହନ, ପ୍ରଶାସନ, ମାଲିମକଦ୍ଦମା, କ୍ଷେତ୍ର ଉନ୍ନତ ରହିବ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପଡୋଶୀଙ୍କ ସହ ପୂର୍ବ ଶତ୍ରୁତା ହେତୁ ଅପରାହ୍ନରେ କଳହର ଆଶଙ୍କା ରହିଛି।

**କନ୍ୟା** ଆଜି ସକାଳୁ ସକାଳୁ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତାଜନିତ ମନ ଆନ୍ଦୋଳିତ ରହିବ। ଅତି ନିକଟ ସମ୍ପର୍କୀୟ ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢାଇ ଦେଇପାରେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିବାର ସୂଚନା ରହିଛି। ଧର୍ମାନୁଷ୍ଠାନ କିମ୍ବା ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ତୁଳା** ପ୍ରତ୍ୟେକ କାମ ଡେରିରେ ହେଉଥିବାରୁ ମନ ଭଲ ଲାଗିବ ନାହିଁ। ଖଳ ଲୋକଙ୍କ କଥାକୁ ବିଶ୍ୱାସ କରି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆଲୋଚନା ପରିସରରେ ଗୁରୁଜନମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ପଡୋଶୀ ମୁଖ୍ୟ ଭୂମିକା ସାଜିପାରନ୍ତି।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଅସ୍ଥିରତା ଲାଗି ରହିବାରୁ ମନ ବିଚଳିତ ହେବ। ପ୍ରଶାସନ, ରାଜନୀତି ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁମାନେ ସହଯୋଗର ପ୍ରତିଶ୍ରୁତି ଦେଇ ଠିକଣା ସମୟରେ ଦୂରେଇ ରହିପାରନ୍ତି। ପାରିବାରିକ କ୍ଷେତ୍ରରେ ଛୋଟ ମୋଟ ସମସ୍ୟାକୁ ନେଇ ବିଶେଷ ବ୍ୟସ୍ତତା ବଢିଯାଇପାରେ।

**ଧନୁ** ପ୍ରତିକୂଳ ସମୟ ଚାଲିଥିବାରୁ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ନିଜର ଲୋକଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ସାହାଯ୍ୟ କରିବାରେ ପଛେଇ ଯିବେ। ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିବେ। ବନ୍ଧୁଙ୍କ ମନୋରଞ୍ଜନ କାର୍ଯ୍ୟରେ ଅନୁରୋଧ କ୍ରମେ ଅଂଶଗ୍ରହଣ କରିପାରନ୍ତି।

**ମକର** ଆଜି ସମ୍ପର୍କୀୟଙ୍କ ମାଧ୍ୟମରେ ସକାଳୁ ଶୁଭ ଖବର ପାଇ ମନ ଆହ୍ଲାଦିତ ହେବ। ବନ୍ଧୁଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଅଯଥା କଳହରୁ ଦୂରେଇ ରୁହନ୍ତୁ ନଚେତ୍ ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ସକାଶେ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡିପାରେ।

**କୁମ୍ଭ** ଆଜିର ଗ୍ରହସ୍ଥିତି ଆପଣଙ୍କ କର୍ମକ୍ଷେତ୍ର, ପରିବାର, ଯାନବାହନ, ବନ୍ଧୁ ସମ୍ପର୍କକୁ ଦୃଢୀଭୂତ କରିବ। ଅନ୍ୟମାନଙ୍କ ସକାଶେ କିଛି ଭଲକାମ କରିବାକୁ ଯାଇ ଅପଦସ୍ଥ ହେବେ। ହଠାତ୍ ଯାତ୍ରା କରିବାକୁ ମନସ୍ଥ କରି ବାଟରୁ ଫେରି ଆସିବେ। ଶିକ୍ଷା, ଗବେଷଣା, ବିଦେଶ ଯାତ୍ରା, ସାହିତ୍ୟ, ସଙ୍ଗୀତ ଓ ଆଲୋଚନା କ୍ଷେତ୍ର ପ୍ରଶସ୍ତ ରହିବ।

**ମୀନ** ଆଜିର ସାମାଜିକ ସମ୍ପର୍କ ମନ୍ଦ ହେବନି, କିନ୍ତୁ ପରିବାରରେ ବିବାଦ ବଢ଼ିପାରେ। ଅଫିସ୍‌ରେ ଅଧସ୍ତନ କର୍ମଚାରୀଙ୍କୁ କଟୁକଥା ପ୍ରୟୋଗ କଲେ ନିଜକୁ ହିଁ ଅପମାନିତ ହେବାକୁ ପଡିବ। ଅନ୍ୟମାନେ ଖାଲରେ ପକାଇବାକୁ ଚେଷ୍ଟା କରି ବିଫଳ ହେବେ। ଜମିଜମା କିମ୍ବା ପିଲାଙ୍କ ସମ୍ବନ୍ଧୀୟ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିପାରେ।

ଆଜି ମେ' ୨୬ ତାରିଖ, ଜ୍ୟେଷ୍ଠ କୃଷ୍ଣ ଚତୁର୍ଦ୍ଦଶୀ, ଘ.୧୨।୧୨ ମି. ଗତେ, ଅମାବାସ୍ୟା ସୋମବାର। ସାବିତ୍ରୀବ୍ରତ, ଅମାବାସ୍ୟାର ନିଶାପାଳନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ରାଶିନକ୍ଷତ୍ର-ସକାଳ ଘ.୦୮।୨୩ ମି. ଗତେ, କୃତ୍ତିକା/ମେଷ, ଦିବା ଘ.୦୧।୪୦ ଗତେ, ବୃଷଚନ୍ଦ୍ର, ଦିବା ଘ.୦୮।୪୦ ଗତେ, ଘ.୧୦।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୬।୪୯ ଗତେ, ଘ.୦୮।୨୭ ମଧ୍ୟେ ରାହୁକାଳ।

# ସିନ୍ଧୁନଦୀ ଚୁକ୍ତିର ସର୍ତ୍ତ ଉଲ୍ଲଂଘନ କରିଛି ପାକିସ୍ତାନ

**ଜାତିସଂଘ,୨୫।୫(ପି.ଟି.)**

ସିନ୍ଧୁନଦୀ ଚୁକ୍ତି (ଆଇଡବ୍ଲ୍ୟୁଟି)କୁ ନେଇ ପାକିସ୍ତାନ ଜାତିସଂଘରେ ରଖିଥିବା ଭୁଲ୍ ତଥ୍ୟ ରଖିଥିବାରୁ ଭାରତ ଏହାର ତୀବ୍ର ସମାଲୋଚନା କରିଛି। ବନ୍ଧୁତ୍ୱ ଓ ସଦିଚ୍ଛା ଆଧାରରେ ୬୫ ବର୍ଷ ପୂର୍ବେ ଭାରତ ପାକସ୍ତାନ ସହ ସିନ୍ଧୁନଦୀ ଜଳ ଚୁକ୍ତି ସ୍ୱାକ୍ଷର କରିଥିଲା। ନଦୀ ଉପରମୁଣ୍ଡର ଦେଶ ଭାବେ ଭାରତ ସବୁବେଳେ ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିଆସିଥିବାବେଳେ ଇସ୍‌ଲାମାବାଦ ଭାରତ ବିରୋଧରେ ୩ ଥର ଯୁଦ୍ଧ କରିବା ସହ ଆତଙ୍କବାଦୀ ଆକ୍ରମଣରେ ଅନେକ ହଜାର ଲୋକଙ୍କ ଜୀବନ ନେଇ ଚୁକ୍ତିର ସର୍ତ୍ତକୁ ଉଲ୍ଲଂଘନ କରିଥିବା ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପର୍ଭାଥନେନି ହରିଶ କହିଛନ୍ତି। ଭାରତ ଅସାଧାରଣ ଧୈର୍ଯ୍ୟ ଓ ଉଦାରତା ଦେଖାଇ ଆସିଥିବାବେଳେ ପାକିସ୍ତାନୀ ଗତ ୪ ଦଶନ୍ଧିରେ ଭାରତରେ ଚଳାଇଥିବା ଆତଙ୍କବାଦୀ ଆକ୍ରମଣରେ ୨୦, ୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଇଛି। ଗତ ମାସରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏହାର ସଦ୍ୟ ଉଦାହରଣ, ଯେଉଁଥିରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା ବୋଲି ହରିଶ କହିଛନ୍ତି।

# ବାହାରିନ୍‌ରେ ପ୍ରବାସୀ ଭାରତୀୟଙ୍କୁ ଭେଟିଲେ ବହୁଦଳୀୟ ପ୍ରତିନିଧି ମଣ୍ଡଳୀ

**ମାନାମା,୨୫।୫**

ସୀମାପାର ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ ଜଣାଇବାକୁ ବରିଷ୍ଠ ଭାଜପା ନେତା ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଶନିବାର ବାହାରିନ୍‌ରେ ପହଞ୍ଚିଥିବା ବହୁଦଳୀୟ ପ୍ରତିନିଧି ମଣ୍ଡଳୀ ସେଠାର ପ୍ରବାସୀ ଭାରତୀୟମାନଙ୍କୁ ଭେଟି ପାକିସ୍ତାନର ସୀମାପାର ଆତଙ୍କବାଦ ଓ ଭାରତୀୟ ସେନାର ଅପରେଶନ ସିନ୍ଦୂରର ସଫଳତା ସମ୍ପର୍କରେ ଅବଗତ କରାଇଛନ୍ତି। ପ୍ରତିନିଧି ମଣ୍ଡଳୀରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ, ଫଙ୍ଗନୋନ୍ କୋନ୍ୟକ, ଏନ୍‌ଜେପି ଏମ୍‌ପି ରେଖା ଶର୍ମା, ଏଆଇଏମ୍‌ଆଇଏମ୍ ଏମ୍‌ପି ଅସାଦୁଦ୍ଦିନ୍ ଓୱାଇସି, ସତନାମ ସିଂ ସାନ୍ଧୁ, ଗୁଲାମ ନବୀ ଆଜାଦ ଏବଂ ରାଷ୍ଟ୍ରଦୂତର ହର୍ଷ ଶ୍ରୀଙ୍ଗ୍‌ଲା ରହିଛନ୍ତି। ସେହିପରି ଡିଏମ୍‌କେ ଏମ୍‌ପି କାନିମୋଝି କରୁଣାନିଧିଙ୍କ ନେତୃତ୍ୱରେ ରୁଷିଆ ଯାଇଥିବା ପ୍ରତିନିଧି ମଣ୍ଡଳୀ ଆତଙ୍କବାଦ ପ୍ରତି ଭାରତର ଶୂନ୍ୟ ସହନଶୀଳତା ସମ୍ପର୍କିତ ଦୃଢ଼ ବାର୍ତ୍ତା ଦେଇଛନ୍ତି। ମସ୍କୋସ୍ଥିତ ଭାରତୀୟ ଦୂତାବାସରେ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କାନିମୋଝି କହିଥିଲେ, ପାକିସ୍ତାନରୁ ଅନୁପ୍ରବେଶ କରିଥିବା ଆତଙ୍କବାଦୀ ପହଲଗାମ ଆକ୍ରମର କରିଥିଲେ। ଇସ୍‌ଲାମାବାଦ ସୁରକ୍ଷାରେ ରହିଥିବା ଏହି ଆତଙ୍କବାଦୀ ସଂଗଠନ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା। ଭାରତ ଦାୟିତ୍ୱପୂର୍ଣ୍ଣ ଭାବେ ଏହାର ଜବାବ ଦେବାକୁ ଯାଇ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଥିବାବେଳେ କୌଣସି ସାଧାରଣ ଲୋକ ପ୍ରଭାବିତ ହୋଇ ନ ଥିଲେ କ ସାମରିକ ଘାଟି କ୍ଷତିଗ୍ରସ୍ତ ହୋଇ ନ ଥିଲା। ଶିବସେନା ଏମ୍‌ପି ଶ୍ରୀକାନ୍ତ ଶିନ୍ଦେଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇକୁ ସମର୍ଥନ କରୁଥିବା ୟୁଏଇକୁ ଅଭିନନ୍ଦନ ଜଣାଇଛନ୍ତି।


# ଏନ୍‌କାଉଣ୍ଟରରେ ଜେଜେଏମ୍‌ପି ସୁପ୍ରିମୋଙ୍କ ସମେତ ୨ ମାଓବାଦୀ ନିହତ

**ରାଞ୍ଚି,୨୫।୫**

ଲାଟେହାରର ଇଚାବାର ଜଙ୍ଗଲରେ ଶନିବାର ସକାଳେ ପୋଲିସ ଏନ୍‌କାଉଣ୍ଟରରେ ୨ ମାଓବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ଝାଡ଼ଖଣ୍ଡ ଜନମୁକ୍ତି ପରିଷଦ (ଜେଜେଏମ୍‌ପି) ସୁପ୍ରିମୋ ପପ୍ପୁ ଲୋହରା ଏବଂ ତାଙ୍କ ସହଯୋଗୀ ପ୍ରଭାତ ଲୋହରା। ଗୁଳି ବିନିମୟ ବେଳେ ଅନ୍ୟ ଜଣେ ମାଓବାଦୀ ନିହତ ହୋଇଥିବା ବିଶ୍ୱାସ କରାଯାଉଥିବାବେଳେ ତାଙ୍କ ମୃତଦେହ ମିଳିନାହିଁ। ମାଓବାଦୀ ସଂଗଠନ ଜେଜେଏମ୍‌ପି ଲାଟେହାର ଓ ଝାଡ଼ଖଣ୍ଡର କେତେକ ଜିଲାରେ ସକ୍ରିୟ ରହିଛି। ଗୁଳି ବିନିମୟ ବେଳେ ଆହତ ହୋଇଥିବା କନ୍‌ଷ୍ଟେବଲ ଅୱଧ ସିଂଙ୍କୁ ରାଞ୍ଚିର ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସରେ ଭର୍ତ୍ତି କରାଯାଇଛି।




ନୂଆଦିଲ୍ଲୀର ହୋଟେଲ ଅଶୋକାରେ ରବିବାର ଅନୁଷ୍ଠିତ ଏନ୍‌ଡିଏ ମୁଖ୍ୟମନ୍ତ୍ରୀ ପରିଷଦ ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମାନେ। କେନ୍ଦ୍ରମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଉପସ୍ଥିତ।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପ ଓଳି ଝିଅ ଚଢ଼େ ଦୋଳି,**
**ମା' ଓଳି ଝିଅ ବିକେ କୋଳି।**
**ବାପ ଓଳି ପୁଅ ଖାଏ ଖଡ଼ା,**
**ମା' ଓଳି ପୁଅ ଚଢ଼େ ଘୋଡ଼ା।**

ବାପ ମୁହଁ ପରି ଝିଅ ସୁଖରେ ରହୁଥିବାବେଳେ ମାଆ ମୁହଁ ପରି ଝିଅ ଦୁଃଖରେ ରହୁଥିବାର ଜଣାଯାଇଥାଏ। ସେହିପରି ବାପ ମୁହଁ ପରି ପୁଅ ଅଭାବରେ ରହୁଥିବାବେଳେ ମାଆ ମୁହଁ ପରି ପୁଅ ବହୁ ଧନ ସମ୍ପତ୍ତି ଲାଭ କରି ସୁଖରେ ରହିଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ବ୍ରାହ୍ମଣ, ବଇଦ, ବରଷା, ବଢ଼ି;**
**ଦକ୍ଷିଣା ପାଇଲେ ଯାଆନ୍ତି ଛାଡ଼ି।**

ବ୍ରାହ୍ମଣମାନେ ପୂଜା କର୍ମ ପରେ ଦକ୍ଷିଣା ପାଇଲେ ଯଜମାନଙ୍କ ପାଖରୁ ଖୁସିରେ ଚାଲିଯାଆନ୍ତି। ବଇଦ ରୋଗୀଙ୍କୁ ପଥି ଦେଇ ଦକ୍ଷିଣା ସ୍ୱରୂପ କିଛି ଅର୍ଥ ନେଇଥାନ୍ତି। ସେହିପରି ଦକ୍ଷିଣା ପବନ ପକେଇଲେ ବର୍ଷା ଓ ବଢ଼ି ଛାଡ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଚୌଦ୍ୱାର ଜେଲରୁ କଏଦୀଙ୍କ ଝୁଲନ୍ତା ମୃତଦେହ ଜବତ

**ଚୌଦ୍ୱାର,୨୫।୫(ଆଶୁତୋଷ ଦାସ)**

କଟକ ଜିଲା ଚୌଦ୍ୱାର ସର୍କଲ ଜେଲ ପରିସରସ୍ଥ ଆମ୍ବଗଛରୁ ଶନିବାର ଜଣେ କଏଦୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଟାଙ୍ଗୀ ଥାନା ଅଧୀନ ଜରିପଡ଼ା ପଞ୍ଚାୟତ ସାମନ୍ତରାପୁର ଗ୍ରାମର ବିଷ୍ଣୁ ପ୍ରସାଦ ସ୍ୱାଇଁ (୩୭)। ଜେଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ୍ତ କୁମାର ବେହେରାଙ୍କ ଅଭିଯୋଗକ୍ରମେ ଚୌଦ୍ୱାର ଥାନାରେ ଏକ ମାମଲା (ନଂ.୧୦/୨୫)ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଜେଲ ୱାର୍ଡର ଶନିବାର ଅପରାହ୍ନରେ ୱାର୍ଡ ପରିକ୍ରମା କରିବା ସମୟରେ ବିଷ୍ଣୁ ନିଜ ୱାର୍ଡରେ ନ ଥିବା ଓ ଜେଲ ପକ୍ଷରୁ ଦିଆଯାଇଥିବା ଖାଦ୍ୟ ଖାଇ ନ ଥିବା ଦେଖି ସେ ଏ ସମ୍ପର୍କରେ ଜେଲ ଅଧୀକ୍ଷକଙ୍କୁ ଜଣାଇଥିଲେ। ପରେ କର୍ମଚାରୀ ଖୋଜାଖୋଜି କରିବାରୁ ଜେଲ ପରିସରସ୍ଥ ଏକ ପୁରୁଣା ବିଲ୍ଡିଂ ପାଖ ଆମ୍ବଗଛରେ ଗାମୁଛାରେ ଝୁଲୁଥିବା ଅବସ୍ଥାରେ ବିଷ୍ଣୁଙ୍କୁ ଦେଖିବାକୁ ପାଇଥିଲେ। କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସକାଳେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ୨୦୨୧ରୁ ବିଷ୍ଣୁ ତାଙ୍କ ସମ୍ପର୍କୀୟ ଭାଇଙ୍କୁ ହତ୍ୟା କରିବା ଘଟଣାରେ ଚୌଦ୍ୱାର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିଲେ। ୪ ବର୍ଷ ମଧ୍ୟରେ ସେ ୪ ଥର ପାରୋଲରେ ଘରକୁ ଆସି ତାଙ୍କ ପରିବାର ବର୍ଗଙ୍କ ସହ ସମୟ କଟାଇ ପୁଣି ଜେଲକୁ ଫେରିଥିଲେ। ସେ ତାଙ୍କ ମା'ଙ୍କ ଶୁଦ୍ଧିକ୍ରିୟା ପାଇଁ ପାରୋଲରେ ୧୦ ଦିନ ପାଇଁ ଘରକୁ ଆସି ଗତ ୧୧ ତାରିଖରେ ଜେଲକୁ ଫେରିଥିଲେ। ବିଷ୍ଣୁଙ୍କ ଭଉଣୀଙ୍କ କହିବାନୁଯାୟୀ, ବିଷ୍ଣୁ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ନିଜ ପତ୍ନୀଙ୍କ ସହ ଫୋନରେ ଭଲରେ କଥାବାର୍ତ୍ତା ହୋଇଥିଲେ। ଏଥିସହ ସୋମବାର ସାବିତ୍ରୀ ବ୍ରତ ଦିନ ତାଙ୍କୁ ଜେଲକୁ ଆସି ଭେଟିବାକୁ କହିଥିଲେ। ହେଲେ ତାଙ୍କ ଭାଇଙ୍କ ଏପରି ମୃତଦେହ ମିଳିବାକୁ ନେଇ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଅପରପକ୍ଷରେ ପାରିବାରିକ ବିବାଦକୁ ନେଇ ବିଷ୍ଣୁ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସୁପରିଣ୍ଟେଣ୍ଡେଣ୍ଟ ବେହେରା କହିଥିବାବେଳେ ଜେଲରେ କଏଦୀଙ୍କ ସୁରକ୍ଷା ପ୍ରସଙ୍ଗ ବାବଦରେ କିଛି କହି ନ ଥିଲେ। ଏନେଇ ଜେଲର ବିଭୁଦେନ୍ଦୁ ଭୂୟାଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

**ପ୍ରଥମ ପୃଷ୍ଠାରୁ...**

# କୁଲଡ଼ିହାରୁ ୫ ସଶସ୍ତ୍ର ...

କରି ୫ଜଣ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ଗୁଳି ଭର୍ତ୍ତି ଗୋଟିଏ ହାତ ତିଆରି ବନ୍ଧୁକ, ବାରୁଦ, ୨ଟି ଧନୁ, ୬ଟି ତୀର, ତାରରେ ନିର୍ମିତ ଫାଶ ଓ ଗୋଟିଏ କୁଟୁରା ଶିଙ୍ଗ ଜବତ ହୋଇଛି। ଗିରଫ ଶିକାରୀଙ୍କ ମଧ୍ୟରେ ୪ଜଣ ବାଲେଶ୍ୱର ଜିଲା ଔପଦା ଥାନା ଅଧୀନ ନରସିଂସିଲା ଗ୍ରାମର ରମେଶ ମୁଣ୍ଡା (୪୫), ଗଣେଶ୍ୱର ମୁଣ୍ଡା(୨୧), ଗୋପି ହୋ ଏବଂ ମଡିଚୁଆ ଗ୍ରାମର ହାଡିଆ ଭଦ୍ର(୨୭) ଓ ଅନ୍ୟ ଜଣେ ମୟୂରଭଞ୍ଜ ଜିଲା ଶରତ ଥାନା ଗୌରଚନ୍ଦ୍ରପୁର ଗ୍ରାମର ସିଲିଆ ଗିଲୁଆ ବୋଲି ଜଣାପଡ଼ିଛି। ଏନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ କୁଲଡ଼ିହାକୁ ଶିକାରୀମୁକ୍ତ କରିବା ନେଇ ପ୍ରୟାସ ଚାଲିଥିବା ଏସିଏଫ୍ ବେହେରା ସୂଚନା ଦେଇଛନ୍ତି।



ଗିରଫ ୫ ଶିକାରୀ

# ମନ୍ଦିର ରୋଷେଇ ଘରେ ନାବାଳିକାଙ୍କୁ ବଳାତ୍କାର

ଜମନକିରା,୨୫।୫(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲ୍ଲା ଜମନକିରା ଥାନା ସଦର ମହକୁମାସ୍ଥିତ ବାବା ମୁକ୍ତେଶ୍ୱର ମନ୍ଦିର ରୋଷେଇ ଗୃହରେ ରବିବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଜଣେ ୧୨ବର୍ଷୀୟା ନାବାଳିକା ବଳାତ୍କାର ଶିକାର ହୋଇଛି। ମନ୍ଦିରର ଜଣେ ସହଯୋଗୀ ପୂଜକ ଶୋଭା ମହାପାତ୍ର ଓରଫ କେଦାର(୩୬)ଙ୍କ ନାମରେ ଏହି ଅଭିଯୋଗ ଆସିଛି। ପୀଡିତା ନାବାଳିକା ବି ଜଣେ ପୂଜକଙ୍କ ଝିଅ ବୋଲି ଜଣାପଡ଼ିଛି। ପୀଡ଼ିତାଙ୍କ ମା' ଏ ନେଇ ଜମନକିରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ବିଏନ୍‌ଏସ୍ ଦଫା ୬୪(୨)ଏଫ୍‌ରେ ଏକ ମାମଲା(ନଂ.୮୭/୨୫) ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତ ଶୋଭାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା ସମ୍ବଲପୁରରେ କରାଯାଇଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଜମନକିରା ଥାନା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି। ରବିବାର ମନ୍ଦିରର ପୂଜାପାଳି ଥିବା ପୂଜକ ଅନ୍ୟତ୍ର କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଅନୁପସ୍ଥିତ ଥିଲେ। ସେ ତାଙ୍କ ବଡ଼ଭାଇଙ୍କୁ ପୂଜାକର୍ମ କରିବାକୁ କହିଥିଲେ। ତାଙ୍କୁ ପୂଜାରେ ସହଯୋଗ କରିବାକୁ ସେ ଅଭିଯୁକ୍ତ ଶୋଭାଙ୍କୁ ଅନୁରୋଧ କରିଥିଲେ। ଏଥିରେ ରାଜି ହୋଇ ଶୋଭା ମନ୍ଦିର ଯାଇଥିଲେ। ପୂଜା ଯଥାରୀତି ସରିବା ପରେ ଶୋଭା ମନ୍ଦିର ପରିସରରେ ଥିଲେ। ଏହି ସମୟରେ ସମ୍ପୃକ୍ତ ନାବାଳିକା ମନ୍ଦିର ରୋଷେଇ ଘରେ ଏକା ଥିଲେ। ଏହାର ସୁଯୋଗ ନେଇ ଶୋଭା ରୋଷେଇ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏଥିରେ ନାବାଳିକାଙ୍କ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଘରକୁ ଫେରି ସେ ସବୁ କଥା ତାଙ୍କ ମା'ଙ୍କୁ କହିଥିଲେ। ଏ ସଂକ୍ରାନ୍ତରେ ମନ୍ଦିର କମିଟି ସଭାପତି ପି.କେ.କନପାଲଙ୍କୁ ପଚାରିବାରୁ ମନ୍ଦିର ଓ ମନ୍ଦିର ପରିସରକୁ ଶୁଦ୍ଧ କରାଯିବ ବୋଲି ସେ କହିଛନ୍ତି।

# ୧.୩୭ କୋଟି ଆତ୍ମସାତ୍: ପିଇଓ ଗିରଫ

ଗୋପାଳପୁର,୨୫।୫(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ କେଲୁଆପୁଲ୍ଲୀ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଥିବା ପାଣ୍ଠିରୁ ଅର୍ଥ ଆତ୍ମସାତ ଘଟଣାରେ ଗୋଳନ୍ଥରା ପୋଲିସ କାର୍ଯ୍ୟରତ ପିଇଓ ସମୀର କୁମାର ମିଶ୍ରଙ୍କୁ ରବିବାର ଅପରାହ୍ନରେ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଘର ଗଞ୍ଜାପୁର ଗ୍ରାମରେ। ଘଟଣା ନେଇ ରଙ୍ଗେଇଲୁଣ୍ଡା ବିଡିଓ ବିଶ୍ୱଜିତ ରାୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପିଇଓ ମିଶ୍ରଙ୍କୁ ଶନିବାର ସନ୍ଧ୍ୟାରେ ବ୍ଲକ ପରିସରରୁ ଉଠାଇ ନେଇ ଥାନାରେ ପଚରାଉଚରା କରିଥିଲା। ରାତିରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ଥାନାରେ ପହଞ୍ଚି ପିଇଓ ମିଶ୍ରଙ୍କୁ ପଚରାଉଚରା କରିଥିଲେ। ପିଇଓ ମିଶ୍ର ଗତ ଏକ ବର୍ଷ ମଧ୍ୟରେ ପଞ୍ଚାୟତ ପାଣ୍ଠି କ୍ୟାଶବୁକ୍‌ରୁ ୭୬ ଲକ୍ଷ ୬୩ ହଜାର ୮ ଶହ ୯୯ ଟଙ୍କା, ପଞ୍ଚଦଶ ଅର୍ଥ କମିଶନରୁ ଆସିଥିବା ଅର୍ଥରୁ ୪୦ ଲକ୍ଷ ୮୪ ହଜାର ୫ଶହ ୩୭ ଟଙ୍କା ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନରୁ ଆସିଥିବା ଅର୍ଥରୁ ୧୯ ଲକ୍ଷ ୯୪ ହଜାର ୨ ଶହ ୩୫ ଟଙ୍କା ସେଲ୍ଫ ଚେକ୍‌ରେ ସରପଞ୍ଚଙ୍କ ଦସ୍ତଖତ କରାଇ ତୁଲୁସ୍ଥିତ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଟଙ୍କା ଉଠାଇଥିବା ପୋଲିସ ତାଙ୍କୁ ପଚରାଉଚରା ବେଳେ ଜାଣିବାକୁ ପାଇଛି। ସେ ମୋଟ ୧ କୋଟି ୩୭ ଲକ୍ଷ ୪୨ ହଜାର ୬୭୭ ଟଙ୍କା ହଡ଼ପ କରିଛନ୍ତି। ପୂର୍ବରୁ ପୋଲିସ ତାଙ୍କଠାରୁ ଦୁଇଟି ମୋବାଇଲ ଫୋନ ଓ ଗୋଟିଏ ଏଟିଏମ୍ କାର୍ଡ ଜବତ କରିଥିବା ବେଳେ ରବିବାର କେଲୁଆପୁଲ୍ଲୀ କାର୍ଯ୍ୟାଳୟରୁ ପୋଲିସ ୩ଟି କ୍ୟାଶବୁକ୍, ଦୁଇଟି ବ୍ୟାଙ୍କ ଜମାଖାତା, ବ୍ୟାଙ୍କ ଷ୍ଟେଟମେଣ୍ଟ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରିଛି। ବ୍ରହ୍ମପୁର ଏସ୍‌ପିଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି, ଆବଶ୍ୟକ ପଡିଲେ ପିଇଓଙ୍କୁ ରିମାଣ୍ଡରେ ଅଣାଯିବ। ଏଥିରେ ଆଉ କାହାର କାହାର ସମ୍ପୃକ୍ତି ରହିଛି କି ନାହିଁ ଏବଂ ମାମଲାର ବିଭିନ୍ନ ଦିଗ ଉପରେ ତଦନ୍ତ କରାଯାଉଥିବା ସେ କହିଛନ୍ତି।



ସମୀର କୁମାର ମିଶ୍ର

ସୂଚନାଯୋଗ୍ୟ, କେଲୁଆପୁଲ୍ଲୀ ପଞ୍ଚାୟତରେ ୨୦୧୯ରୁ ପିଇଓ ଭାବେ ମିଶ୍ର କାର୍ଯ୍ୟ କରୁଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ଅଡିଟ୍ ବେଳେ ଜାଲ ପାସବୁକ ପ୍ରସ୍ତୁତ କରି ସେ ଦେଖାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ଦୁଇ ଥର ବଦଳି ହୋଇଥିଲେ ମଧ୍ୟ ସେ ନୂତନ ପିଇଓ ସୁଶାନ୍ତ କୁମାର ପଟ୍ଟନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିଲେ। ଏ ନେଇ ବିଡିଓ ବିଶ୍ୱଜିତ ରାୟ ତାଙ୍କୁ କାରଣ ଦର୍ଶାଅ ନୋଟିସ କରିଥିଲେ। ଏହା ପରେ ପିଇଓ ମିଶ୍ର ଜାଲ ପାସବୁକ୍ ପିଇଓ ପଟ୍ଟନାୟକଙ୍କୁ ଦେଇଥିଲେ। ପଟ୍ଟନାୟକ ବ୍ୟାଙ୍କକୁ ଯାଇ ବାଲାନ୍ସ ଯାଞ୍ଚ କରିବାବେଳେ ସେଥିରେ ଟଙ୍କା ନ ଥିଲା। ଏ ସମ୍ପର୍କରେ ସେ ବିଡିଓଙ୍କୁ ଜଣାଇଥିଲେ। ବିଡିଓ ରାୟ ଏହାର ତଦନ୍ତ କରିବା ପରେ ବିଭିନ୍ନ ଉନ୍ନୟନ ପାଣ୍ଠି ଅର୍ଥ ହେରଫେର ଓ ଠକେଇ ହୋଇଥିବା ଜାଣି ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ୨୨୨/୨୫ନମ୍ବରରେ ପୋଲିସ ସରପଞ୍ଚ ଓ ପିଇଓଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ପେଟ୍ରୋଲ ପମ୍ପ ଖୋଲାଇବା ଆଳରେ ୧୯.୯୭ ଲକ୍ଷ ଠକେଇ

## ବିହାରରୁ ମାଷ୍ଟରମାଇଣ୍ଡ ଗିରଫ

ଭୁବନେଶ୍ୱର,୨୫।୫(ସତ୍ୟଜିତ୍ ରାଉତ)

ଇଣ୍ଡିଆନ୍ ଅଏଲ୍ ପେଟ୍ରୋଲ ପମ୍ପ ଖୋଲାଇଦେବା ଆଳରେ ଜଣେ ବ୍ୟବସାୟୀଙ୍କୁ ୧୯.୯୭ ଲକ୍ଷ ଠକେଇ ମାମଲାରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ବିହାରରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବିହାର ନୱାଦା ଜିଲାର ସତିଶ କୁମାର (୨୪)। ତାଙ୍କଠାରୁ ୧୫ ହଜାର ଟଙ୍କା, ୬ଟି ମୋବାଇଲ ଫୋନ, ଗୋଟିଏ ଲାପଟପ୍, ସିମ୍‌କାର୍ଡ, ଟ୍ରାଞ୍ଜାକ୍ସନ୍ ଶିଟ୍ ଏବଂ ପରିଚୟପତ୍ର ଜବତ ହୋଇଛି। ସତିଶଙ୍କୁ ଗିରଫ ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଥିଲା। ରବିବାର ତାଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।



ଅଭିଯୁକ୍ତ ସତିଶ କୁମାର

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭୋଟପଡ଼ା ଅଞ୍ଚଳର ବ୍ୟବସାୟୀ ସାରଦା ପ୍ରସନ୍ନ ରାଉତରାୟ ଠକମାନଙ୍କ ଜାଲରେ ପଡ଼ିଥିଲେ। ଅଭିଯୁକ୍ତମାନେ ପେଟ୍ରୋଲ ପମ୍ପ ଡିଲର୍ ଚୟନ ନାଁରେ ଏକ ଫେକ୍ ୱେବ୍‌ସାଇଟ୍ (https://www.petrolpumpdealerchayan.in/petrol-2023/) ଖୋଲିଥିଲେ। ଏପଟେ ସାରଦା ପେଟ୍ରୋଲ ପମ୍ପ ଖୋଲିବାକୁ ଇଚ୍ଛା କରି ଅନ୍‌ଲାଇନ୍‌ରେ ସର୍ଚ୍ଚ କରିବାବେଳେ ଉକ୍ତ ୱେବ୍‌ସାଇଟ୍‌କୁ ଲଗ୍‌ଇନ୍ କରିଦେଇଥିଲେ। ଏହା ଜାଣିପାରି ଅଭିଯୁକ୍ତମାନେ ସାରଦାଙ୍କୁ ଯୋଗାଯୋଗ କରି ଜାଲରେ ଫସାଇଥିଲେ। ଆଇଓସିଏଲ୍‌ର ପେଟ୍ରୋଲ ପମ୍ପ ଖୋଲିବାକୁ ପ୍ରଥମେ ବିଭିନ୍ନ ଦେୟ ଦେବାକୁ ପଡ଼ିବ ବୋଲି ଠକମାନେ କହିଥିଲେ। ଏପରିକି ମେଲ୍ ଜରିଆରେ ଆଇଓସିଏଲ୍‌ର ଆକାଉଣ୍ଟ ନମ୍ବର କହି ନିଜ ଆକାଉଣ୍ଟ ଦେଇଥିଲେ। ଏଥିରେ ବିଶ୍ୱାସ କରି ସାରଦା ଚେକ୍ ଜରିଆରେ ଜାନୁଆରୀରୁ ବିଭିନ୍ନ ସମୟରେ ୧୯ ଲକ୍ଷ ୯୭ ହଜାର ୫୦୦ ଟଙ୍କା ଦେଇଥିଲେ। ହେଲେ ପେଟ୍ରୋଲ ପମ୍ପ ସଂକ୍ରାନ୍ତ କୌଣସି କାର୍ଯ୍ୟ ଆଗକୁ ନ ବଢ଼ିବାରୁ ସାରଦାଙ୍କ ସନ୍ଦେହ ହୋଇଥିଲା। ଆଇଓସିଏଲ୍ ଅଫିସ ଯାଇ ବୁଝିବାରୁ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ସାରଦାଙ୍କ ଅଭିଯୋଗକ୍ରମେ ପୋଲିସ ଗତ ମେ' ୨ରେ ମାମଲା (ନଂ.୭୮/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତଦନ୍ତବେଳେ ସତିଶ୍ ମାଷ୍ଟରମାଇଣ୍ଡ ହୋଇଥିବା ଜଣାପଡିଥିଲା। ଠକେଇ ଟଙ୍କାରୁ ତାଙ୍କ ପାଖକୁ ୭ ଲକ୍ଷ ୨୨ ହଜାର ୧୦୦ ଟଙ୍କା ଯାଇଥିବାବେଳେ ବାକି ଟଙ୍କା ସବୁ ଅନ୍ୟ ଆକାଉଣ୍ଟକୁ ଡିପୋଜିଟ୍ ହୋଇଥିବା ପୋଲିସ କହିଛି।

# ଏ-୧ କରାଇଦେବାକୁ କହି ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ

## ପ୍ରଧାନଶିକ୍ଷକ ଫେରାର

ଛେନାପଦି,୨୫।୫ (ନିରାକାର ପରିଡ଼ା)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଛାତ୍ରୀଙ୍କୁ ଏ-୧ କରାଇଦେବାକୁ କହି ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ବିଭିନ୍ନ ଆଡୁ ଘଟଣାକୁ ଚାପିଦେବାକୁ ପରିବାର ଉପରେ ଚାପ ପ୍ରୟୋଗ କରାଯାଉଛି। ମାତ୍ର ଏ ନେଇ ଛାତ୍ରୀଙ୍କ ବାପାଙ୍କ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତ ପ୍ରଧାନଶିକ୍ଷକ ଭାଗୀରଥି କବି ଘଟଣା ପରେ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକଙ୍କ ସମେତ ୨ଜଣ ଶିକ୍ଷକ ଛୁଟିଦିନରେ କୋଚିଂ ଦେଉଥିଲେ। ମାମୁ ଘରେ ରହି ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଜଣକ ଶନିବାର କୋଚିଂ ପାଇଁ ଯାଇଥିଲେ। ପ୍ରଧାନଶିକ୍ଷକ ଭାଗୀରଥି ଛାତ୍ରୀଙ୍କୁ ପାଣି ଗ୍ଲାସେ ଆଣିବାକୁ କହିଥିଲେ। ଛାତ୍ରୀ ଅଫିସ ରୁମ୍‌କୁ ପାଣି ନେଇଯାଇଥିବା ବେଳେ ପ୍ରଧାନଶିକ୍ଷକ ତାଙ୍କ ମନ କଥା ମାନିଲେ ଏ-୧ରେ ପାସ୍ କରାଇ ଦେବି ବୋଲି କହି ବଳାତ୍କାର ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ କାନ୍ଦି କାନ୍ଦି ଘରକୁ ଆସି ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ସ୍କୁଲ କମିଟିକୁ ଜଣାଇଥିଲେ। ଗାଁର କିଛି ଲୋକ ଘଟଣାକୁ ଚାପିଦେବାକୁ ପରିବାର ଲୋକଙ୍କ ଉପରେ ଚାପ ପକାଇଥିଲେ। ଏଥିପାଇଁ ଶନିବାର ରାତିରେ ଗାଁରେ ବୈଠକ ବସି ସମାଧାନ ପାଇଁ ଉଦ୍ୟମ ହୋଇଥିଲା। କିନ୍ତୁ ଝିଅଙ୍କ ବାପା ଏଥିରେ ଏକମତ ନ ହୋଇ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ନନ୍ଦିପଦା ପୋଲିସ ଶନିବାର ରାତିରେ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଗାଁକୁ ଯାଇ ତଦନ୍ତ କରିଥିଲା। ପ୍ରଧାନଶିକ୍ଷକ ଫେରାର ଥିବା ବେଳେ ରବିବାର ପୋଲିସ ଏକ ମାମଲା(ନଂ. ୧୪୬/୨୫)ରୁଜୁ କରି ତଦନ୍ତ ଚଳାଇଛି।

ଭାଗୀରଥି ବିଦ୍ୟାଳୟର ସହକାରୀ ଶିକ୍ଷକ ଥିବାବେଳେ ପ୍ରଧାନଶିକ୍ଷକଙ୍କ ଅବସର ପରେ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ପରିସରରେ କୋଚିଂ ସେଣ୍ଟର ଖୋଲି କୋଚିଂ ଦେବା ନିୟମ ବିରୋଧ ହୋଇଥିଲେ ବି କିପରି ସେଠାରେ କୋଚିଂ ସେଣ୍ଟର ଚାଲିଥିଲା, କିଏ ଅନୁମତି ଦେଇଥିଲେ ତାହା ତଦନ୍ତ ସାପେକ୍ଷ।

# ଭୁବନେଶ୍ୱରରେ ବିଳମ୍ବିତ ରାତିରେ ଗୁଳିମାଡ଼

## ଯୁବକ ଆହତ, ଅଭିଯୁକ୍ତ ଫେରାର

ଭୁବନେଶ୍ୱର,୨୫।୫(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ପୁଣି ଗୁଳିକାଣ୍ଡ ଘଟିଛି। ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ପିତାପଲ୍ଲୀ ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଗୁଳିମାଡ଼ରେ ପିତାପଲ୍ଲୀର ଗେଣ୍ଟୁ ଓରଫ ପ୍ରତାପ କୁମାର ସ୍ୱାଇଁ ଗୁରୁତର ଆହତ ହୋଇଛନ୍ତି। ପ୍ରତାପଙ୍କ ବାମଗୋଡ଼ର ଜଙ୍ଘରେ ଗୁଳି ବାଜି ଥିବାବେଳେ ତାଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଛି। ଘଟଣାପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ରବିବାର ଆର୍ମସ ଆକ୍ଟ ସହ ବିଏନ୍‌ଏସ୍‌ର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତମାନଙ୍କୁ ଧରିବାକୁ ଚଢ଼ାଉ ଜାରି ରହିଥିବା ଥାନାଧିକାରୀ କୃପାସିନ୍ଧୁ ବରାଡ଼ କହିଛନ୍ତି। ଘଟଣାରେ ଚନ୍ଦକା ଥାନା ଅନ୍ତର୍ଗତ ପାଣିଓରା ଅଞ୍ଚଳର ଲିପକ ପରିଡ଼ା ଓରଫ ଲିପୁ ଓ ଦୀପକ ପରିଡ଼ା ଓରଫ ଦିପୁଙ୍କ ସମ୍ପୃକ୍ତି ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଲିପୁ ଓ ଦିପୁ ଦୁଇଭାଇ ହୋଇଥିବା ବେଳେ ସେମାନେ ପରିବହନ ବ୍ୟବସାୟ କରନ୍ତି। ସେମାନଙ୍କ ଏକ ଟ୍ରକ୍‌କୁ ନେଇ ଡ୍ରାଇଭର ଶନିବାର ସନ୍ଧ୍ୟାରେ ପିତାପଲ୍ଲୀ ଛକ ଦେଇ ଆସୁଥିବା ବେଳେ ଗାଡି ସାଇଡ୍‌ମରାକୁ କେନ୍ଦ୍ର କରି ପ୍ରତାପଙ୍କ ସହ ଡ୍ରାଇଭରଙ୍କ ଗଣ୍ଡଗୋଳ ହୋଇଥିଲା। ପ୍ରତାପ ଉକ୍ତ ଟ୍ରକ୍‌କୁ ଅଟକାଇ ଡ୍ରାଇଭରଙ୍କୁ ମାରଧର୍ କରିଥିଲେ। ତେବେ ଏ ନେଇ ଡ୍ରାଇଭର ଜଣକ ମାଲିକ ଲିପୁ ଓ ଦିପୁଙ୍କୁ ଜଣାଇଥିଲେ। ବିଳମ୍ବିତ ରାତିରେ ଦୁଇଭାଇ କାର୍ ନେଇ ପିତାପଲ୍ଲୀକୁ ଆସିଥିଲେ। ପ୍ରତାପ ଓ ତାଙ୍କ ଭାଇ ପ୍ରଶାନ୍ତ ମଧ୍ୟ ସେଠାକୁ ଆସିଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ କଥା କଟାକଟି ଓ ବଚସା ପରେ ହାତାହାତି ହୋଇଥିଲା। ଏହି ସମୟରେ ଲିପୁ ଆଣିଥିବା ଏକ ବନ୍ଧୁକରେ ହଠାତ୍ ଗୁଳିମାଡ଼ କରିଥିଲେ। ଗୁଳିଟି ପ୍ରତାପଙ୍କ ଗୋଡ଼ରେ ବାଜିଥିଲା। ଏହି କାଣ୍ଡ ଘଟାଇ ଘଟଣାସ୍ଥଳରୁ ଲିପୁ ଓ ଦିପୁ ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ପ୍ରତାପଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲା। ସୂଚନାଯୋଗ୍ୟ, ମେ' ୯ ରାତିରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଛକ ନିକଟରେ ଥିବା କସ୍‌ମସ୍ ବାର୍‌ରେ ବାଉନ୍ସରଙ୍କୁ ଗୁଳିମାଡ଼ ହୋଇଥିଲା।

## Business

# ଗ୍ରାହକଙ୍କ ଚାହିଦାରେ ହାଣ୍ଡିକ୍ରାଫ୍ଟ ସାମଗ୍ରୀ

## ୨୬ ଦିନରେ ଦୁବାଇ ସିଟି କାର୍ନିଭାଲ

ଭୁବନେଶ୍ୱର,୨୫।୫ (ଅଭୟ ଦାଶ)

ଭୁବନେଶ୍ୱରର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ପ୍ରଥମଥର ପାଇଁ ଏକ ଭିନ୍ନଧରଣର ପ୍ରଦର୍ଶନୀ 'ଦୁବାଇ ସିଟି କାର୍ନିଭାଲ' ପଡ଼ିଛି। ଏହି ପ୍ରଦର୍ଶନୀରେ ଭଳିକି ଭଳି ସାମଗ୍ରୀ ଉପଲବ୍ଧ ଥିବାବେଳେ ହ୍ୟାଣ୍ଡଲୁମ୍ ଜୋନ୍‌ର ହାଣ୍ଡିକ୍ରାଫ୍ଟ ସାମଗ୍ରୀ ଷ୍ଟଲ୍‌ରେ ଗ୍ରାହକଙ୍କ ଭିଡ଼ ଜମୁଛି। ଘର ସଜାଇବାଠାରୁ ଅନ୍ୟାନ୍ୟ କାମ ଓ ଉପହାର ସାଙ୍ଗକୁ ବିଭିନ୍ନ ସ୍ଥାନକୁ ଆକର୍ଷଣୀୟ କରିବାକୁ ଆଶାୟୀ ଥିବା ଗ୍ରାହକମାନେ ସୁଲଭ ମୂଲ୍ୟରେ ଗୁଣାତ୍ମକ ହାଣ୍ଡିକ୍ରାଫ୍ଟ ସାମଗ୍ରୀ କ୍ରୟ କରୁଛନ୍ତି ବୋଲି ପ୍ରଦର୍ଶନୀର ଆୟୋଜକ କ୍ରାଫ୍ଟସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।



ସେହିଭଳି ଏହି ଜୋନ୍‌ରେ ଓଡ଼ିଶା ସମେତ ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ରାଜସ୍ଥାନ, ତେଲଙ୍ଗାନା, ପଶ୍ଚିମବଙ୍ଗ ଭଳି ରାଜ୍ୟର ପ୍ରମୁଖ ହ୍ୟାଣ୍ଡଲୁମ୍ ଓ ହାଣ୍ଡିକ୍ରାଫ୍ଟ ସାମଗ୍ରୀର ସମ୍ଭାର ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଛି। ସେହିପରି ଏହି ପ୍ରଦର୍ଶନୀରେ ମୋଟ ୧୨୦ଟି ଷ୍ଟଲ୍ ରହିଛି, ତା ସାଙ୍ଗକୁ ସେଲ୍‌ଫି ଜୋନ୍ ଏବଂ ଦୁବାଇର ବିଶେଷ ଆକର୍ଷଣ ବୁର୍ଜ ଖଲିଫା, ଆଇଫଲ ଟ୍ୱାୱାର, ଲଣ୍ଡନ ବ୍ରିଜ୍ ଏବଂ ହାର୍ଟ ପଏଣ୍ଟ ଭଳି ଆକର୍ଷଣୀୟ ସ୍ଥାନର ଡିଜାଇନ ମଧ୍ୟ କରାଯାଇଛି। ଅପରପକ୍ଷରେ ସବୁବର୍ଗଙ୍କ ପାଇଁ ଆକର୍ଷଣୀୟ ଖେଳନାଠାରୁ ଆରମ୍ଭକରି ପ୍ରିମିୟମ ଗହଣାରେଞ୍ଜ୍ ଏବଂ ଖେଳକୁଦ ପାଇଁ ବିଭିନ୍ନ ଝୁଲା (ବ୍ରେକ୍ ଡ୍ୟାନ୍ସ, ଡ୍ରାଗନ ଟ୍ରେନ୍, ଟାୱାର. ନୌକା, ଟୋରା ଟୋରା) ସହ ଫନ୍ ଜୋନ୍ ବି ରହିଛି। ହାଣ୍ଡିକ୍ରାଫ୍ଟ ଏବଂ ହ୍ୟାଣ୍ଡଲୁମ୍ ପୋଷାକର ବ୍ୟାପକ ସମ୍ଭାର ସାଙ୍ଗକୁ ଫୁଡ୍ ଜୋନ୍ ଏବଂ କଞ୍ଜୁମର ଜୋନ୍ ସବୁବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରୁଛି ବୋଲି ଆୟୋଜକ ମତବ୍ୟକ୍ତ କରିଛନ୍ତି। ଏପରିକି ଉଭୟ ଦର୍ଶକ ଓ ଗ୍ରାହକଙ୍କ ପାଇଁ ମାଗଣା ପାର୍କିଂ ସୁବିଧା ପ୍ରଦର୍ଶନୀ ପରିସରରେ ଉପଲବ୍ଧ ଥିଲାବେଳେ ସୁଲଭ ମୂଲ୍ୟ ଓ ଗୁଣାତ୍ମକ ସାମଗ୍ରୀ ପ୍ରଦର୍ଶନୀର ଆକର୍ଷଣ ପାଲଟିଛି।

ଏହି ପ୍ରଦର୍ଶନୀ ପ୍ରାଥମିକ ପର୍ଯ୍ୟାୟରେ ୨୦୨୫ ଜୁନ୍ ୧୮ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରଦର୍ଶନୀରେ ଓଡ଼ିଶା ସମେତ ୧୭ଟି ରାଜ୍ୟର ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ଓ ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ବିଶେଷକରି ଗ୍ରୀଷ୍ମ ଅବକାଶ ଯୋଗୁ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିବାରୁ ପିଲାମାନଙ୍କ ସହ ଅଭିଭାବକ ସମୟ ଅତିବାହିତ ପାଇଁ ଏହି ପ୍ରଦର୍ଶନୀ ବୁଲିବାକୁ ଆସୁଛନ୍ତି।

# ବାଣିଜ୍ୟିକ ଋଣରେ ୧୩% ବୃଦ୍ଧି

ଭୁବନେଶ୍ୱର,୨୫।୫

ଭାରତରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରର ବାଣିଜ୍ୟିକ ଋଣ ପୋର୍ଟଫୋଲିଓ ବାର୍ଷିକ ୧୩% ହାରରେ ବୃଦ୍ଧି ପାଇଥିବା ବେଳେ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ତାହା ୩୫.୨ ଲକ୍ଷ କୋଟି ଟଙ୍କା ରହିଛି। ପୂର୍ବରୁ ଋଣ ନେଇଥିବା ଗ୍ରାହକଙ୍କୁ ଅଧିକ ଋଣ ପ୍ରଦାନ କରାଯିବାରୁ ଏହି ଧାରା ଆଗକୁ ବଢ଼ିଥିବା ନେଇ ଟ୍ରାନ୍ସୟୁନିୟନ୍ ସିବିଲ୍ ଓ ସିଡ୍‌ବି ଏମ୍‌ଏସ୍‌ଏମ୍‌ଇ ପଲ୍‌ସ ରିପୋର୍ଟରୁ ଜଣାପଡ଼ିଛି। ଏହି ରିପୋର୍ଟରେ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ନେଇଥିବା ଗ୍ରାହକଙ୍କୁ ସାମିଲ କରାଯାଇଛି। ସାମଗ୍ରିକ ଋଣ ପୋର୍ଟଫୋଲିଓରେ ବୃଦ୍ଧି ଘଟିଥିବା ବେଳେ ତ୍ରୁଟି ପରିମାଣ ୫ ବର୍ଷର ନିମ୍ନସ୍ତର ୧.୮%କୁ ହ୍ରାସ ପାଇଛି। ୫୦ ଲକ୍ଷରୁ ଆରମ୍ଭକରି ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଗ୍ରାହକ ବର୍ଗରେ ତ୍ରୁଟି ହ୍ରାସରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। କିନ୍ତୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇଥିବା ଗ୍ରାହକ ବର୍ଗରେ ଏହି ହାରରେ ସାମାନ୍ୟ ଅବନତି ଘଟିଛି। ସେହିଭଳି ଅନୁସନ୍ଧାନ ସଂଖ୍ୟା ଅନୁସାରେ ବାଣିଜ୍ୟିକ ଋଣ ଚାହିଦା ବାର୍ଷିକ ୧୧% ବୃଦ୍ଧି ପାଇଛି।

# ବାଣିଜ୍ୟ ମେଳାରେ ଆଇଏଫ୍‌ବି ଷ୍ଟଲ୍




ଭୁବନେଶ୍ୱର,୨୫।୫(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଚାଲିଥିବା ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଆଇଏଫ୍‌ବି ଷ୍ଟଲ୍ ୨୫ ଓ ୨୬ ଉଦ୍‌ଘାଟିତ ହୋଇଯାଇଛି। ଆଇଏଫ୍‌ବି ଓଡ଼ିଶା ଶାଖା ମୁଖ୍ୟ ଅନୁରୂପ ପଟ୍ଟନାୟକ, ବ୍ରାଞ୍ଚ ମାର୍କେଟିଂ ମ୍ୟାନେଜର ସଞ୍ଜୟ ବରାଳ ଏବଂ ବିପିନ ବିହାରୀ ପଣ୍ଡା ଏହି ଷ୍ଟଲ୍ ଉଦ୍‌ଘାଟନ କରିଛନ୍ତି। ସିଙ୍ଗଲ ଡୋର ଓ ଡବଲ ଡୋର ବିଶିଷ୍ଟ ଭାଇବ୍ରାଣ୍ଟ ଆଇଏଫ୍‌ବି ରେଫ୍ରିଜରେଟର, ଏଆଇଚାଳିତ ୱାଶିଂମେଶିନ, ଡିଶ୍ ୱାଶର ଭଳି ବିଭିନ୍ନ ଘରୋଇ ଉପକରଣ ବିଶାଳ ରେଞ୍ଜରେ ଉପଲବ୍ଧ ହେଉଛି। ନିର୍ଦ୍ଧାରିତ ସର୍ତ୍ତ ସହ ୧୫% କ୍ୟାଶ୍‌ବ୍ୟାକ୍ ଓ ୨୪ ମାସିଆ ନୋ କଷ୍ଟ ଇଏମ୍‌ଆଇ ଆଦି ଅଫର ଘୋଷଣା କରାଯାଇଛି। ସେହିପରି ୱାଶିଂମେଶିନ ଏବଂ ରେଫ୍ରିଜରେଟର ଉପରେ ୪ବର୍ଷ ୱାରେଣ୍ଟି ରହିଛି। କେତେକ ଉତ୍ପାଦରେ ନିଃଶୁଳ୍କ ଇନ୍‌ଷ୍ଟାଲେଶନ ସୁବିଧା ମଧ୍ୟ ରହିଛି। ଆଇଏଫ୍‌ବି ଏକ ବିଶ୍ୱସନୀୟ ବ୍ରାଣ୍ଡ୍ ହୋଇଥିବାବେଳେ ଉତ୍ତମ ଗୁଣବତ୍ତାଯୁକ୍ତ ଉତ୍ପାଦ, ନୂତନ ଜ୍ଞାନକୌଶଳର ପ୍ରୟୋଗ ଆଦି ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି ଆଇଏଫ୍‌ବି ପକ୍ଷରୁ ଆଶା କରାଯାଉଛି।

# ରେପ୍‌କୋର ଆର୍ଥିକ ଫଳାଫଳ

ଭୁବନେଶ୍ୱର,୨୫।୫

ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍(ଆରଏଚ୍‌ଏଫ୍‌ଏଲ) ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ଆଲୋଚନା ହେବା ସହ ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ଏବଂ ୪ର୍ଥ ତ୍ରୈମାସିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ଉଭୟ ବାର୍ଷିକ ଓ ତ୍ରୈମାସିକ ଫଳାଫଳ ବେଶ୍ ଉଲ୍ଲେଖନୀୟ ରହିଛି। ଏହି ସମୟ ମଧ୍ୟରେ କମ୍ପାନୀ ୧୪,୪୯୨ କୋଟି ଟଙ୍କାର ଲୋନ୍ ବୁକ୍ କରିଥିଲାବେଳେ ବାର୍ଷିକ ଭିତ୍ତିରେ ୭% ଅଭିବୃଦ୍ଧି ହାସଲ କରିଛି। ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀ ମୋଟ ୧୩,୫୧୩ କୋଟି ଟଙ୍କାର ଲୋନ୍ ବୁକ୍ କରିଥିଲାବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ୭% ବୃଦ୍ଧି ଘଟି ୧୪,୪୯୨ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷର



ଟି. କରୁଣାକରନ

୪ର୍ଥ ତ୍ରୈମାସିକରେ କମ୍ପାନୀ ୧୦୫୯ କୋଟି ଟଙ୍କାର ଋଣ ବଣ୍ଟନ କରିଛି। ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକରେ କମ୍ପାନୀ ମୋଟ ୯୭୮ କୋଟି ଟଙ୍କାର ଋଣ ବଣ୍ଟ କରିଥିଲାବେଳେ ୨୦୨୪-୨୫ ବର୍ଷର ଏହି ଅବଧି ମଧ୍ୟରେ ୮% ବୃଦ୍ଧି ଘଟି ୧୦୫୯ କୋଟି ଟଙ୍କାରେ ପହଞ୍ଚିଛି। ଏ ସମ୍ପର୍କରେ ଆରଏଚ୍‌ଏଫ୍‌ଏଲର ଏମ୍‌ଡି ତଥା ସିଇଓ ଟି. କରୁଣାକରନ କହିଥିଲେ, ଆମେ ଆମର ବାର୍ଷିକ ଏବଂ ୪ର୍ଥ ତ୍ରୈମାସିକ ଫଳାଫଳକୁ ଆନୁଷ୍ଠାନିକ ଭାବେ ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ।

# ଅରୁନ୍ଧତୀ ଜୁଏଲର୍ସରେ ମେଗା ମେହେନ୍ଦି ଉତ୍ସବ

ଭୁବନେଶ୍ୱର,୨୫।୫
(ଅନୁରାଧା ମହାରଣା)



ପବିତ୍ର ସାବିତ୍ରୀ ବ୍ରତ ଉପଲକ୍ଷେ ରାଜ୍ୟର ଅଗ୍ରଣୀ ଜୁଏଲେରି ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ତରଫରୁ ରାଜ୍ୟବ୍ୟାପୀ ଏହାର ସମସ୍ତ ୯ଟି ଶାଖାରେ ମେହେନ୍ଦି ଉତ୍ସବ ପାଳନ ହେଉଛି। ଅରୁନ୍ଧତୀର ଅଫିସିଆଲ ଲିଙ୍କ୍‌ରେ ଗ୍ରାହକ ନିଜକୁ ପଞ୍ଜୀକୃତ କରାଇ କିମ୍ବା ନିକଟସ୍ଥ ଶାଖାକୁ ଯାଇ ସାବିତ୍ରୀ ସ୍ପେଶିଆଲ ଡିଜାଇନର ମେହେନ୍ଦି ନିଃଶୁଳ୍କ ଲଗାଇ ସୁଯୋଗ ନେଇପାରିବେ। ଏହି ସୁନ୍ଦର ଆୟୋଜନରେ ସାମିଲହେବା ନିମନ୍ତେ ମହିଳା ଗ୍ରାହକଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହେଉଛି। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସତୀ ସାବିତ୍ରୀ ସ୍ପେଶିଆଲ ଅଫରରେ ସୁନା ଓ ରୁପା ଗହଣାର ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ରିହାତି, ଜିରୋ ମେକିଂ ଚାର୍ଜ ସ୍ପେଶିଆଲ ଅଫର ସହ ହୀରା ଗହଣାର ହୀରା ମୂଲ୍ୟରେ ୨୫% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ଅନ୍ୟପଟେ ଅରୁନ୍ଧତୀ ବାନ୍ଧକଳା ତରଫରୁ ଏଥର ସାବିତ୍ରୀରେ ସମ୍ବଲପୁରୀ ପ୍ରିମିୟମ ସିଲକ୍ ଶାଢ଼ିର ନୂଆ ସତୀ ସାବିତ୍ରୀ କଲେକ୍ସନରେ ୨୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ଚଳିତ ବର୍ଷ ଅରୁନ୍ଧତୀ ବାନ୍ଧକଳାକୁ ଅରୁନ୍ଧତୀ ପରିବାରରେ ଯୋଡ଼ି ଗ୍ରାହକଙ୍କ ସେବା ନିମନ୍ତେ ଅରୁନ୍ଧତୀ ବାନ୍ଧକଳାର ୫ଟି ଶାଖାକୁ ଉତ୍ସର୍ଗୀକୃତ କରିପାରିଛୁ ବୋଲି ଅରୁନ୍ଧତୀ ପକ୍ଷରୁ କୁହଯାଇଛି। ଗହଣା ସହ ଓଡ଼ିଶାର ନିଜସ୍ୱ ହସ୍ତତନ୍ତରେ ବୁଣା ଶାଢ଼ିର ସୁନ୍ଦର ସମନ୍ୱୟ ଅରୁନ୍ଧତୀ ଶାଖାଗୁଡ଼ିକରେ ପ୍ରଦର୍ଶିତ ହେଉଛି ।

# ଗୁଣାତ୍ମକ ଉତ୍ପାଦ ଯୋଗାଣକୁ ଗୁରୁତ୍ୱ

ଭୁବନେଶ୍ୱର,୨୫।୫

ଓଡ଼ିଶା ବଜାରରେ ପ୍ରଥମଥର ପାଇଁ ଜାତୀୟ ଟୁଲ୍‌ସ ବ୍ରାଣ୍ଡ ଏମ୍/ଏସ୍ ଜେନେକଷ୍ଟ ଟୁଲ୍‌ସ ଏଲ୍‌ଏଲ୍‌ପିର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଭୁବନେଶ୍ୱରର ଲକ୍ଷ୍ମୀସାଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଏହି ଅତ୍ୟାଧୁନିକ ସ୍ମାର୍ଟ କର୍ଡଲେସ୍ ପାୱାର ଟୁଲ୍‌ସ ବିଜନେସ୍ ଡିଷ୍ଟ୍ରିବ୍ୟୁଟର ସେଣ୍ଟରକୁ ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଲୱାକିର ବିଜନେସ ହେଡ୍ ଅଭ୍ୟୁଦୟ ସେନାପତି, ପାନ୍ ଇଣ୍ଡିଆ ଡିଷ୍ଟ୍ରିବ୍ୟୁଟର ମୁକୁନ୍ଦ ଚତୁର୍ବେଦୀ ଓ କ୍ଲିମାସ ଇଣ୍ଡିଆର ସେଲ୍‌ସ ମ୍ୟାନେଜର ଅଭିଜିତ୍ ଦାଶ ଓ ଆଉଟ୍‌ଲେଟ୍ ଓନର ମିହିର କୁମାର ବିଶ୍ୱାଳ ଏବଂ ମୀର୍ଜା ଜିଆ ବେଗ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏହି ନୂତନ ଏଜେନ୍ସି ଗ୍ରୁପ୍‌ରେ ମିଲୱାକି ଓ କ୍ଲିମାସର ଟୁଲ୍‌ସ ଆଇଟମ, ଅତ୍ୟାଧୁନିକ ପ୍ଲମ୍ବିଙ୍ଗ, ଇଲେକ୍ଟ୍ରିକାଲ, ଷ୍ଟିଲ୍ ଆଣ୍ଡ ମେଟାଲ, ଇଣ୍ଟେରିଅର ଫିନିଶିଂ, ମେକାନିକାଲ ଓ କନ୍‌ଷ୍ଟ୍ରକ୍‌ଶନ ପାଇଁ ଟୁଲ୍‌ସ ଉପଲବ୍ଧ ହେବ। ଅପରପକ୍ଷରେ ଗ୍ରାହକଙ୍କୁ ଗୁଣାତ୍ମକ ଉତ୍ପାଦ ଠିକ୍ ସମୟରେ ଯୋଗାଇବା ସହ ବିକ୍ରି ପରବର୍ତ୍ତୀ ସେବାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ବୋଲି ଷ୍ଟୋର କର୍ତ୍ତୃପକ୍ଷ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଜଙ୍ଗଲ ଚିନ୍ତା

ଜଙ୍ଗଲ ପୃଥିବୀର ଅନ୍ୟତମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପରିବେଶ ବ୍ୟବସ୍ଥା। ସବୁ ଭୂମିଗତ ଉଦ୍ଭିଦ, କୀଟପତଙ୍ଗ ଓ ପ୍ରାଣୀଙ୍କ ୮୦ ପ୍ରତିଶତ ବାସସ୍ଥାନ ହେଉଛି ଜଙ୍ଗଲ। ବିଶ୍ୱର ପାଖାପାଖି ଏକ ତୃତୀୟାଂଶ ଲୋକ ସେମାନଙ୍କ ଜୀବିକା ପାଇଁ ସିଧାସଳଖ ଏହା ଉପରେ ନିର୍ଭରଶୀଳ। ହେଲେ ଜଙ୍ଗଲକ୍ଷୟ ଦିନକୁ ଦିନ ବଢ଼ିଚାଲିଛି। ଜଙ୍ଗଲ ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରି ତାହାକୁ ବିଶ୍ଳେଷଣ କରୁଥିବା ସଙ୍ଗଠନ ଗ୍ଲୋବାଲ ଫରେଷ୍ଟ ୱାଚ୍ (ଜିଏଫ୍‌ଡବ୍ଲ୍ୟୁ)ର ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ୨୦୨୪ରେ ଭାରତ ୧୮,୨୦୦ ହେକ୍ଟରର ପ୍ରାକୃତିକ ଜଙ୍ଗଲ ହରାଇଛି। ୨୦୨୩ରେ ଏହା ୧୭,୭୦୦ ହେକ୍ଟର ପ୍ରାକୃତିକ ଜଙ୍ଗଲ ହରାଇଥିଲା। ଭାରତ ହରାଇଥିବା ଏହି ଜଙ୍ଗଲଗୁଡ଼ିକ ଅତି ପୁରୁଣା। ସାଧାରଣତଃ ଏଭଳି ଜଙ୍ଗଲ ହ୍ରାସ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା କ୍ଷୟ, ଜୈବବିବିଧତା ହାନି ଓ ବାୟୁ ଗୁଣବତ୍ତାରେ ଅବନତି ଆଣିଥାଏ। ବିକାଶକୁ ଗୁରୁତ୍ୱ ଦିଆଯାଇ ଜଙ୍ଗଲ ଅଞ୍ଚଳକୁ ସଙ୍କୁଚିତ କରାଯାଉଛି । କିନ୍ତୁ କେଉଁ ଧରଣର ବନାଞ୍ଚଳ କମିବା ସତ୍ତ୍ୱେ ନିରନ୍ତର ବିକାଶ ହୋଇପାରିବ, ତାହା ଉପରେ ବିଧିବଦ୍ଧ ଅଧ୍ୟୟନ କରାଯାଉ ନ ଥିବାରୁ ମଣିଷ ଏବେ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନକୁ ସିଧାସଳଖ ଅନୁଭବ କଲାଣି। ଯଦି ଜିଏଫ୍‌ଡବ୍ଲ୍ୟୁର ରିପୋର୍ଟକୁ ଦେଖାଯାଏ ତାହା ହେଲେ ୨୦୦୧ରୁ ବର୍ତ୍ତମାନ ସୁଦ୍ଧା ଦେଶରେ ୨.୩୧ ମିଲିୟନ ହେକ୍ଟର ବୃକ୍ଷ ପରିବେଷ୍ଟିତ କ୍ଷେତ୍ର ନଷ୍ଟ ହୋଇସାରିଲାଣି। ଏହି ଅବଧି ମଧ୍ୟରେ ଦେଶରେ ବୃକ୍ଷ ପରିବେଷ୍ଟିତ କ୍ଷେତ୍ର ୭.୧ ପ୍ରତିଶତ ହ୍ରାସ ଘଟିଛି, ଯାହା ୧.୨୯ ଗିଗାଟନ ଅଙ୍ଗାରକାମ୍ଳ ନିର୍ଗମନ ସହ ସମାନ ବୋଲି କୁହାଯାଉଛି। ଏହା ନିଶ୍ଚିତ ଭାବେ ଚିନ୍ତାଜନକ ବିଷୟ।

> ବିଶ୍ୱ ପ୍ରେକ୍ଷାପଟକୁ ଦେଖି କୁହାଗଲାଣି ଯଦି ଜଙ୍ଗଲ ଧ୍ୱଂସ କ୍ରମାଗତ ଭାବେ ବଢ଼ିଚାଲେ, ତେବେ ଏବେଠାରୁ ୮୦ ବର୍ଷ ପରେ ଆମ ସବୁଜ ଗ୍ରହ ଜଙ୍ଗଲଶୂନ୍ୟ ହୋଇଯିବ। କାରଣ ଜଙ୍ଗଲକ୍ଷୟ ଯୋଗୁ ବିଶ୍ୱ ପ୍ରତି ମିନିଟ୍‌ରେ ୩୦ଟି ଫୁଟବଲ ପଡ଼ିଆର ଜଙ୍ଗଲାୟତନ ହରାଇବସୁଛି। ଅତଏବ ଭାରତରେ ବର୍ତ୍ତମାନ ସମୟରେ ବନୀକରଣକୁ ଗୁରୁତ୍ୱ ଦିଆଯିବା ସହ ପ୍ରାକୃତିକ ଜଙ୍ଗଲ କ୍ଷୟକୁ ରୋକିବା ଲାଗି ପ୍ରତି ସ୍ତରରେ ସଂଯୁକ୍ତ ପ୍ରୟାସ ହେଲେ ଯାଇ ମଣିଷ ସମେତ ପ୍ରାଣୀଜଗତ ତିଷ୍ଠି ପାରିବ।

ଜଙ୍ଗଲ ସଂରକ୍ଷଣ ଲାଗି ଭାରତ ଅନେକ କାର୍ଯ୍ୟକ୍ରମ ଜାରି ରଖିଛି। ଜଳବାୟୁ ପରିବର୍ତ୍ତନ ମୁକାବିଲା ସକାଶେ ଜାତୀୟ କାର୍ଯ୍ୟାନ୍ୱୟନ ଯୋଜନା (ଏନ୍‌ଏପିସିସି), ସବୁଜ ଭାରତ ସକାଶେ ଜାତୀୟ ମିଶନ ଏବଂ କ୍ଷତିପୂରଣ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା କର୍ତ୍ତୃପକ୍ଷ (କାମ୍ପା) ଆଦି କାର୍ଯ୍ୟକ୍ରମ ବନୀକରଣ, ନିରନ୍ତର ଜଙ୍ଗଲ ପରିଚାଳନା ଓ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଆସୁଛି। ଏସବୁ ପଦକ୍ଷେପ ସତ୍ତ୍ୱେ ପ୍ରାକୃତିକ ଜଙ୍ଗଲକ୍ଷୟକୁ ରୋକିବା ସମ୍ଭବ ହେଉ ନାହିଁ। ଭାରତୀୟ ଜଙ୍ଗଲ ସମ୍ପଦକୁ ରକ୍ଷା କରିବା ଲାଗି ସ୍ଥାନୀୟ ସମ୍ପ୍ରଦାୟକୁ ସାମିଲ କରାଯାଇ ଏ ସମ୍ବନ୍ଧରେ ବାସ୍ତବ ତଥ୍ୟ ସଂଗ୍ରହ ସହ ସ୍ୱଚ୍ଛ ଆକଳନ କରିବାର ଆବଶ୍ୟକତା ରହିଛି। ସରକାର ବିଭିନ୍ନ ପ୍ରକାର ଉନ୍ନୟନମୂଳକ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଲାଗି ଆବଶ୍ୟକ ସ୍ଥଳେ ଗଛ କାଟୁଛନ୍ତି। ସେହିପରି କମ୍ପାନୀଗୁଡ଼ିକ ପାଇଁ ଜଙ୍ଗଲ ନଷ୍ଟ ହେଉଛି। ଅନେକ ସମୟରେ ଦେଖାଯାଉଛି ଗଛ କାଟି କାରଖାନା ବସାଯାଉଥିବା ବେଳେ ବନୀକରଣ କାର୍ଯ୍ୟକୁ ଯେଭଳି କମ୍ପାନୀ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା କଥା ତାହା ଦେଉନାହାନ୍ତି। କମ୍ପାନୀ ସାମାଜିକ ଦାୟିତ୍ୱବୋଧ(ସିଏସ୍‌ଆର୍) ଅନେକ ସମୟରେ ପ୍ରହସନରେ ରହିଯାଉଛି। ତେଣୁ ସରକାର ଜଙ୍ଗଲ କ୍ଷୟ ଓ ବନୀକରଣ ସମ୍ବନ୍ଧରେ ଠିକ୍ ତଥ୍ୟ ସଂଗ୍ରହ କରି ତାହାର ବିଶ୍ଳେଷଣ କରିବାର ସମୟ ଆସିଲାଣି।

ଏହି ପରିପ୍ରେକ୍ଷୀରେ ସରକାର ଓ କମ୍ପାନୀ ସହିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଚେତନ ହେବାକୁ ପଡ଼ିବ। ନିଜେ ନିଜ ସ୍ତରରେ ଅଧିକ ଚାରା ରୋପଣ କରିପାରିଲେ ନିଜ ପରିବେଷ୍ଟନୀ ସୁରକ୍ଷିତ ରହିପାରିବ। ନିଜେ ବଢ଼ାଇଥିବା ଗଛକୁ ଜଣେ କଦାପି କାଟିବାକୁ ଚେଷ୍ଟା କରିବ ନାହିଁ ବୋଲି କୁହାଯାଇପାରେ। ଯେତିକି ଚାଷ ଜମି ଅଛି ତାହାକୁ ଉପଯୁକ୍ତ ଭାବେ କିଭଳି ବିଭିନ୍ନ ପଦ୍ଧତି ଅନୁସରଣ କରାଯାଇ ବ୍ୟବହାର କରାଯାଇପାରିବ, ତାହା ଉପରେ ପ୍ରାଧାନ୍ୟ ଦିଆଯିବା ଉଚିତ। ନିରନ୍ତର କୃଷି ବିକାଶ ଚିନ୍ତା ସୃଷ୍ଟି ହୋଇପାରିଲେ ଚାଷ କ୍ଷେତ୍ର ବିସ୍ତାର ଲାଗି ଜଙ୍ଗଲ ପଦା କରିବାର ଆବଶ୍ୟକତା ପଡ଼ିବ ନାହିଁ। ପ୍ରାକୃତିକ ଜଙ୍ଗଲ କ୍ଷୟକୁ ରୋକିବାକୁ ହେଲେ ସେହିସବୁ ଅଞ୍ଚଳକୁ ଜାତୀୟ ପାର୍କ ବା ସଂରକ୍ଷିତ ବନାଞ୍ଚଳ ଘୋଷଣା କରାଯିବା ଦରକାର। ଉଦାହରଣ ସ୍ୱରୂପ, ବ୍ରାଜିଲ, ଇଣ୍ଡୋନେସିଆ ଓ କଙ୍ଗୋ ଆଦି ଦେଶରେ ଏଭଳି ପଦ୍ଧତି ଅନୁସରଣ କରାଯାଇ ଜଙ୍ଗଲ କ୍ଷୟକୁ ରୋକାଯାଇପାରିଛି। ଏହା କରାଗଲେ ସେହି ଅଞ୍ଚଳରେ ବେଆଇନ ଗଛ କଟାକୁ ଅନେକ ପରିମାଣରେ ରୋକାଯାଇପାରିବ। ବିଶ୍ୱ ପ୍ରେକ୍ଷାପଟକୁ ଦେଖି କୁହାଗଲାଣି ଯଦି ଜଙ୍ଗଲ ଧ୍ୱଂସ କ୍ରମାଗତ ଭାବେ ବଢ଼ିଚାଲେ, ତେବେ ଏବେଠାରୁ ୮୦ ବର୍ଷ ପରେ ଆମ ସବୁଜ ଗ୍ରହ ଜଙ୍ଗଲଶୂନ୍ୟ ହୋଇଯିବ। କାରଣ ଜଙ୍ଗଲକ୍ଷୟ ଯୋଗୁ ବିଶ୍ୱ ପ୍ରତି ମିନିଟ୍‌ରେ ୩୦ଟି ଫୁଟବଲ ପଡ଼ିଆର ଜଙ୍ଗଲାୟତନ ହରାଇବସୁଛି। ଅତଏବ ଭାରତରେ ବର୍ତ୍ତମାନ ସମୟରେ ବନୀକରଣକୁ ଗୁରୁତ୍ୱ ଦିଆଯିବା ସହ ପ୍ରାକୃତିକ ଜଙ୍ଗଲ କ୍ଷୟକୁ ରୋକିବା ଲାଗି ପ୍ରତି ସ୍ତରରେ ସଂଯୁକ୍ତ ପ୍ରୟାସ ହେଲେ ଯାଇ ମଣିଷ ସମେତ ପ୍ରାଣୀଜଗତ ତିଷ୍ଠି ପାରିବ।


# ଦେଇଥିଲେ ପାଇ



ପ୍ରକାଶ ତ୍ରିପାଠୀ

ଯଦି ଜଣେ ଚାଷୀ ଗହମ ଅମଳ କରିବାକୁ ଚାହେଁ, ତେବେ ସେ ତା' କ୍ଷେତରେ ଗହମ ବୁଣେ। ଯଦି ଧାନ ଅମଳ କରିବାକୁ ଚାହେଁ, ତେବେ ସେ ଧାନ ବୁଣେ। ଯଦି ସେ ଗହମ ବୁଣି ଧାନ ଅମଳ କରିବାକୁ ଆଶା କରେ, ତେବେ ତାଙ୍କର ଆଶା ସଫଳ ହୋଇପାରେ ନାହିଁ। ପ୍ରକୃତିର ନିୟମ ଆମକୁ କହେ ଯେ, ଆମେ ଯାହା ଅମଳ କରିବାକୁ ଚାହୁଁ ତାହା ଆମକୁ ବୁଣିବାକୁ ପଡ଼ିବ। ଠିକ୍ ସେହିପରି ଜୀବନ ଯାତ୍ରାରେ ମଧ୍ୟ ସମାନ ଘଟଣା ଘଟିଥାଏ। ଆମକୁ ସର୍ବଦା ଆମର କର୍ମର ପରିଣାମ ଭୋଗ କରିବାକୁ ପଡ଼ିଥାଏ। ଯଦି ଆମେ ଭଲ କାର୍ଯ୍ୟ କରୁ, ତେବେ ଆମେ ଭଲ ଫଳ ପାଇବୁ। ଯଦି ଆମେ ଖରାପ କାର୍ଯ୍ୟ କରୁ, ତେବେ ଆମେ ଖରାପ ଜୀବନ ବଞ୍ଚିବୁ। ଖରାପ ଉପାୟ ବ୍ୟବହାର କରି ତୁମେ ନ୍ୟାୟପୂର୍ଣ୍ଣ ଉଦ୍ଦେଶ୍ୟ ହାସଲ କରିପାରିବ ନାହିଁ। ଯଦିବା ହାସଲ କର, ତେବେ ତାହା କ୍ଷଣସ୍ଥାୟୀ ହୋଇଥାଏ। ମଣିଷ ତା'ର ବର୍ତ୍ତମାନର କାର୍ଯ୍ୟ ଦ୍ୱାରା ନିଜର ଭବିଷ୍ୟତ ସ୍ଥିର କରିପାରିବ। ଯଦି ସେ ଦୁରାଚାର, ଦୁର୍ନୀତି ଏବଂ ପାପର ବୀଜ ବୁଣେ, ତେବେ ସେ ଦୁଃଖ ଏବଂ ବିନାଶକୁ ଅମଳ କରେ। ଯଦି ସେ ସଦ୍‌ଗୁଣ ଓ ସଦାଚାର ବୀଜ ବୁଣେ, ତେବେ ସେ ସଫଳତା ଏବଂ ସୁଖର ସୁବର୍ଣ୍ଣ ଫଳ ପାଏ। କାର୍ଯ୍ୟ ସକାରାତ୍ମକ ବା ନକାରାତ୍ମକ ହେଉ, ଉଭୟର ପରିଣାମ ପ୍ରତ୍ୟେକ ମଣିଷ ତାଙ୍କ ଜୀବନକାଳରେ ଅନୁଭବ କରିଥା'ନ୍ତି। ପ୍ରତ୍ୟେକ ଧର୍ମରେ ଏହି ଦୃଢ଼ ବିଶ୍ୱାସକୁ ସମର୍ଥନ କରାଯାଇଛି। ଭଲ କାମ କେବେ ବ୍ୟର୍ଥ ହୁଏ ନାହିଁ। ସେଗୁଡ଼ିକ ସବୁବେଳେ ଅପ୍ରତ୍ୟାଶିତ ଉପାୟରେ ଫେରି ଆସେ। ଯଦି ଆପଣ ଗୋଟିଏ ଅସହାୟ ମଣିଷକୁ ସହାୟତାର ହାତ ବଢ଼ାଇଥିବେ, ତେବେ ଭବିଷ୍ୟତରେ ଆପଣଙ୍କ ଆଡ଼କୁ ସହାୟତାର ଅନେକ ହାତ ଲମ୍ବି ଆସିବ। ଯଦି ଆପଣ ଅନ୍ୟ ଉପରକୁ ଛୋଟ ପଥରଟିଏ ପକାଇଥା'ନ୍ତି, ତେବେ ଆପଣଙ୍କ ଉପରେ ପଡ଼ିବା ପାଇଁ ବଡ଼ ପଥରଟିଏ ନିଶ୍ଚିତ ଥିବ। ନକାରାତ୍ମକ କାର୍ଯ୍ୟର ପରିଣାମ ସମ୍ପର୍କରେ ପୁରାଣ ଓ ଇତିହାସରେ ଅନେକ ଦୃଷ୍ଟାନ୍ତ ରହିଛି। ଆଜିର ସମାଜରେ ଏହାର ଜ୍ୱଳନ୍ତ ପ୍ରମାଣ ଦେଖିବାକୁ ମିଳିଥାଏ। କିନ୍ତୁ ଭଲ କର୍ମର ଭଲ ଫଳ ଅଧିକ ପ୍ରଚାରିତ ହୁଏ ନହିଁ। ତେବେ ଆଜିର ଏହି ଆଲେଖ୍ୟରେ ଆସନ୍ତୁ ଜାଣିବା ସକାରାତ୍ମକ କର୍ମର କିପରି ସକାରାତ୍ମକ ଫଳ ମିଳେ।

ଘଟଣାଟି ୧୮୯୨ ମସିହାର। ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ପଢ଼ୁଥିଲେ ଜଣେ ଗରିବ ପିଲା। କଲେଜ ଟ୍ୟୁଶନ ଫି' ଦେବା ତାଙ୍କ ପକ୍ଷରେ ସମ୍ଭବପର ହୋଇ ପାରୁନଥାଏ। ସେତେବେଳେ ଆଜିକାଲି ପରି ପ୍ରତିଭାବାନ୍ ପିଲାଙ୍କୁ ବା ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରବୃତ୍ତିର ବ୍ୟବସ୍ଥା ନଥିଲା। ସେହି ପିଲାଟି ଥିଲେ ଅନାଥ, ଯିଏ କି ପିଲାଟି ଦିନୁ ମା'ବାପାଙ୍କୁ ହରାଇଥିଲେ। କାହାକୁ ବା କହିବେ?



କିଏ ବା ତାଙ୍କୁ ସାହାଯ୍ୟ କରିବ? ଗୋଟିଏପଟେ ପାଠ ପଢ଼ିବା ପାଇଁ ଦୁର୍ବାର ଆଗ୍ରହ ତ ଅନ୍ୟପଟେ ଦାରୁଣ ଅର୍ଥ ସଙ୍କଟ। ଶେଷରେ ଜଣେ ସାଙ୍ଗକୁ ତାଙ୍କ ଅସୁବିଧା କଥା କହିଲେ। ସେ ସାଙ୍ଗ ଗୋଟିଏ ବୁଦ୍ଧି ଦେଲା। ସେ ସମୟରେ ଇଗ୍ନାସି ଜେ ପ୍ୟାଡେରଓସ୍କି ନାମକ ଜଣେ ବିଦେଶୀ ପିଆନୋ ବାଦକ ଆମେରିକାର ବିଭିନ୍ନ ସହରରେ ମ୍ୟୁଜିକ କନ୍‌ସର୍ଟ ମାଧ୍ୟମରେ ବେଶ୍ ଲୋକପ୍ରିୟ ହୋଇ ଉଠିଥିଲେ। ଗରିବ ପିଲାଟି ସାଙ୍ଗ ସହିତ ମିଶି ପ୍ୟାଡେରଓସ୍କିଙ୍କୁ ଆଣି ବିଶ୍ୱବିଦ୍ୟାଳୟରେ ଗୋଟିଏ କନ୍‌ସର୍ଟର ଆୟୋଜନ କରିବା ପାଇଁ ଚିନ୍ତାକଲେ। ଦୁଇ ସାଙ୍ଗ ପ୍ୟାଡେରଓସ୍କିଙ୍କ ମ୍ୟାନେଜରଙ୍କ ସହିତ କଥାବାର୍ତ୍ତା କଲେ। ଶୋ' ପାଇଁ ଦୁଇ ହଜାର ଡଲାରର ପାରିଶ୍ରମିକ ସ୍ଥିର ହେଲା। ସହପାଠୀମାନଙ୍କୁ ଅନୁରୋଧ କରି ଟିକେଟ ବିକିବାକୁ ଯୋଜନା ହେଲା। ଶେଷରେ କନ୍‌ସର୍ଟର ଦିନ ଆସି ପହଞ୍ଚିଲା। ପ୍ୟାଡେରଓସ୍କି ଓ ତାଙ୍କ କନ୍‌ସର୍ଟ ଦଳ କଲେଜରେ ଆସି ପହଞ୍ଚିଗଲେ। କିନ୍ତୁ ପିଲା ଦୁଇଜଣଙ୍କ ମାନସିକ ଚାପ କମୁନଥିଲା। କାରଣ ଅନେକ ଚେଷ୍ଟା କରି ମଧ୍ୟ ସେମାନେ ମାତ୍ର ଷୋଳଶହ ଡଲାରର ଟିକେଟ ବିକ୍ରି କରିପାରିଥିଲେ। ଏ କଥା ଶୁଣି ପ୍ୟାଡେରଓସ୍କିଙ୍କ ମ୍ୟାନେଜରଙ୍କ ରାଗ କହିଲେ ନସରେ। ଦୁଇ ହଜାର ଡଲାର ନାହିଁ ତ ଶୋ' ହେବାର ନାହିଁ।

ଦୁଇ ବନ୍ଧୁ ବହୁତ ସାହସ ଜୁଟେଇ ପ୍ୟାଡେରଓସ୍କିଙ୍କ ପାଖରେ ପହଞ୍ଚିଲେ। ସାଙ୍ଗରେ ଆଣିଥିବା ଷୋଳଶହ ଡଲାର ଏବଂ ବାକି ଚାରିଶହ ଡଲାର ପାଇଁ ଚେକ୍‌ଟିଏ ଧରେଇ ଦେଲେ ଆଉ ମୁଣ୍ଡ ତଳକୁ କରି କହିଲେ-ସାର୍! ବହୁତ କଷ୍ଟରେ ଏତକ ଯୋଗାଡ଼ ହୋଇପାରିଲା। ଆମେ ଦୁହେଁ କଥା ଦେଉଛୁ, ଯଥାଶୀଘ୍ର ଚେକ୍‌ଟି ପାସ୍ କରାଇବା ପାଇଁ ବ୍ୟବସ୍ଥା କରିବୁ। ଆମ ଦୁହିଁଙ୍କର ବିଶ୍ୱବିଦ୍ୟାଳୟର ଟ୍ୟୁଶନ ଫି' ଯୋଗାଡ଼ ପାଇଁ ଏହି ଶୋ'ର ଆୟୋଜନ କରୁଥିଲୁ। ଈଶ୍ୱରଙ୍କୁ ହୁଏତ ଏକଥା ମଞ୍ଜୁର ନଥିଲା! ତେଣୁ ଆପଣ ଚାହିଁଲେ ସବୁ କିଛି ହୋଇପାରିବ। ଯୁବକ ଦ୍ୱୟଙ୍କ କଥା ଶୁଣି ପ୍ୟାଡେରଓସ୍କି କହି ଉଠିଲେ- ଏକଥା କିନ୍ତୁ ମୁଁ ଗ୍ରହଣ କରିପାରିବି ନହିଁ। ଚୁକ୍ତି ମୁତାବକ ଟଙ୍କା ନ ଦେଲେ କନ୍‌ସର୍ଟ ହେବନାହିଁ। ପ୍ୟାଡେରଓସ୍କିଙ୍କ କଥା ଶୁଣି ପିଲାମାନେ ଚୈତନ୍ୟ ହରାଇବା ଉପରେ। ପ୍ୟାଡେରଓସ୍କି ଚେକ୍‌ଟିକୁ ଟିକି ଟିକି କରି ଚିରିଦେଇ ଉପରକୁ ଉଡ଼େଇଦେଲେ ଓ ସମସ୍ତ ଷୋଳଶହ ଡଲାର ସେମାନଙ୍କୁ ଫେରାଇଦେଲେ। ତା'ପରେ ଗୁରୁଗମ୍ଭୀର କଣ୍ଠରେ କହି ଉଠିଲେ, ''ଏହି ଷୋଳଶହ ଡଲାରରୁ ତମର କନ୍‌ସର୍ଟ ବାବଦ ଖର୍ଚ୍ଚ କାଟି ରଖି ବାକିତକ ଟ୍ୟୁଶନ ଫି ବାବଦରେ ବ୍ୟବହାର କର। ପିଲାମାନଙ୍କ ଆଖିରେ ଲୁହର ବନ୍ୟା। ହୃଦୟରେ କୃତଜ୍ଞତାର କୋହ। ଠିକ୍ ସମୟରେ କନ୍‌ସର୍ଟ ଆରମ୍ଭ ହେଲା। ତାଳିମାଡ଼ରେ କମ୍ପି ଉଠିଲା ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ବିରାଟ ପ୍ରେକ୍ଷାଳୟ।

ସମୟ କାହାକୁ ଅପେକ୍ଷା କରେ ନାହିଁ। ପିଆନୋ ବାଦକ ପ୍ୟାଡେରଓସ୍କି ହେଲେ ପୋଲାଣ୍ଡ ଦେଶର ପ୍ରଧାନମନ୍ତ୍ରୀ। ଏ ରାଜମୁକୁଟ କିନ୍ତୁ ଭରି ଯାଇଥାଏ କଣ୍ଟକରେ। ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ଯାଇଥାଏ। ଛୋଟ ଦେଶ ପୋଲାଣ୍ଡକୁ ଚାରିଆଡ଼ୁ ବିପଦ। ଭୟଙ୍କର ଖାଦ୍ୟାଭାବରେ ଦେଶର ଦେଢ଼ ନିୟୁତରୁ ଅଧିକ ଲୋକ କଙ୍କାଳସାର ହୋଇ ପଡ଼ିଲେଣି। ଚାରିଆଡ଼େ ମାଳ ମାଳ ମୃତଦେହ। ଦୁର୍ଭିକ୍ଷ ତା'ର ବାହୁ ବିସ୍ତାର କରି ଚାଲିଛି। ପ୍ୟାଡେରଓସ୍କିଙ୍କ ମୁଣ୍ଡ କାମ କରୁନଥାଏ। ଆଶା ନିରାଶା ଭିତରେ ଆମେରିକାର ଗୋଟିଏ ଦାତବ୍ୟ ସଂସ୍ଥା 'ଆମେରିକୀୟ ରିଲିଫ୍ ଆସୋସିଏଶନ'କୁ ଚିଠିଟିଏ ଲେଖି ଅପେକ୍ଷାରେ ରହିଲେ ପ୍ୟାଡେରଓସ୍କି।

ସେତେବେଳେ ଉପରୋକ୍ତ ସଂସ୍ଥାର ମୁଖ୍ୟ ଥିଲେ ହର୍ବର୍ଟ ହୁଭର୍, ଯିଏ ପରବର୍ତ୍ତୀ କାଳରେ ଆମେରିକାର ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ। ଚିଠିଟି ହୁଭର୍‌ଙ୍କ ପାଖକୁ ଆସିଲା। ସେ ସଙ୍ଗେ ସଙ୍ଗେ ପୋଲାଣ୍ଡର ନିରନ୍ନ ଲୋକଙ୍କ ପାଇଁ ହଜାର ହଜାର ଟନର ଜରୁରୀ ଖାଦ୍ୟପେୟ ପଠାଇବାର ବ୍ୟବସ୍ଥା କରିଦେଲେ। ପୋଲାଣ୍ଡର ବୁଭୁକ୍ଷୁମାନଙ୍କ ପେଟକୁ ଦାନା ଗଣ୍ଡିଏ ମିଳିଗଲା। ବହୁତ ବଡ଼ ବିପତ୍ତି ଟଳିଗଲା ମୁଣ୍ଡ ଉପରୁ। ପ୍ୟାଡେରଓସ୍କି ହୁଭର୍‌ଙ୍କ ଏମିତି ମାନବୀୟ ସହାୟତା ପାଇଁ ତାଙ୍କୁ ବ୍ୟକ୍ତିଗତ ଭାବରେ ଧନ୍ୟବାଦ ଦେବା ପାଇଁ ଆମେରିକାରେ ପହଞ୍ଚିଲେ। ପ୍ୟାଡେରଓସ୍କିଙ୍କୁ ସମ୍ମାନର ସହିତ ପାଛୋଟି ନେଲେ ହୁଭର୍, ଯେତେହେଲେ ସେ ଜଣେ ପ୍ରଧାନମନ୍ତ୍ରୀ! ହୁଭର୍‌ଙ୍କ କାର୍ଯ୍ୟାଳୟରେ ଯେତେବେଳେ ପ୍ୟାଡେରଓସ୍କି ହୁଭର୍‌ଙ୍କୁ ତାଙ୍କର ସମୟୋଚିତ ମାନବୀୟ ସାହାଯ୍ୟ ପାଇଁ ଧନ୍ୟବାଦ ଦେବାକୁ ନିଜର ବକ୍ତବ୍ୟ ଆରମ୍ଭ କଲେ, ହୁଭର୍ ତାଙ୍କୁ ଅଧାରେ ଅଟକାଇ ଦେଲେ। କହିଲେ- ''ମହାମହିମ ପ୍ରଧାନମନ୍ତ୍ରୀ! ସେ ଅନେକ ବର୍ଷ ତଳର କଥା। ଆପଣଙ୍କର ହୁଏତ ମନେ ନ ଥିବ। ମୁଁ କିନ୍ତୁ ଆଦୌ ଭୁଲି ନାହିଁ। ଆପଣ ଆମେରିକାର ଯେଉଁ ଦୁଇଜଣ ଗରିବ ପିଲାଙ୍କୁ ସେମାନଙ୍କ କଲେଜର ଟ୍ୟୁଶନ ଫି' ଦାଖଲ ପାଇଁ ସାହାଯ୍ୟ କରି ସେମାନଙ୍କର ମୁହଁରେ ହସ ଫୁଟାଇଥିଲେ, ମୁଁ ତା' ଭିତରୁ ଜଣେ। ସେ ଦିନର ଆପଣଙ୍କ ଭଲ କର୍ମର ଫଳ ଆପଣଙ୍କୁ ଈଶ୍ୱର ସୁଧମୂଳ ସହ ଫେରାଇଛନ୍ତି।'' ପ୍ୟାଡେରଓସ୍କି ନିଜ ଆଖିକୁ ବିଶ୍ୱାସ କରିପାରୁନଥିଲେ। ଭାବରେ ଗଦଗଦ ହୋଇ ହୁଭର୍‌ଙ୍କୁ କୁଣ୍ଢାଇ ପକାଇଲେ। ପ୍ୟାଡେରଓସ୍କିଙ୍କ ହୃଦୟରୁ ହୁଭର୍‌ଙ୍କ ପ୍ରତି ଝରି ଆସୁଥିବା କୃତଜ୍ଞତାର ସ୍ୱର ତାଙ୍କର କନ୍‌ସର୍ଟର ମଧୁର ତାନଠାରୁ କୌଣସିମତେ ନ୍ୟୂନ ନ ଥିଲା।

ମୋ: ୯୪୩୭୨୩୨୪୬୩

# ଏ କ'ଣ ଦୁର୍ଘଟଣା



ବୈଷ୍ଣବ ମେହେର

ବଜ୍ରପାତ ନେଲା ଛଅ ଜୀବନ, ବାଇକ ଦୁର୍ଘଟଣାରେ କାକା ପୁତୁରା ମୃତ, ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ମୃତ, ଏସବୁ ହେଉଛି ଗତ ସପ୍ତାହର ଏକ ନିର୍ଦ୍ଦିଷ୍ଟ ଦିନରେ ଆମ ରାଜ୍ୟର ଭିନ୍ନଭିନ୍ନ ଅଞ୍ଚଳରେ ଘଟିଥିବା କିଛି ଘଟଣା ଯାହା ଦୁର୍ଘଟଣା ଭାବରେ ଗୁରୁବାରର ଖବରକାଗଜ ପୃଷ୍ଠା ମଣ୍ଡନ କରିଥିଲା। ଏସବୁ ଘଟଣା ବା ଦୁର୍ଘଟଣା ଆଜିକାଲି ଅତ୍ୟନ୍ତ ସାଧାରଣ। ତେବେ ପ୍ରଶ୍ନ ଉଠୁଛି ଏସବୁ ଘଟଣା କ'ଣ ଶତ ପ୍ରତିଶତ ଦୁର୍ଘଟଣା କି ?

ଦୁର୍ଘଟଣାର ସାଧାରଣ ସଂଜ୍ଞା ହେଉଛି ''ସମସ୍ତ ସାବଧାନତା ସତ୍ତ୍ୱେ ଯେଉଁସବୁ ଘଟଣା ଘଟି ଆମର କ୍ଷତି ସାଧନ କରିବା ସହ ଆମକୁ ଦୁଃଖ ଦିଏ, ତାହାକୁ ଆମେ ଦୁର୍ଘଟଣା କହିବା''। ସଂଜ୍ଞାଟି ସ୍ପଷ୍ଟ କରେ ଯେ ସମ୍ପୂର୍ଣ୍ଣ ସତର୍କ ଥାଇ ଯଦି ଏପରି କିଛି ଘଟଣା ଘଟେ ଓ ଆମର କ୍ଷତି ହୁଏ ତେବେ ତାକୁ ଦୁର୍ଘଟଣା କୁହାଯିବ। କିନ୍ତୁ ଅନ୍ୟମନସ୍କ ବା ଅସାବଧାନତା ଥାଇ ଓ ନିୟମ ନ ମାନିବା ଦ୍ୱାରା ଯେଉଁ ଘଟଣା ଘଟି ଆମର କ୍ଷତି ସାଧିତ ହୁଏ ତେବେ ତାହା ତ ଦୁର୍ଘଟଣାର ପଦବାଚ୍ୟ ହେବ ନାହିଁ। ଯେମିତି ଦିନେ ପିଣ୍ଟୁ ସାଇକେଲରେ ଚିଣ୍ଟୁକୁ ବସାଇ ଖୁସିଗପ କରି ଦୁହେଁ ଯାଉଥିଲେ। ରାସ୍ତା ଆଡ଼କୁ ତାଙ୍କର ନଜର ନ ଥିଲା। ହଠାତ୍ ସେମାନଙ୍କ ଆଗକୁ କୁକୁରଟିଏ ଆସିଗଲା। ପିଣ୍ଟୁ ସାଇକେଲ ଅଟକାଇ ନ ପାରିବାରୁ ସେମାନେ ତଳେ କଚାଡ଼ି ହୋଇ ଖଣ୍ଡିଆଖାବରା ହେଲେ। ଏହି ଘଟଣାକୁ ଦୁର୍ଘଟଣା ବୋଲି ଏଥିପାଇଁ କୁହାଯିବ ନାହିଁ ଯେ ଏଠି ଅସାବଧାନତା ତଥା ଖାମଖିଆଲି ମନୋବୃତ୍ତି ପାଇଁ ହିଁ ଘଟଣାଟି ଘଟିଲା।

ଏବେ ଆସିବା ପ୍ରବନ୍ଧ ଆରମ୍ଭରେ ଆଲୋଚିତ ସେସବୁ ଦୁର୍ଘଟଣା ପ୍ରସଙ୍ଗକୁ। ସେଦିନ ବଜ୍ରପାତରେ ମୃତ ଛଅ ଜଣଙ୍କ ମଧ୍ୟରୁ ପ୍ରଥମ ଘଟଣାରେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ନୂଆଗାଁ ପଞ୍ଚାୟତ ଗାଲିଗାବ ଗ୍ରାମର ମାଳାନା ପାଙ୍ଗିଙ୍କ ଗାଁ ନିକଟ ଜଙ୍ଗଲରେ ଗୋରୁ ଚରାଉଥିବା ବେଳେ ଓ ଉକ୍ତ ବ୍ଲକର ଅମ୍ବାବାଲି ପଞ୍ଚାୟତର କନ୍ଧପୁଟାବନ୍ଧ ଗ୍ରାମର ଗେମେଲ କ୍ରିଷ୍ଣା, ତାଙ୍କ ଝିଅ ଓ ଜଣେ ସମ୍ପର୍କୀୟ ଡୁମ୍ବାଇ ନିକଟସ୍ଥ ଜମିରେ କାମ କରୁଥିବା ବେଳେ ବଜ୍ରପାତ ଘଟି ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ଏକ ଘଟଣାରେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ଅଣ୍ଟାମ ଗ୍ରାମର ଦଶମ ଶ୍ରେଣୀ ଛାତ୍ର ସନ୍ନ୍ୟାସୀ ହିମିରିକା ଆମ୍ବତୋଟାରେ ଆମ୍ବ ଗୋଟାଉଥିବା ବେଳେ ବଜ୍ରପାତ ଘଟି ମୃତ୍ୟୁ ହୋଇଛି। ସେହିଭଳି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଲାଠିଆଗୁ ଜାମଗୁ ଗ୍ରାମର ପାଲଙ୍ଗି ମାଝୀ ମଧ୍ୟ ଝଡ଼ ସମୟରେ ନିକଟସ୍ଥ ଆମ୍ବତୋଟାକୁ ଆମ୍ବ ଗୋଟାଇବାକୁ ଯାଇ ବଜ୍ରପାତର ଶିକାର ହୋଇଥିଲେ। ସେହି ବୁଧବାର ସନ୍ଧ୍ୟାରେ ନୂଆପଡ଼ା ଜିଲା କୋଟେନଛୁଆଁ ପଞ୍ଚାୟତ ତିଲେଇଝର ଗାଁ ମୁଣ୍ଡରେ ବାଇକ ଭାରସାମ୍ୟ ହରାଇ ଏକ ଗଛରେ ପିଟିହେବାରୁ ସେହି ଗାଁର କାକା ପୁତୁରାଙ୍କ



ଅକାଳ ବିୟୋଗ ଘଟିଥିଲା। ତୃତୀୟ ଘଟଣାରେ କଳାହାଣ୍ଡିର ଭବାନୀପାଟଣା ସହରସ୍ଥିତ ନୂଆ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଥିବା ମୁକୁଳା ଡ୍ରେନ୍‌ରେ ପଡ଼ି କୋକସରା ବ୍ଲକ ମହିମା ଗାଁର ଖଗେଶ୍ୱର ନାଏକଙ୍କ ଜୀବନ ଯାଇଛି। ଏ ସମସ୍ତ ଘଟଣାକୁ ଯଦି ଆମେ ନିରେଖି ଦେଖିବା ତେବେ ବଜ୍ରପାତକୁ ନେଇ ବ୍ୟାପକ ସତର୍କତା ସତ୍ତ୍ୱେ ସାମାନ୍ୟ ସାବଧାନତା ଯଦି ଅବଲମ୍ବନ କରାଯାଇଥାନ୍ତା ତେବେ ବଜ୍ରପାତ ପୂର୍ବରୁ ସମସ୍ତେ ନିଜକୁ ସୁରକ୍ଷିତ ରଖିପାରିଥାନ୍ତେ। ଠିକ୍ ସେମିତି ବାଇକ ଭାରସାମ୍ୟ ହରାଇବାର ଅର୍ଥ ନିଜ କ୍ଷମତାରୁ ଅଧିକ ବେଗ କିମ୍ବା ଚାଳକଙ୍କ ଅନ୍ୟମନସ୍କତା ହୋଇ ଥାଇପାରେ। ସେହିପରି ମୁକୁଳା ଡ୍ରେନ୍ ହେଉଛି ଆମ ବ୍ୟବସ୍ଥାର ଦୁର୍ବଳତା। ଏସବୁର ସମାଧାନର ରାସ୍ତା ଆମ ହାତରେ ଥାଇ ମଧ୍ୟ ଜାଣିଶୁଣି ଏଭଳି ଘଟିବାକୁ ନିମନ୍ତ୍ରଣ କରାଯାଉଛି ବୋଲି କହିବାକୁ ହେବ। ପ୍ରାୟ ନିଜର ବେପରୁଆ ମନୋଭାବ ପାଇଁ ଘଟୁଥିବା ଏସବୁ ଘଟଣା ଦୁର୍ଘଟଣା ପଦବାଚ୍ୟ କି ନୁହେଁ ତା'ର ବିଚାର ନିଜେ କରିବା ଦରକାର।

ପ୍ରତିଦିନ ଏଭଳି ଅନେକ ଘଟଣା ଅନେକ ପରିବାରର ଖୁସିକୁ ଲୁହରେ ଧୋଇ ଦେଉଥିବା ବେଳେ ଏହାର କାରଣ ଓ ନିରାକରଣକୁ ନେଇ ସଚେତନ ନ ହେବା ଦୁଃଖର ବିଷୟ। ଏଭଳି ଘଟଣାକୁ ଏଡ଼ାଇ ଦେବାର ପୂର୍ଣ୍ଣ ସୁଯୋଗ ମଣିଷ ହାତରେ ଥିବା ସତ୍ତ୍ୱେ ବେପରୁଆ ଆଚରଣ ପାଇଁ ଯଦି ଏସବୁ ଘଟି ଧନଜୀବନ ହାନି ହୁଏ ତେବେ ଏହା ନିଶ୍ଚିତ ଦୁର୍ଭାଗ୍ୟଜନକ। ଯାହା କରିବା କଥା ତାକୁ ନ କରିବା ଓ ଯାହା ନ କରିବା କଥା ତାକୁ କରିବା ଆମମାନଙ୍କ ମଧ୍ୟରୁ ଅନେକଙ୍କ ସଉକ ହୋଇଯାଇଛି। ଆମ ଦେଶରେ ବାରଣ କରାଯାଇଥିବା କାର୍ଯ୍ୟକୁ କରିବାକୁ ଅନେକେ ଆଗ୍ରହ ପ୍ରକାଶ କରୁଥିବା ବେଳେ ପୋଲିସ ମଧ୍ୟ ଅନେକ କ୍ଷେତ୍ରରେ ଏହା ଉପରେ ରୋକ ଲଗାଏ ନାହିଁ। ବାହାଘର ଶୋଭାଯାତ୍ରା ଅଧ ରାତି ଯାଏ ମୁଖ୍ୟ ରାସ୍ତାକୁ ଅବରୋଧ କରି ଅସହ୍ୟ ଡିଜେ ସାଉଣ୍ଡର ତାଳେତାଳେ ମାତାଲ ନୃତ୍ୟ ସହ କାନଫଟା ବାଣ ଫୁଟାଇ ଯିବାରେ କାହାରି କୌଣସି ଆପତ୍ତି ନ ଥାଏ। ବିଡ଼ମ୍ବନାର ବିଷୟ ଯେ ଏସବୁ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନର ତିଳେ ମାତ୍ର ଭୟ ନ ରହିବା। ଏଭଳି ବେପରୁଆ ଆଚରଣ ଭିତରେ ଯଦି କିଛି ଅଘଟଣ ଘଟିଯାଏ ତେବେ ତାକୁ ମନୁଷ୍ୟକୃତ ନ କହି ଦୁର୍ଘଟଣା ବୋଲି କହିବା କେତେ ଦୂର ଯୁକ୍ତିଯୁକ୍ତ, ସେହି ପ୍ରଶ୍ନ ଏବେ ନିଜେ ନିଜକୁ ପଚାରିବା।

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## ଏଇ ଭାରତରେ

ଚିପ୍ସ ଖାଇବାକୁ ପ୍ରାୟ ସବୁ ପିଲା ଭଲପାନ୍ତି। ପିଲାଙ୍କର ଏହି ଦୁର୍ବଳତାକୁ ନେଇ ଅନେକ ସମୟରେ ବିକ୍ରେତାମାନେ ଫାଇଦା ନେବାକୁ ଚେଷ୍ଟା କରନ୍ତି। ବେଳେ ବେଳେ ସେମାନଙ୍କର ଏହି ମନୋଭାବ ପିଲାଙ୍କ ଜୀବନ ମଧ୍ୟ ନେଇଯାଏ। ବିଶ୍ୱାସ ହେଉ ନ ଥିଲେ ବି ଏମିତି ଏକ ଘଟଣା ଘଟିଛି ପଶ୍ଚିମବଙ୍ଗର ମେଦିନାପୁର ଜିଲାର ଗୋସାଇଁବାଡି ଅଞ୍ଚଳରେ। ଚିପ୍ସ ପ୍ୟାକେଟ୍ ପାଇଁ ଏଠାରେ ଜଣେ ବାଳକର ଜୀବନ ଯାଇଛି। ଚାରିଦିନ ତଳେ ଏହି ଅଞ୍ଚଳର ୧୩ ବର୍ଷୀୟ ବାଳକ କୃଷ୍ଣେନ୍ଦୁ ଦାସ ରାସ୍ତାରେ ଆସିବାବେଳେ ଦୁଇଟି ଚିପ୍ସ ପ୍ୟାକେଟ୍ ପଡିଥିବା ଦେଖି ଉଠାଇ ନେଇ ଆସିଥିଲେ। କିନ୍ତୁ ସେଠାକାର ସ୍ଥାନୀୟ ଦୋକାନୀ ଶୁଭଙ୍କର ଦୀକ୍ଷିତ ତାଙ୍କୁ ଧରି ଚିପ୍ସ ଚୋରି କରିଥିବା କହି ଗାଳି ଦେଇଥିଲେ। ଏହି କଥାକୁ ନେଇ କୃଷ୍ଣେନ୍ଦୁଙ୍କ ପରିବାର ଲୋକଙ୍କ ନିକଟରେ ଅଭିଯୋଗ ବି କରିଥିଲେ। ଫଳରେ ତାଙ୍କ ମା' ତାଙ୍କୁ ସମସ୍ତଙ୍କ ଆଗରେ ମାଡ଼ ବି ମାରିଥିଲେ। ଏସବୁ ପରେ ଦୋକାନୀ ଜଣକ କାନ ଧରି ରାସ୍ତା ଉପରେ ସମସ୍ତଙ୍କ ଆଗରେ ଭୁଲ୍ ମାଗିବା ପାଇଁ ବାଧ କରିଥିଲେ। ଚୋରି କରି ନ ଥିବାରୁ ଅପମାନ ସହି ପାରି ନ ଥିଲେ କୃଷ୍ଣେନ୍ଦୁ। ଘରକୁ ଆସି ବିଷ ପିଇଦେଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି ଓ ସେ ଚିପ୍ସ ଚୋରି କରି ନ ଥିବା ମୃତ୍ୟୁ ପୂର୍ବରୁ କହିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ମେ ୧୯୭୬

- ରାଜ୍ୟର ଗ୍ରାମାଞ୍ଚଳରେ ଦରିଦ୍ର ଜନସାଧାରଣଙ୍କର ସୁବିଧା ଲାଗି ଚାହିଦା ମେଣ୍ଟାଇବାକୁ କିରୋସିନି କୋଟା ୮.୬୬୬ କିଲୋଲିଟରକୁ ବୃଦ୍ଧି କରାଯାଇଛି।
- ଭାରତ ଓ ରୋମାନିଆ ମଧ୍ୟରେ ଅର୍ଥନୈତିକ ଓ ବୈଷୟିକ ସହଯୋଗିତା ସଂକ୍ରାନ୍ତରେ ଦୁଇଟି ରାଜିନାମା ସ୍ୱାକ୍ଷରିତ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | | 3 | 1 | |
| 9 | | | | | 4 | | | 8 |
| 3 | | | | 5 | | | 2 | |
| 6 | | | | 1 | 7 | | | |
| | | 8 | | 6 | | | 4 | |
| | | | | | | 9 | | 1 |
| 7 | | | 2 | | | | | |
| | 2 | | 8 | | | | | 5 |
| | | | | 4 | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 7 | 8 | 5 | 3 | 6 | 9 | 2 |
| 2 | 6 | 3 | 4 | 1 | 9 | 5 | 7 | 8 |
| 9 | 8 | 5 | 2 | 7 | 6 | 3 | 1 | 4 |
| 1 | 3 | 2 | 5 | 8 | 7 | 4 | 6 | 9 |
| 6 | 5 | 9 | 3 | 4 | 2 | 1 | 8 | 7 |
| 7 | 4 | 8 | 6 | 9 | 1 | 2 | 5 | 3 |
| 8 | 7 | 4 | 1 | 3 | 5 | 9 | 2 | 6 |
| 3 | 2 | 1 | 9 | 6 | 8 | 7 | 4 | 5 |
| 5 | 9 | 6 | 7 | 2 | 4 | 8 | 3 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗଣମାଧ୍ୟମର ସ୍ୱାଧୀନତା ନାହିଁ

ମହାଶୟ,

ଭାରତ ହେଉଛି ପୃଥିବୀର ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଏହି ରାଷ୍ଟ୍ରରେ ବାକ୍ ସ୍ୱାଧୀନତା ଓ ଗଣମାଧ୍ୟମ ସ୍ୱାଧୀନତାର ସୁରକ୍ଷା ଉପରେ ସର୍ବଦା ଆଲୋଚନା ହୋଇଥାଏ। ବିଗତ ଦିନରେ ଦେଶର ଏକ ପ୍ରତିଷ୍ଠିତ ଟିଭି ଚାନେଲର ଭାଷ୍ୟକାର ଅର୍ଣ୍ଣବ ଗୋସ୍ୱାମୀ ନିଜ ସ୍ୱାଧୀନ ମତ ବ୍ୟକ୍ତ କରିବାରୁ ସରକାରଙ୍କର ରୋଷର ଶିକାର ହୋଇଥିଲେ। ଓଡ଼ିଶାରେ ବିଗତ ସରକାର ଅମଳରେ ଗଣମାଧ୍ୟମର ସ୍ୱାଧୀନତା କ୍ଷୁଣ୍ଣ ହେବାର ପ୍ରୟାସ ହୋଇଥିଲା। ସେହିପରି ଏକ ଚାନେଲକୁ ନିଜ ସ୍ୱାଧୀନ ମନ୍ତବ୍ୟ ଦେଇଥିବାରୁ ବହୁତ ହଇରାଣ ହରକତ ହେବାକୁ ପଡିଥିଲା। ଏଥିରୁ ପ୍ରମାଣିତ ହୁଏ ଯେ, ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହେଲେ ମଧ୍ୟ ଏଠାରେ ଗଣମାଧ୍ୟମର ସ୍ୱାଧୀନତା ଶଙ୍କାଗ୍ରସ୍ତ। ଯେଉଁ ରାଜନୈତିକ ଦଳ କ୍ଷମତାକୁ ଆସି ସରକାର ଦାୟିତ୍ୱ ଗ୍ରହଣ କଲେ 'ଯୁଆଡ଼େ ବର୍ଷା ସିଆଡ଼େ ଛତା' ନ୍ୟାୟରେ ସେମାନଙ୍କୁ ସୁହାଇଲା ଭଳି ଖବର ପରିବେଷଣ କରିବା। ପ୍ରକାରାନ୍ତରେ କହିଲେ ଭାରତବର୍ଷରେ ଜନଗଣଙ୍କର ବାକ୍ ସ୍ୱାଧୀନତ ହେଉ କି ଗଣମାଧ୍ୟମର ମୁକ୍ତ ମତାମତ ବ୍ୟକ୍ତ କରିବାର ହେଉ ସରକାରଙ୍କ ପ୍ରଚ୍ଛନ୍ନ ନିୟନ୍ତ୍ରଣରେ ଏ ସବୁ ରହିଛି। ଅନ୍ୟଥା ସରକାରୀ ସାହାଯ୍ୟ, ପୃଷ୍ଠପୋଷକତାରୁ ବାସନ୍ଦ। ଏ ହେଉଛି ରାଜ୍ୟର ଗଣମାଧ୍ୟମର ବିକଳ ଚିତ୍ର।

-ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

## ଚିରନ୍ତନୀ

ଏ ଧରାର ସୁଖ ଦୁଃଖ
ସ୍ନିଗ୍ଧ ରୁକ୍ଷ ସୁନ୍ଦର କୁତ୍ସିତ
ଅତି ଆଦରର ମୋର,
ଏ ଜୀବନେ ଅତି ପରିଚିତ।
-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ନିଖୋଜ ନବବଧୂ ଉଦ୍ଧାର

ପାଟଣା,୨୫।୫
(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ନୂଆ ଖମଣ ଗ୍ରାମରୁ ନିଖୋଜ ନବବଧୂଙ୍କୁ ପୋଲିସ ଉଦ୍ଧାର କରିଛି। ପୋଲିସ ନବବଧୂଙ୍କୁ ରବିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ନୂଆ ଖମଣ ଗ୍ରାମର ଝିଅ ଆନନ୍ଦପୁର ଧକୋଠାର ଜଣେ ଯୁବକଙ୍କୁ ମେ ୯ରେ ବିବାହ କରିଥିଲେ। ବାହାଘର ପରେ ନବବଧୂ ବାପଘର ନୂଆଖମଣକୁ ବୁଲିବାକୁ ଆସି ସାଙ୍ଗ ଘରକୁ ଯାଉଛି କହି କୁଆଡ଼େ ଚାଲି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କର କୌଣସି ସନ୍ଧାନ ନ ପାଇ ଝିଅଙ୍କ ମା' ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ତୁରୁମୁଙ୍ଗା ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଶନିବାର ପୋଲିସ ନବବଧୂଙ୍କୁ କେନ୍ଦୁଝର ବଜାରରୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ସୁଭଦ୍ରା ଟଙ୍କାରେ ସ୍ୱାବଲମ୍ବୀ

### ଚାଷ ଓ ସିଲେଇ କରି ପ୍ରେରଣା ସାଜିଲେ ୩ ମହିଳା

ପାଟଣା,୨୫।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡିଆନାଳୀ ଗ୍ରାମର ୩ ଜଣ ମହିଳା ଚାଷ ଓ ଅନ୍ୟାନ୍ୟ ବ୍ୟବସାୟ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ଆଳୁ, କଦଳୀ, ବୋଇତାଳୁ, ତରଭୁଜ ଆଦି ଚାଷ ସହ ଟେଲରିଂ କରି ଭଲ ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏଥିରେ ସେମାନଙ୍କୁ ସୁଭଦ୍ରା ଯୋଜନାରେ ମିଳିଥିବା ଟଙ୍କା ବହୁ ସହଯୋଗ କରୁଛି ବୋଲି ମହିଳାମାନେ କହିଛନ୍ତି।

ପ୍ରକାଶ ଯେ, ଗାଁର ପ୍ରତିମା ମହାନ୍ତ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପାଇ ସେହି ଟଙ୍କାରେ ପ୍ରଥମେ ଆଳୁ ଚାଷ ଆରମ୍ଭ କରିଥିଲେ। ଉତ୍ପାଦିତ ୧୦ କୁଇଣ୍ଟାଲ ଆଳୁ ବିକ୍ରି କରି ସେହି ଟଙ୍କାରେ ଉଦ୍ୟାନ ବିଭାଗରୁ ୨୧୪ଟି ଉନ୍ନତମାନର କଦଳୀ ଚାରା ଆଣି ବାଡ଼ିରେ ଲଗାଇଛନ୍ତି। ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଟଙ୍କାରେ କଦଳୀ ବଗିଚାରେ ବାଡ଼ ଦେବା, ସାର, କୀଟନାଶକ ଆଦିରେ ଖର୍ଚ୍ଚ କରିଛନ୍ତି। ବିକ୍ରି ହୋଇ ନ ଥିବା ବାକି ଆଳୁରୁ ୧୦ ହଜାର ଓ କଦଳୀ ବଗିଚାରୁ ବର୍ଷକୁ ୫୦ ହଜାର ଟଙ୍କା ରୋଜଗାର କରିବେ ବୋଲି ଆଶା ପୋଷଣ କରିଛନ୍ତି। ସେଥିରୁ ଲାଭ ଟଙ୍କାରେ ସେ ଏକ ଲେମ୍ବୁ ବଗିଚା କରିବା ସହ ଜମି ପାଇଁ ଜଳସେଚନର ସୁବିଧା କରିବେ ବୋଲି କହିଛନ୍ତି। ଘରେ ତାଙ୍କର ଦିବ୍ୟାଙ୍ଗ ସ୍ୱାମୀ ଓ ୨ ଛୁଆ ଥିବା ବେଳେ ରୋଜଗାର ବୋଲି କିଛି ନାହିଁ। ଦୁଃଖକଷ୍ଟରେ ପରିବାର ପ୍ରତିପୋଷଣ କରୁଥିଲେ। ଏବେ ଚାଷ କରି ପରିବାର ଚଳାଉଥିବା କହିଛନ୍ତି।

ପ୍ରତିମାଙ୍କ ସଫଳତା ଏବଂ ଆଦର୍ଶରେ ଅନୁପ୍ରାଣିତ ହୋଇ ଗାଁର ଜୟନ୍ତୀ ମହାନ୍ତ ସୁଭଦ୍ରା ଯୋଜନାରେ ମିଳିଥିବା କିସ୍ତି ଟଙ୍କାରେ ଏକ ସିଲେଇ ମେଶିନ କିଣି ଘରେ ସିଲେଇ କରୁଛନ୍ତି। ୬୫୦୦ ଟଙ୍କାରେ ମେଶିନ କିଣିଥିବା ବେଳେ ଏବେ ଦିନକୁ ୪ ଶହରୁ ୫ ଶହ ଟଙ୍କା ରୋଜଗାର କରୁଥିବା କହିଛନ୍ତି।

ସେହିପରି ଗାଁର ମାମିନା ମହାନ୍ତ ଓ ତାଙ୍କ ଶାଶୁ ମିଶି ସୁଭଦ୍ରା ଯୋଜନାର ଦୁଇଟି କିସ୍ତି ଟଙ୍କା ସହ ନିଜର କିଛି ସଞ୍ଚିତ ଟଙ୍କା ମିଶାଇ ୫ ଏକର ଜମିରେ ବୋଇତାଳୁ ଓ ତରଭୁଜ ଚାଷ ଆରମ୍ଭ କରିଛନ୍ତି। ଜମିରେ ଭଲ ବୋଇତାଳୁ ଓ ତରଭୁଜ ଫଳିଥିବା ବେଳେ ଏଥିରୁ ସେ ଭଲ ରୋଜଗାର କରିବାର ଲକ୍ଷ୍ୟ ରଖିଛନ୍ତି। ଏ ନେଇ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ କହିଛନ୍ତି, ମହିଳାମାନେ ହର୍ଟିକଲଚର, ଏଗ୍ରିକଲଚର ଓ ଓଏଲଏମ ଜରିଆରେ ସବୁ ପ୍ରକାର ସବସିଡି ପାଇ ପାରିବେ। ଉନ୍ନତ ବୈଜ୍ଞାନିକ ପଦ୍ଧତିରେ ଚାଷ ପାଇଁ କୃଷି ବିଜ୍ଞାନୀଙ୍କ ସହାୟତା ନେଇପାରିବେ। ସରକାରଙ୍କ ତରଫରୁ ଲକ୍ଷ ପତି ଦିଦି ସୃଷ୍ଟି କରିବା ଆମର ଲକ୍ଷ୍ୟ ରହିଛି। ସେମାନଙ୍କୁ ସରକାରଙ୍କ ତରଫରୁ କୃଷି ଋଣ ଯୋଗାଇ ଦେବାକୁ ଉଦ୍ୟମ କରିବେ ବୋଲି କହିଥିଲେ।



ଚାଷ କ୍ଷେତରେ ମହିଳାମାନେ।

## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

ଛେନାପଦି, ୨୫।୫
(ନିରାକାର ପରିଡା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ନନ୍ଦିପଦା ଥାନା ଛେନାପଦି ଗାଁରେ ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ବିଳାଶ ଜେନା। ସେ ରବିବାର ସକାଳେ ଶୌଚ ହେବାକୁ ଯାଉଥିବା ସମୟରେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି।

## ବଡ଼ବିଲ ସହରରେ ଦନ୍ତା


ଦନ୍ତାହାତୀ ବଡ଼ବିଲ ପୌରାଞ୍ଚଳ ପ୍ରବେଶପଥ ନିକଟସ୍ଥ ରାଜ୍ୟ ରାଜପଥ ଅତିକ୍ରମ କରୁଛି।

ବଡ଼ବିଲ,୨୫।୫(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ସହର ମୁହାଁ ହୋଇଛି ଦନ୍ତା। ରବିବାର ସକାଳ ସମୟରେ ଦନ୍ତାହାତୀ ବଡ଼ବିଲ ପୌରାଞ୍ଚଳର ପ୍ରବେଶ ଦ୍ୱାର ନିକଟ ଭଦ୍ରାସାହି-ନାଳଦା ରାଜ୍ୟ ରାଜପଥ ଅତିକ୍ରମ କରୁଥିବା ଦେଖିବାକୁ ମିଳିଛି। ହାତୀଟି ରାସ୍ତା ଅତିକ୍ରମ କରି ସେରେଣ୍ଡା ଜଙ୍ଗଲ ଆଡ଼କୁ ଯାଇଥିବାବେଳେ କିଛି ସମୟ ପରେ ରାସ୍ତା ଅତିକ୍ରମ କରି ଅପରପାର୍ଶ୍ୱକୁ ଚାଲିଯାଇଥିଲା। ଅପରାହ୍ନରେ ପୁଣି ହାତୀଟି ସେହି ରାସ୍ତା ଅତିକ୍ରମ କରି ସେରେଣ୍ଡା ଜଙ୍ଗଲ ଆଡ଼କୁ ଚାଲିଯାଇଥିବା ଜଣାପଡ଼ିଛି। ହାତୀ ସହରାଭିମୁଖୀ ହୋଇଥିବା ଜଣାପଡ଼ିବାପରେ ବନବିଭାଗ ତତ୍ପରତା ପ୍ରକାଶ କରି ତୁରନ୍ତ 'ହାତୀ ଚଲାପଥ'ର ୨ ସାଇନ ବୋର୍ଡ ଭଦ୍ରାସାହି-ନାଳଦା ରାଜ୍ୟ ରାଜପଥ ଡିଭାଇଡରରେ ଲଗାଇଥିଲା। ବଡ଼ବିଲ ବନାଞ୍ଚଳ ଅଧିକାରୀ ଶିବ ରାଉତ କହିଛନ୍ତି, ଦନ୍ତାହାତୀଟି ଝାଡ଼ଖଣ୍ଡ ରାଜ୍ୟରୁ ବେଳେବେଳେ ବଲାଣୀ ଆଡ଼କୁ ଆସିଥାଏ। ସେହି ହାତୀଟି ଏବେ ବଡ଼ବିଲ ଆଡ଼କୁ ପଶିଆସିଛି। ଏହା କୌଣସି ଗୋଠଛଡ଼ା ହାତୀ ନୁହେଁ, ଏ ପର୍ଯ୍ୟନ୍ତ ହାତୀ ଦ୍ୱାରା ଧନଜୀବନ କିମ୍ବା କାହାରି କ୍ଷୟକ୍ଷତି ହୋଇନାହିଁ। ହାତୀର ସୁରକ୍ଷା ନିମିତ୍ତ ରାସ୍ତା ଡିଭାଇଡର ୨ ସ୍ଥାନରେ ସୂଚନା ଫଳକ ଲଗାଯାଇଛି। ରାଜ୍ୟ ରାଜପଥ ପାଖାପାଖି ହାତୀ ଦେଖାଦେଲେ ଯାନବାହନ ଚଳାଚଳ ବନ୍ଦ କରିବା ପାଇଁ ବନ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଦନ୍ତାହାତୀଟି ଠାକୁରାଣୀ ସଂରକ୍ଷିତ ଜଙ୍ଗଲ ଆଡ଼କୁ ଛାଲିଯାଇଥିବା ଅନୁମାନ କରାଯାଉଛି।

## ଧର୍ମାନ୍ତରକରଣକୁ ନେଇ ଉତ୍ତେଜନା


ଉତ୍ତେଜିତ ଲୋକଙ୍କୁ ପୋଲିସ ବୁଝାସୁଝା କରୁଛି।

ଛେନାପଦି,୨୫।୫(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ସୋସୋ ଥାନା ସୁନ୍ଦରାପାଳରେ ରବିବାର ଧର୍ମାନ୍ତକରଣକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ବାହାର ଅଞ୍ଚଳର କିଛି ବ୍ୟକ୍ତି ଆସି ଲୋକଙ୍କୁ ଆର୍ଥିକ ପ୍ରଲୋଭନ ଦେଖାଇ ଧର୍ମ ପରିବର୍ତ୍ତନ କରାଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଯୁବକ ବିରୋଧ କରିବାରୁ ଉତ୍ତେଜନା ଦେଖାଯାଇଥିଲା।

ପ୍ରକାଶ ଯେ, ପଥରଗଦା ସାହିରେ ଦୁଇ ଦିନ ହେଲା କିଛି ବ୍ୟକ୍ତି ଆସି ଏଠାରେ ଧର୍ମାନ୍ତିକରଣ କାର୍ଯ୍ୟ କରୁଥିଲେ। ଯେଉଁଥିରେ କି ଅନେକ ଶହ ଆଦିବାସୀ ସାମିଲ ହୋଇଥିଲେ। ଛୁଆଙ୍କୁ ପାଠ ପଢ଼ାଇବା ବାହାନାରେ ଜଣେ ଯୁବକ ଏହି କାର୍ଯ୍ୟରେ ସାମିଲ ଥିବା ଅଭିଯୋଗ ହେଉଛି। ଛୁଆଙ୍କୁ ଶିକ୍ଷାଦାନ ସମୟରେ ବଡ଼ ହେଲେ ଧର୍ମ ପରିବର୍ତ୍ତନ କଲେ କି କି ସହାୟତା ଦିଆଯିବ ସେନେଇ ପ୍ରଲୋଭାନ ଦେଖାଯାଉଛି। ପ୍ରତି ମାସରେ ଏପରି କାର୍ଯକ୍ରମ ବାରମାର ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। କିଛିଯୁବକ ସଂଗଠିତ ହୋଇ ଏହାକୁବିରୋଧ କରିବା ସହ ପୁଲିସକୁ ସୁଚନା ଦେଇଥିଲେ। ସୋସୋ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହିତ ଉଭୟ ପକ୍ଷ ଲୋକଙ୍କୁ ଥାନାକୁ ଡକାଇଛି।

## ୩ ଗାଡ଼ିର କାଚ ଭାଙ୍ଗି ଯନ୍ତ୍ରାଂଶ ନେଇଗଲେ


### ଯୋଡ଼ାରେ ଚୋରି ବୃଦ୍ଧି, ପୋଲିସ ନିଷ୍କ୍ରିୟ

ଯୋଡ଼ା,୨୫।୫(ମାନସ ମହାନ୍ତି):

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରେ ଚୋରି ବଢ଼ିବାରେ ଲାଗିଛି। ବିଗତ ଦିନରେ ୩ ମହିଳାଙ୍କଠାରୁ ଦୁର୍ବୃତ୍ତ ଚେନ୍ ଝାମ୍ପି ନେବା ସହ ଅନେକ ଲୁଟ୍‌ପାଟ୍ କରିଛନ୍ତି। ଶନିବାର ରାତିରେ ୩ ଗାଡ଼ି ଭଙ୍ଗାରୁଜା କରି ସେଥିରୁ ଯନ୍ତ୍ରାଂଶ ଚୋରି କରି ନେଇଥିବା ଜଣାପଡ଼ିଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଜିଓ କାର୍ଯ୍ୟାଳୟ ପଛ ପାର୍ଶ୍ୱରେ ଥିବା ଏକ ବୋଲେରୋ (ନଂ. ଓଆର୍ ୦୯ ଜେ ୭୬୫୯, ଜେଏଚ ୦୫ ସିଏଲ୍ ୬୮୯୪) ଓ ଏକ କାର (ନଂ. ଓଡି ୦୨ ବିଏ ୬୮୭୮)ର କାଚ ଭାଙ୍ଗି ବ୍ୟାଟେରି ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ନେଇଯାଇଛନ୍ତି। ଏନେଇ ଯୋଡ଼ା ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ଗତ ୨୩ ତାରିଖରେ ପୌରପାଳିକା ୯ ନଂ. ୱାର୍ଡ ପଶ୍ଚିମ ଯୋଡାସ୍ଥିତ ଟାଟା କଲୋନୀ ନିକଟରେ ରହୁଥିବା ରବୀନ୍ଦ୍ର ଦାସଙ୍କ ସ୍ତ୍ରୀ ଅର୍ଚ୍ଚନା ଦାସ ଫୁଲ ତୋଳିବା ସମୟରେ, ଯୋଡ଼ା ୩ ନଂ. ୱାର୍ଡ ହୁଡିସାହିର ବିଚିତ୍ରା ନନ୍ଦ ମହାନ୍ତିଙ୍କ ସ୍ତ୍ରୀ ମମତା ମଞ୍ଜରୀ ମହାନ୍ତି ଫୁଲ ତୋଳିବା ସମୟରେ ଓ ଗତ ୫ ତାରିଖରେ କୁନ୍ଦୁରୁନାଲାରୁ ପ୍ରାତଃ ଭ୍ରମଣରେ ଉକ୍ତ କଲୋନୀକୁ ଯାଇଥିବା ଶୁଭାବତି ସିଂଙ୍କ ବେକ୍‌ରୁ ଦୁର୍ବୃତ୍ତ ସୁନା ଚେନ୍ ଲୁଟି ନେଇଥିଲେ। ଏଥିସହ ଏପ୍ରିଲ ୨୨ରେ ହୁଡ଼ି ସାହିରେ ରହୁଥିବା ସୂର୍ଯ୍ୟକାନ୍ତ ତ୍ରିପାଠୀଙ୍କ ଘରେ ପଶି ଦୁର୍ବୃତ୍ତ ସୁନା ଅଳଙ୍କାର, ୨୫ ହଜାର ଟଙ୍କା ଚୋରି କରିନେଇଥିଲେ। ଗତ ପ୍ରାୟ ୪ଦିନ ପୂର୍ବେ ଯୋଡ଼ାସ୍ଥିତ ରେନ ହାର୍‌ଭେଷ୍ଟିଂ ପାର୍କ ନିକଟରେ ଦମ୍ପତି ବୁଲୁଥିବା ସମୟରେ ମହିଳାଙ୍କ ବେକରୁ ସୁନାଚେନ୍ ଭାବି ନ କଲି ଚେନ୍ ଲୁଟି ନେଇଥିଲେ। ସେହିପରି ଅଞ୍ଚଳରେ ଜଣେ ବରିଷ୍ଠ ନାଗରିକ ସନ୍ଧ୍ୟା ଭ୍ରମଣ କରୁଥିବା ସମୟରେ ତାଙ୍କୁ ଠେଲି ମୋବାଇଲ ଫୋନ ଛଡ଼େଇ ନେଇଥିଲେ। ସମସ୍ତ ଘଟଣାରେ ଅଭିଯୋଗ ହୋଇଥିଲେ ହେଁ ପୋଲିସ ହାତ ଖାଲି ରହିଛି। ପୋଲିସ ଘଟଣାର ତଦନ୍ତ ଚାଲିଛି କହି ହାତ ଖାଲି କରି ବସି ରହିଥିବା ଲୋକେ ଅଭିଯୋଗ କରିଛନ୍ତି।



## ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରି ଟ୍ରକ୍ ଚାଳକ ଗିରଫ

କେନ୍ଦୁଝର,୨୫।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ପୋଲିସ ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣାରେ ଜଣେ ଟ୍ରକ୍ ଚାଳକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ପଳାସପଙ୍ଗା ପଞ୍ଚାୟତ ସରସକେଲା ଗ୍ରାମର ରସିକଲାଲ ମହାନ୍ତ(୩୨)। ସେ ସୋସିଆଲ ମିଡିଆରେ ଜଣେ ମହିଳାଙ୍କ ଫଟୋ ଯୋଡ଼ି ଅଶ୍ଳୀଳ ଭିଡିଓ କରି ଭାଇରାଲ କରିଥିଲେ। ଏନେଇ ମହିଳାଜଣକ ଗତ ୮ ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୨୦୮/୨୫ )ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ସଦର ଥାନା ଭାରପ୍ରାପ୍ତ ଅଧିକାରୀ ଅମିତ କୁମାର ଭୁୟାଁ ଅଭିଯୁକ୍ତ ଟ୍ରକ୍ ଚାଳକଙ୍କୁ ଗିରଫ କରି ସନ୍ଧ୍ୟାରେ କୋର୍ଟଚାଲାଣ କରିଛନ୍ତି।

## ଉଦ୍‌ଘାଟନ ଦିନରୁ ଖୋଲିନି ଶକ୍ତି କାଫେ

ଚମ୍ପୁଆ,୨୫।୫(ମହେଶ୍ୱର ଦାସ)



କେନ୍ଦୁଝର ଜିଲା ଚମ୍ପୁଆ ଏନ୍ଏସି ୧୧ ବର୍ଷରେ ପଦାର୍ପଣ କଲାଣି। ମାତ୍ର ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବାରେ ବିଭାଗର ଆନ୍ତରିକତା ଦେଖାଯାଉନାହିଁ। ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ବସ୍‌ଷ୍ଟାଣ୍ଡଠାରେ ଲକ୍ଷାଧିକ ଟଙ୍କା ବିନିମୟରେ ସ୍ଥାପନ କରାଯାଇଥିବା ଶକ୍ତି କାଫେ। ସରକାର ବଦଳିଗଲେଣି ନୂତନ ସରକାର ବର୍ଷ ପୂର୍ତ୍ତି କରିବାକୁ ଆଉ କିଛି ଦିନ ବାକି ରହିଥିବା ବେଳେ ଆଜକୁ ଦେଢ଼ ବର୍ଷ ତଳେ ଜନସାଧାରଣଙ୍କ ସୁବିଧା ନିମନ୍ତେ ସ୍ଥାପନ ଶକ୍ତି କାଫେ ଖୋଲିପାରିଲାନାହିଁ।

ପ୍ରକାଶ ଯେ, ବସ୍‌ଯାତ୍ରୀଙ୍କଠାରୁ ଆରମ୍ଭ କରି ଜନସାଧାରଣଙ୍କୁ ଚା, କଫି ଓ ସ୍ନାକ୍ସ ଆଦି କମ ମୂଲ୍ୟରେ ଉପଲବ୍ଧ କରିବା ଲକ୍ଷ୍ୟ ନେଇ ଶକ୍ତି କାଫେ ସ୍ଥାପନ କରାଯାଇଥିଲା। ଉଦ୍‌ଘାଟନକୁ ଦେଢ଼ ବର୍ଷ ବିତିଥିଲେ ହେଁ ଆଜି ପର୍ଯ୍ୟନ୍ତ ଏହା ବିଭାଗୀୟ ଅଧିକାରୀଙ୍କ ନଜରରେ ପଡ଼ିପାରୁନାହିଁ। ଫଳରେ କାଫେ ସ୍ଥାପନର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ। ଏ ନେଇ ଏନ୍ଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କୁ ପଚାରିବାରୁ କାଉନ୍‌ସିଲ ବଡି ମିଟିଂ କରାଯାଇ ତାକୁ ଚଲାଇବାର ବ୍ୟବସ୍ଥା କରାଯିବ। ଏହା ସହିତ କେତେ ବର୍ଷ ହେଲାଣି ତାହା ସ୍ଥାପନ କରାଯାଇଛି। ସେ ବିଷୟରେ ଜାଣି ନ ଥିବା କହିବା ସହିତ କ'ଣ ପାଇଁ ତାହା ବନ୍ଦ ପଡ଼ିଛି, ସେ ବିଷୟରେ ପଚାରି ବୁଝାଯିବ ବୋଲି ସୂଚନା ଦେଇଛନ୍ତି।

## ବିନା ପରମିଟ୍‌ରେ ଚାଲିଛି ଆନ୍ତଃରାଜ୍ୟ ବସ୍

କେନ୍ଦୁଝର,୨୫।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ବିନା ପରମିଟ୍‌ରେ ବସ ଚଳାଚଳ କରୁଛି। ଫଳରେ ସରକାରଙ୍କ ରାଜସ୍ୱହାନୀ ହେବା ସହ ବିପଦପୂର୍ଣ୍ଣ ଅବସ୍ଥାରେ ଯାତ୍ରୀ ଯାତାୟାତ କରୁଥିବା ଅଭିଯୋଗ ହୋଇଛି। ଏପରିକି ଲମ୍ବା ରୁଟ୍‌ରେ ଆନ୍ତଃରାଜ୍ୟ ବସ୍ ମଧ ବିନା ପରମିଟ୍‌ରେ ଚାଲୁଥିଲେ ହେଁ ଧରାଯାଉନାହିଁ କିମ୍ବା ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବିଶେଷ କରି ବ୍ୟବସାୟୀମାନେ ଏହି ସବୁ ବସ୍ ଉପରେ ନିର୍ଭର କରୁଥିବାରୁ ଅନ୍ୟ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଅଧିକ ସଂଖ୍ୟାରେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରିବାକୁ ବାଧ ହେଉଛନ୍ତି।

ପ୍ରକାଶ ଯେ, ବଡ଼ବିଲରୁ କେନ୍ଦୁଝର ଦେଇ କୋଲକାତାକୁ ଯାଉଥିବା ଅନେକ ବସ୍ ବିନା ପରମିଟ୍‌ରେ ଚଳାଚଳ କରୁଛି। ବସ୍ ମାଲିକମାନେ ବିନା ପରମିଟ୍‌ରେ ବସ ଚାଲୁଥିବା ନେଇ ସ୍ୱୀକାର କରୁଛନ୍ତି। ଅବଧି ସରିଯିବା ପରେ ବିଭାଗର ଦାୟିତ୍ୱରେ ଥିବା ଅଧିକାରୀମାନେ କିଭଳି ଜାଣି ପାରୁନାହାନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ବିନା ପରମିଟ୍‌ରେ ବସ ଚଳାଚଳ କରି ବସ ମାଲିକ ପରମିଟ୍ ପାଇଁ ଆବେଦନ କରିବାକୁ ବିଭାଗୀୟ ଦପ୍ତର ଚକ୍କର ମାରୁଥିବା ଦେଖିବାକୁ ମିଳୁଛି। ମେ ୨୧ରେ ଅତିରିକ୍ତ ସଚିବ ରାଜ୍ୟ ପରିବହନ ବିଭାଗ ଚିଠି (ନ. ୭୩୫୨/୨୦୨୫)ରେ ରାଜ୍ୟ ପରିବହନ ବିଭାଗର ସଚିବଙ୍କୁ କରିଥିବା ଚିଠିରେ ବେଆଇନ ଭାବରେ ଡବ୍ଲ୍ୟୁବି ୭୬ ବି ୩୧୧୮ ବସ୍ କୋଲକାତାରୁ କେନ୍ଦୁଝର ଚାଲିଥିବା ଜଣାପଡ଼ିଛି। ଏଥି ପାଇଁ ସେ ସମୟ ଅବଧି ବୃଦ୍ଧି ହୋଇଛି କି ନାହିଁ ତାହାର ସ୍ପଷ୍ଟୀକରଣ ମାଗିଥିବା ଜଣାପଡିଛି। ଅତିରିକ୍ତ ସଚିବ ମଧ ବସ ମାଲିକ ନିତାଇ କୁମାର ବାରିକଙ୍କୁ ଚିଠି (ନଂ. ୭୩୫୩/୨୧ ମେ ୨୦୨୫) କରି ୧୫ ଦିନିଆ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ବସ୍ ମାଲିକ ନିତାଇ କୁମାର ବାରିକ ଏଭଳି ବିନା ପରମିଟ୍‌ରେ ବସ ଚାଲିଥିବା ଅଭିଯୋଗକୁ ସ୍ୱୀକାର କରି କହିଛନ୍ତି, ତାଙ୍କର ଗୋଟିଏ ବସ ଖରାପ ହୋଇଯାଇଥିବାରୁ ଏହି ବସ ଟିକୁ ଚଲାଇଛନ୍ତି। ପରମିଟ ପାଇଁ ଆବେଦନ କରାଯାଇଛି। ସେହିପରି ଜିଲାରେ ବିନା ପରମିଟ୍‌ରେ କେତକ ବସ ମିଳିଥିବା ରୁଟ୍‌ରେ ଚଳାଚଳ ନ କରି ଅନ୍ୟ ରୁଟ୍‌ରେ ଚଳାଚଳ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଅନେକ ସମୟରେ ଏହାକୁ ନେଇ ବସ ମାଲିକଙ୍କ ମଧ୍ୟରେ ବିବାଦ ଉପୁଜିଥାଏ। ରୁଟ୍ ବସ୍ ଚଳାଚଳ କରୁ ନ ଥିବାରୁ ଯାତ୍ରୀ ବହୁ ଅସୁବିଧା ଭୋଗୁଛନ୍ତି। ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳ କୃଷ୍ଣ ଦାସ କହିଛନ୍ତି, ଏଭଳି ବିନା ପରମିଟ୍‌ରେ ଚାଲୁଥିବା ଗୋଟିଏ ବସ ରବିବାର ଜବତ କରାଯାଇଛି। ଅନ୍ୟ ବସ୍ ଧରାଯିବ।

## ସାବିତ୍ରୀ ପାଇଁ ଫଳ, ଲୁଗା ଦୋକାନରେ ଭିଡ଼



ପାଟଣା,୨୫।୫
(ବୀର କିଶୋରଦାଶ)

ରାତି ପାହିଲେ ସାବିତ୍ରୀ ବ୍ରତ। ଏଣୁ ଫଳ ଓ ଲୁଗା ଦୋକାନରେ ଗହଳି ହୋଇଛି। ପାଟଣା ମୁଖ୍ୟାଳୟ ବଜାର, ସାହାରପଡ଼ା ଓ ତୁରୁମୁଙ୍ଗା ବଜାରର ଫଳ ଦୋକାନରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି। ମାତ୍ର ଆକାଶ ଛୁଆଁ ଦର ପକେଟ୍ ଖାଲି କରିଦେଉଥିବା ଅନେକ ଗ୍ରାହକ କରିଥିଲେ। ପାଟଣା ବଜାରରେ ରବିବାର ସେଓ କିଲୋ ୩ ଶହ, ଡାଳିମ୍ବ କିଲୋ ୨୦୦ରୁ ୨୫୦, କଦଳୀ ଡଜନ ୮୦ରୁ ୧୦୦, ସପୁରୀ ଗୋଟା ୫୦, ଅଙ୍ଗୁର କିଲୋ ୨୦୦, ଲିଚୁ ୨ ଶହ, ଆମ୍ବ ୮୦, କମଳା ୧୪୦, ତାଳସଜ ଗୋଟା ୪୦ ରହିଛି। ଦର ବହୁତ ବଢ଼ିଯାଇଥିବାରୁ ଲୋକେ ବାଧ ହୋଇ କିଲେ ଜାଗାରେ ଅଧ କିଲୋ, ଅଧ କିଲୋ ସ୍ଥାନରେ ଅଢ଼େଇ ଶହରୁ ୩ ଶହ ଗ୍ରାମ ନେଇଯାଉଥିବା ଦେଖିବାକୁ ମିଳିଛି।

## ୫ ଅସହାୟଙ୍କୁ ସହାୟତା ନିବେଦନ

- ବାପାଙ୍କ ମୃତ୍ୟୁ ପରେ ମା' ଅନାଥ କରି ଚାଲିଗଲେ
- ମୂଲ ଲାଗି ପରିବାର ଚଳାଉଛନ୍ତି ବଡ଼ ଭଉଣୀ
- କେହି ବିଦ୍ୟାଳୟ ମାଟି ମାଡ଼ିନାହାନ୍ତି

ଆନନ୍ଦପୁର,୨୫।୫(ସୁଶାନ୍ତ କୁମାର ସାହୁ)

କୌଣସି ରୋଗରେ ବାପାଙ୍କ ମୃତ୍ୟୁ ଘଟିଲା। ବାପାଙ୍କ ମୃତ୍ୟୁ ପରେ ମା' ୫ ସନ୍ତାନଙ୍କୁ ଅଲଗା କରି କେଉଁଆଡ଼େ ଚାଲିଗଲେ। ମା'ବାପା ଛେଉଣ୍ଡ ୫ ସନ୍ତାନ ଏବେ ଅସହାୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ବଡ଼ ଭଉଣୀ ମୂଲ ଲାଗି ଛୋଟ ୪ ଭଉଣୀ, ଭାଇଙ୍କୁ ଚଳାଉଥିଲେ ହେଁ ଓଳିଏ ଖାଇଲେ ଓଳିଏ ଉପବାସ ରହିବାକୁ ପଡୁଛି। କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଆଦିବାସୀ ଅଧ୍ୟୁଷିତ ଗୟଳମୁଣ୍ଡା ପଞ୍ଚାୟତ ଡାହିମାଳିଆ ସାହିରେ ୫ ଅନାଥ ପିଲା ରହୁଛନ୍ତି। ସେମାନଙ୍କୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ପ୍ରକାଶ ଯେ, ଗ୍ରାମର ମାରିଆ ବିରୁଆଙ୍କ ୨ ବର୍ଷ ପୂର୍ବେ ଦେହାନ୍ତ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁର ଏକ ବର୍ଷ ପରେ ସ୍ତ୍ରୀ ମାଙ୍ଗତି ବିରୁଆ ୫ ଜଣ ସନ୍ତାନଙ୍କୁ ଛାଡ଼ି ରାତି ଅଧରେ ଅନାଥ କରିଦେଇ କେଉଁଆଡ଼େ ଚାଲିଯାଇଥିଲେ। ଫଳରେ ୫ ସନ୍ତାନ ୩ ଝିଅ ଓ ୨ ପୁଅ ବେସାହାରା ହୋଇଯାଇଥିଲେ। ୧୫ ବର୍ଷୀୟ ବଡ଼ ଝିଅ ମୂଲ ମଜୁରି କରି ଭଉଣୀ, ଭାଇଙ୍କୁ ଲାଳନପାଳନ କରୁଛନ୍ତି। ମାତ୍ର ସେଥିରେ ଗୁଜରଣା ମେଣ୍ଟୁ ନ ଥିବାରୁ ଓଳିଏ ଖାଇଲେ ଓଳିଏ ଉପବାସ ରହୁଥିବା କହିଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ନ ଥିବାରୁ ଭଙ୍ଗା ଦଦରା ଘରେ ଆଜ୍‌ବେଷ୍ଟସ୍ ଖଣ୍ଡିଏ ପକାଇ ବିପଦପୂର୍ଣ୍ଣ ଅବସ୍ଥାରେ ରହୁଛନ୍ତି। ବର୍ଷା, ପବନ ହେଲେ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଉଥିବା କହିଛନ୍ତି। ୫ ପିଲା ବିଦ୍ୟାଳୟ ମାଟି ମାଡ଼ି ନ ଥିବା ବେଳେ ପିଲାମାନେ ସର୍ବଦା ଅନ୍ୟ ଉପରେ ନିର୍ଭର କରୁଛନ୍ତି। ଏପରି ଆଧାରରେ ନାମ ପଞ୍ଜୀକରଣ ହୋଇ ନ ଥିବାରୁ ରାଶନ ସାମଗ୍ରୀ ସମେତ ଅନ୍ୟାନ୍ୟ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ଗ୍ରାମର ବିଜୁ ଚମ୍ପିଆ ପ୍ରକାଶ କରିଛନ୍ତି। ମା'ବାପା ଛେଉଣ୍ଡ ଅସହାୟ ଜୀବନ ବିତାଉଥିବା ଛୋଟ ଛୋଟ ପିଲାଙ୍କୁ ପ୍ରଶାସନିକ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଗୟଳମୁଣ୍ଡା ସରପଞ୍ଚ କ୍ଷୀରୋଦ ମାହାନ୍ତ କହିଛନ୍ତି, ସେମାନଙ୍କ ଆଧାରକାର୍ଡ ନାହିଁ। ସେମାନେ କୋଉଠି ଆଧାର କରିଦେଲେ ସେମାନଙ୍କୁ ଅନେକ ସୁବିଧା ଯୋଗାଇ ଦିଆଯାଆନ୍ତା। ଏ ନେଇ ବିଡିଓ ମନୋଜ କୁମାର ମହାନ୍ତଙ୍କୁ ଅବଗତ କରାଯାଇଥିବା ବେଳେ ସେ ପିଲାଙ୍କ ତଥ୍ୟ ପ୍ରଦାନ କରିବାକୁ କହିଥିଲେ। ସେ ଅନୁଯାୟୀ ସେମାନଙ୍କୁ ବିଦ୍ୟାଳୟ ପଢ଼ାଇବା ଓ ଅନ୍ୟାନ୍ୟ ବ୍ୟବସ୍ଥା କରିବେ ବୋଲି କହିଥିଲେ।


ଭଙ୍ଗା ଘର ନିକଟରେ ୫ ଅସହାୟ ଭଉଣୀ, ଭାଇ।

**ODISHA STATE AIDS CONTROL SOCIETY (OSACS)**
Department of Health & Family Welfare, Govt. of Odisha

**Tender / Bid No. 325/OSACS** **Date: 20.05.2025**
File No. : XV-Proc.- 13/2025

**NOTICE INVITING BID**
**FOR HIRING OF PETROL / DIESEL VEHICLES FOR OFFICIAL USE ON MONTHLY BASIS**

**No.E-106** : Orissa State AIDS Control Society (OSACS), H & FW Deptt., Govt. of Odisha, 2nd Floor, Oil Odisha Building, Nayapalli, Bhubaneswar-12 invites sealed tenders under **two bid systems** from the interested and eligible bidders for **Hiring of Petrol / Diesel Vehicles for Official Use on Monthly Basis**. The tender documents in prescribed formats should be submitted to the address as mentioned above through **Registered Post, Speed Post and Courier** only. For more details, please visit website of OSACS i.e. https://osacs.odisha.gov.in and download the tender documents. The Date of availability of Tender Document is **26.05.2025, 11.00 A.M.** & Closing Date & Time of Receiving of Sealed Tender **16.06.2025 upto 5.00 P.M.**
**OIPR-10009/11/0044/2526** **Sd./- Project Director**

# ଜବରଦଖଲକାରୀଙ୍କୁ ନୋଟିସ

▪୨୮ରୁ ପାଲବଣି-ମେଡିକାଲ କଲେଜ ରାସ୍ତା ପାର୍ଶ୍ୱରୁ ହଟିବ ଅବରୋଧ
▪୪ ଲେନ୍ ରାସ୍ତା ନିର୍ମାଣ ପାଇଁ ସଜବାଜ

ବାରିପଦା,୨୫।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପ୍ରଶାସନ ଓ ବାରିପଦା ପୌରପରିଷଦ ପକ୍ଷରୁ ସହରର ପାଲବଣି ଠାରୁ ଅମର୍ଦାରୋଡ୍ ରାସ୍ତାର ଉଭୟ ପାର୍ଶ୍ୱ ଉଚ୍ଛେଦ ନେଇ ଜବରଦଖଲକାରୀଙ୍କୁ ନୋଟିସ ଜାରି କରାଯାଇଛି। ଆସନ୍ତା ୨୮ତାରିଖରୁ ଉଚ୍ଛେଦ ଆରମ୍ଭ ହେବ। ଏ ନେଇ ଜିଲା ପ୍ରଶାସନ ଓ ବାରିପଦା ପୌରପରିଷଦ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପୂର୍ତ୍ତବିଭାଗ ଅଧୀନ ୬୧ନଂ. ରାଜ୍ୟ ରାଜପଥର ବାରିପଦା ସହରର ପାଲବଣିରୁ-ପିଆର୍‌ଏମ୍ ମେଡିକାଲ ନୂତନ କ୍ୟାମ୍ପସ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ହୋଇ ୪ ଲେନ୍ ବିଶିଷ୍ଟ ହେବ। ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଜବରଦଖଲକାରୀଙ୍କୁ ନୋଟିସ ଜରିଆରେ ମେ' ୨୭ ପର୍ଯ୍ୟନ୍ତ ମହଲତ ଦିଆଯାଇଥିବା ବେଳେ ୨୮ତାରିଖରୁ ଉଚ୍ଛେଦ ଆରମ୍ଭ ହେବ ବୋଲି ପ୍ରଶାସନ ସୂଚନା ଦେଇଛି। ଉକ୍ତ ରାସ୍ତା ବାରିପଦାର ପାଲବଣୀସ୍ଥିତ ୧୮ନଂ. ଜାତୀୟ ରାଜପଥରୁ ଚିତ୍ରଡ଼ା, ରାସଗୋବିନ୍ଦପୁର ହୋଇ ଅମର୍ଦାରୋଡଠାରେ ୬୦ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଛି। ପିଆର୍‌ଏମ୍ ମେଡିକାଲ କଲେଜର ଦ୍ୱିତୀୟ କ୍ୟାମ୍ପସ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଏମ୍‌ପିସି ଅଟୋନମସ କଲେଜ, କେନ୍ଦ୍ରୀୟ ବିଦ୍ୟାଳୟ, ଆଇନ ମହାବିଦ୍ୟାଳୟ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ମୁଖ୍ୟ କାର୍ଯ୍ୟାଳୟ, ପଞ୍ଚମ ବାଟାଲିୟମ କାର୍ଯ୍ୟାଳୟ, ପ୍ଲାନେଟୋରିୟମ ସହିତ ଅନେକ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟକୁ ଯିବାକୁ ହେଲେ ଏହି ରାସ୍ତା ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଫଳରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ତଥା ବ୍ୟସ୍ତ ବହୁଳ ରାସ୍ତା ପାଲଟିଛି। ରାସ୍ତାର ଉଭୟପାର୍ଶ୍ୱ ଜବରଦଖଲ ପାଇଁ ଟ୍ରାଫିକ ସମସ୍ୟା ଲାଗିରହୁଥିବା ବେଳେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ରାସ୍ତା ସଂକୀର୍ଣ୍ଣ ହେବା ଯୋଗୁ ଅନ୍ୟ ଯାନବାହନ ସମେତ ଆମ୍ବୁଲାନ୍ସ ଚଳାଚଳରେ ମଧ ଅନେକ ଅସୁବିଧା ପରିଲକ୍ଷିତ ହେଉଛି। ତେଣୁ ରାସ୍ତା ପ୍ରଶସ୍ତୀକରଣ ନେଇ ଯୋଜନା ଅନୁଯାୟୀ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ଉଚ୍ଛେଦ ପ୍ରକ୍ରିୟା ନେଇ ନୋଟିସ ଜାରି କରାଯାଇଛି। ଏ ବାବଦରେ ପୂର୍ବରୁ ବାରମ୍ବାର ବୈଠକ କରି ଅଭିଯୋଗ ଶୁଣାଣି ହୋଇଥିଲା। ଏହା ସହିତ ନ୍ୟାୟାଳୟରେ ମାମଲାର ଫଇସଲା ହୋଇଛି। ତେଣୁ ନିର୍ମାଣ କାର୍ଯ୍ୟ ପୂର୍ବରୁ ୨୮ରେ ପୋଲିସ ଉପସ୍ଥିତିରେ ଜବରଦଖଲ ମୁକ୍ତ କରାଯିବ। ପ୍ରଥମ ପର୍ଯ୍ୟାୟରେ ଉକ୍ତ ରାଜପଥର ପାଲବଣିରୁ ମେଡିକାଲ କଲେଜ ପର୍ଯ୍ୟନ୍ତ ୫କି.ମି. ରାସ୍ତା ୪ଥାକିଆ ହେବ। ପୂର୍ତ୍ତବିଭାଗ ପକ୍ଷରୁ ୪୦କୋଟି ୬୬ଲକ୍ଷ ୪୪ହଜାର ୯୯୫ ଟଙ୍କାରେ ଏହି ରାସ୍ତା କାର୍ଯ୍ୟ ହେବାକୁ ଥିବା ବେଳେ ଅନଲାଇନ ଟେଣ୍ଡର ଆହ୍ୱାନ କରାଯାଇଛି। ସର୍ଭିସରୋଡ୍ ସମେତ ୪ ଥାକିଆ ହେବ। ରାସ୍ତାର ଚଉଡ଼ା ୨୧ରୁ ୩୦ ମିଟର ହେବ। ବର୍ତ୍ତମାନ ପ୍ରଶସ୍ତୀକରଣ କାର୍ଯ୍ୟ ପାଲବଣିରୁ ରଙ୍ଗମାଟିଆ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଅବଶିଷ୍ଟ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ହେବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଉକ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ସର୍ଭେ ସହିତ ମାପଚୁପ ନେଇ ଗତ ୨୦୨୪ରେ ନୋଟିସ ହୋଇଥିଲା। ଏ ନେଇ ସ୍ଥାନୀୟ ଲୋକେ ମିଳିତ ଭାବେ ଉଚ୍ଚ ନ୍ୟାୟାଳୟର ଦାରସ୍ଥ ହୋଇଥିଲେ। ଯାହାକୁ ନେଇ ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ ହୋଇଛି।

## ଧରାପଡ଼ିଲେ ୩ ଅଭିଯୁକ୍ତ

ବୋଲେରୋ, ମାରଣାସ୍ତ୍ର ଜବତ

ବୈଶିଙ୍ଗା,୨୫।୫(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ଜଣେ ନାବାଳକ ସମେତ ୩ ଅଭିଯୁକ୍ତଙ୍କୁ ଧରିଛି। ସେମାନଙ୍କଠାରୁ ଏକ ବୋଲେରୋ ଓ ମାରଣାସ୍ତ୍ର ଜବତ ହୋଇଛି। ସୂଚନା ଅନୁଯାୟୀ, ଥାନା ଅଧିକାରୀ ବାରିଣୀ ଦାସଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ରାତି ୨ଟା ସମୟରେ ମୟୂରଭଞ୍ଜ-ବାଲେଶ୍ୱର ସୀମାନ୍ତ ଅଞ୍ଚଳରେ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହରେ ଏକ ବୋଲେରୋକୁ ଅଟକାଇ ଯାଞ୍ଚ କରିଥିଲେ। ବୋଲେରୋ ଭିତରେ ଥିବା ୪ ଜଣ ହଠାତ୍ ପୋଲିସ ଉପରେ ଆକ୍ରମଣ ଉଦ୍ୟମ କରିଥିଲେ। ଖବର ପାଇ ଅନ୍ୟ ଏକ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ସେମାନେ ଅନ୍ଧାରରେ ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ। ଜଣେ ନାବାଳକ ସମେତ ୩ ଜଣଙ୍କୁ ପୋଲିସ ଟିମ ମାଡ଼ି ବସିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯିବାକୁ ସକ୍ଷମ ହୋଇଥିଲେ।

ପାଟ୍ରୋଲିଂ ଟିମରେ ଥିବା ପୋଲିସ ଅଧିକାରୀ ବୋଇତ ବେହେରା, ଦେବାଶିଷ ମଣ୍ଡଳ, ସୁବ୍ରତ କୁମାର ସାହୁଙ୍କ ସହ ଅନ୍ୟ କର୍ମଚାରୀମାନେ ଗାଡ଼ି ଜବତ କରି ଥାନାକୁ ନେଇ ଆସିଥିଲେ। ସେମାନଙ୍କ ନିକଟରୁ ତିନୋଟି ତେଲେଙ୍ଗା କଟୁରୀ ଜବତ କରାଯାଇଛି। ରବିବାର ଅପରାହ୍ନରେ ଅଭିଯୁକ୍ତ ସେକ ସିରାଜୁଦ୍ଦିନ ଓ ସେକ୍ ଜାହିରୁଦ୍ଦିନଙ୍କୁ କୋର୍ଟ ଚାଲାଣ କରିବା ସହ ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୨୩୭/୨୫) ରୁଜୁ ହୋଇଛି।



ଜବତ ବୋଲେରୋ।

## ପାଣିରେ ବୁଡ଼ି ଶିଶୁପୁତ୍ର ମୃତ

ଗୋପବନ୍ଧୁ ନଗର,୨୫।୫ (ଶାନ୍ତନୁ କୁମାର ମଉ୍ଆଳ)- ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ୍ ପୁରୁଣା ବାରିପଦା ପଞ୍ଚାୟତ ବଗବସା ଗ୍ରାମରେ ଶନିବାର ମଧ୍ୟାହ୍ନରେ ପାଣିରେ ବୁଡ଼ି ଜଣେ ୪ ବର୍ଷ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ପୁତ୍ର ହେଲେ ରାମଚନ୍ଦ୍ର ବିନ୍ଧାଣୀଙ୍କ ପୁଅ ସନ୍ଦୀପ। ଘର ନିକଟରୁ କିଛି ଦୂରରେ ଏକ ପୋଖରୀରେ ମାଛ ଧରା ହେଉଥିବା ବେଳେ ଉକ୍ତ ଶିଶୁଟି ଉପସ୍ଥିତ ଲୋକଙ୍କ ଅଜ୍ଞାତରେ କେତେବେଳେ ଗଭୀର ପାଣି ମଧକୁ ପଶି ଯାଇ ବୁଡ଼ି ଯାଇଥିଲେ। ତେବେ ମାଛ ଧରା ସରିବା ପରେ ପାଣିରେ ମୃତଦେହ ଭାସୁଥିବା ଦେଖିବାକ ମିଳିଥିଲା। ତାଙ୍କୁ ବଡ଼ସାହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲେ ମଧ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। କୁଆମରା ଫାଣ୍ଡି ପୋଲିସ ତଦନ୍ତ ଜାରି ରଖିଛି।

## ବାଇକ୍‌ରୁ ଖସିପଡ଼ି ଯୁବକ ମୃତ

ବାରିପଦା,୨୫।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)-ବାରିପଦା ଟାଉନ ଥାନା ଅଧୀନ ତକତପୁରଠାରେ ରବିବାର ବାଇକ୍‌ରୁ ଖସିପଡ଼ି ଜଣେ ଯୁବକ ଜଣକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରିପଦା ଦେବେନ୍ଦ୍ରପୁର ଅଞ୍ଚଳର ସୁଜିତ କୁମାର ମାଝୀ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଆନ୍ତଃ ବିଦ୍ୟାଳୟ କ୍ରିକେଟ: ଟିମ୍-ଡି ବିଜୟୀ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ବାରିପଦା,୨୫।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ୯ମ ଦିନ ଖେଳରେ ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ୍-ଡି ୯ ଉଇକେଟରେ ଟିମ୍-ଏଫ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟିମ-ଏଫ୍ ୧୬.୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୪୩ ରନ ସଂଗ୍ରହ କରିଥିଲା। ବିପକ୍ଷ ଦଳର ସନ୍ଦୀପ ଶିବ ହାଁସଦା ୪ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଟିମ୍-ଡି ୮.୧ ଓଭରରେ ଗୋଟିଏ ଉଇକେଟ ହରାଇ ୪୪ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳ ପକ୍ଷରୁ ସୁଜିତ ଦେଓ ୧୭ ରନ ସଂଗ୍ରହ କରିଥିଲେ । ସନ୍ଦୀପ ଶିବ ହାଁସଦା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଅତିଥି ଭାବେ ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ ଓ ଜିଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ ଯୋଗଦେଇ ଯୁବ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ଅଶୋକ ପଟ୍ଟନାୟକ ଓ ସଦସ୍ୟ ଯୋଗେଶ୍ୱର ପାଲବାବୁ ଉପସ୍ଥିତ ଥିଲେ। ଦିଲ୍ଲୀପ କୁମାର ଦାସ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। ସୋମବାର ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ୍-ଜି ଏବଂ ସେଣ୍ଟ ଏନିଜ କନଭେଣ୍ଟ ସ୍କୁଲ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

## ହାତୀ ଆକ୍ରମଣରେ ମୃତ ମହିଳାଙ୍କ ପରିବାରକୁ ସହାୟତା

ରାଇରଙ୍ଗପୁର,୨୫।୫ (ମାନସ ମହାନ୍ତି)- ହାତୀ ଆକ୍ରମଣରେ ମୃତ ବିଶୋଇ ଥାନା ଗାରଗାଡ଼ି ଗ୍ରାମର ଚାର୍ମି ନାଏକଙ୍କ ପରିବାରକୁ ରବିବାର ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ମୃତଦେହ ସତ୍କାର ଲାଗି ୧୦ ହଜାର ଟଙ୍କା ମୃତା ଚାର୍ମୀଙ୍କ ବାପାଙ୍କୁ ଦିଆଯାଇଛି। ନିୟମାନୁଯାୟୀ ତାଙ୍କ ପରିବାରକୁ ୬ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ବିଶୋଇ ରେଞ୍ଜ ଅଫିସର କ୍ଷୀରୋଦ ଚନ୍ଦ୍ର ସିଂହ କହିଛନ୍ତି। ପ୍ରକାଶ ଯେ, ଚାର୍ମି ଗାରଗାଡି ଗ୍ରାମସ୍ଥିତ ବାପ ଘରେ ରହୁଥିଲେ। ଶନିବାର ସକାଳ ୮ଟା ବେଳେ ସେ ନିକଟସ୍ଥ ଜଙ୍ଗଲକୁ ଦେଢ ବର୍ଷର ଶିଶୁପୁତ୍ରକୁ ସାଙ୍ଗରେ ଧରି ଜାଳ ସଂଗ୍ରହ ପାଇଁ ଯାଇଥିଲେ। ଏହି ସମୟରେ ଏକ ହାତୀ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ପରିବାର ସଦସ୍ୟ ଏବଂ ଗ୍ରାମବାସୀ ଜଙ୍ଗଲ ଭିତରୁ ଶିଶୁ ପୁତ୍ରକୁ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୭/୨୫ ) ରୁଜୁ ହୋଇଛି।

## 'ବରିଷ୍ଠ ନାଗରିକ ସାମାଜିକ ଅନୁଭୂତିର ଗନ୍ତାଘର'

ଆଇନ ସଚେତନତା ଶିବିର

ଖାରପୋଖରିଆ,୨୫।୫ (ସୁଧିର କୁମାର ମହାନ୍ତ)

ଖାରପୋଖରିଆ ପୋଲିସ ଓ ସ୍ଥାନୀୟ ସୀମାନ୍ତ ବରିଷ୍ଠ ନାଗରିକ ମଞ୍ଚର ମିଳିତ ଆନୁକୂଲ୍ୟରେ ରବିବାର ସକାଳ ୯ଟାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଖାରପୋଖରିଆ ଥାନା ପରିସରରେ ଅନୁଷ୍ଠିତ ଶିବିରରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ସୁନିଲ କୁମାର ମହାପାତ୍ର ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ଥାନା ଅଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟ, ମୁଖ୍ୟ ବକ୍ତାଭାବେ ସାରସକଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡ.ବୁଦ୍ଧାନ ମୁର୍ମୁ, ସମ୍ମାନୀତ ଅତିଥି ଭାବେ ତାଲୁକ ଆଇନ ସହାୟତା କେନ୍ଦ୍ରର ଆଇନଜୀବୀ ତାପସ କୁମାର ଦତ୍ତ, ଥାନା ସବ୍ ଇନ୍ସପେକ୍ଟର ଗଦାଧର ଭୋଇ, ମଞ୍ଚର ସମ୍ପାଦକ ଘାସିରାମ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚର ସଦସ୍ୟ କୈଳାସ ଚନ୍ଦ୍ର ବଶା ନୂତନ ଥାନା ଅଧିକାରୀ ଆଚାର୍ଯ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧି କରିଥିଲେ। ମଞ୍ଚର ସଭାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକମାନେ ସାମାଜିକ ଅନୁଭୂତିର ଗନ୍ତାଘର ବୋଲି ମୁଖ୍ୟ ଅତିଥି ଥାନାଧିକାରୀ ଆଚାର୍ଯ୍ୟ କହିଥିଲେ। ଶିବିରରେ ସୀମାନ୍ତ ବରିଷ୍ଠ ନାଗରିକ ମଞ୍ଚର କେତେକ କାର୍ଯ୍ୟାବଳୀର ପ୍ରସ୍ତାବ ରଖାଯାଇଥିଲା। ସେଥିମଧ୍ୟରୁ ମଞ୍ଚର କାର୍ଯ୍ୟାଳୟ ନିରୂପଣ ଉପରେ ପଦକ୍ଷେପ, ବରିଷ୍ଠଙ୍କ ନିମନ୍ତେ ସ୍ୱାସ୍ଥସେବା ଶିବିର ଆୟୋଜନ, ଯୋଗ ଓ ହସିବା, କ୍ରୀଡ଼ା ଶିବିରର ଆୟୋଜନ, ବରିଷ୍ଠ ନାଗରିଖମାନଙ୍କ ବିଭିନ୍ନ ବୃଦ୍ଧାଶ୍ରମ ପରିଦର୍ଶନ ପ୍ରଭୃତି କାର୍ଯ୍ୟକ୍ରମ ହାତକୁ ନେବାର ନିଷ୍ପତ୍ତି ନିଆଯାଇଥିଲା। ଶିକ୍ଷାବିତ୍ ଭରତ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



ଶିବିରରେ ଉପସ୍ଥିତ ଅତିଥିମାନେ।

## ଅଧ୍ୟାପକ ପଦବୀ ଉଚ୍ଛେଦ ଷଡ଼ଯନ୍ତ୍ରକୁ ବିରୋଧ

ବାରିପଦା,୨୫।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ରେସନାଲାଇଜେଶନ ନୀତି ଲାଗୁ କରିବା ଲକ୍ଷ୍ୟରେ କୁଳପତିମାନଙ୍କୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚିଠିନଂ. ୨୨୨୫୯ ଜାରି କରିଛି। ଏହି ଚିଠିରେ ରେସନାଲାଇଜେଶନ ନୀତି କିପରି ଲାଗୁ ହୋଇ ପାରିବ ତାହା ବିଷୟରେ ସ୍ପଷ୍ଟ ନକ୍‌ସା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଚିଠିକୁ ବିରୋଧ କରି ରାଜ୍ୟ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଗଠନ କେନ୍ଦ୍ର ଓ ରାଜ୍ୟ ଶିକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ କରିବେ ବୋଲି କହିଛନ୍ତି। ଉଚ୍ଚଶିକ୍ଷା ବିଭାଗର ଏହି ଚିଠିରେ ଏହା ସ୍ପଷ୍ଟ ପ୍ରତୀୟମାନ କି ଆଗାମୀ ଦିନରେ ଏହି ରେସନାଲାଇଜେଶନ ଆଳରେ ଅଧ୍ୟାପକ ପଦବୀ ଉଚ୍ଛେଦ ହେବ ଓ ସମ୍ପୂର୍ଣ୍ଣ ଭାବରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ପାଠ୍ୟଦାନ ବ୍ୟାହତ ହେବ। ଏଆଇଡିଏସ୍‌ଓ ରାଜ୍ୟ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଏକ ପ୍ରେସ ବିବୃତ୍ତି ଜରିଆରେ ରାଜ୍ୟ ସରକାରଙ୍କ ଏହି ଯୋଜନାକୁ ବିରୋଧ କରିଛନ୍ତି।

ସୂଚନା ଯୋଗ୍ୟ, ଏହି ରେସନାଲାଇଜେଶନ କଥା କହି ରାଜ୍ୟରେ ପ୍ରାୟ ୭ ହଜାରରୁ ଅଧିକ ପ୍ରାଥମିକ ବିଦ୍ୟାଳୟ ବନ୍ଦ କରାଯାଇଛି। ରାଜ୍ୟର ସମସ୍ତ ମହାବିଦ୍ୟାଳୟ ବିଶେଷକରି ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଯେତେବେଳେ ଅଧ୍ୟାପକ ମରୁଡ଼ି ସେତେବେଳେ ରାଜ୍ୟ ସରକାରଙ୍କ ବିଶ୍ୱବିଦ୍ୟାଳୟଗୁଡ଼ିକରେ ରେସନାଲାଇଜେସନ ନୀତି ଲାଗୁ କରିବା ଲକ୍ଷ୍ୟରେ ନକ୍ସା ପ୍ରସ୍ତୁତ ପାଇଁ ଦିଆଯାଇଥିବା ଚିଠି ଯଦି କାର୍ଯ୍ୟକାରୀ ହୁଏ ତେବେ ଆଗାମୀ ଦିନରେ ବହୁ ଆଧ୍ୟାପକ ପଦବୀ ଉଚ୍ଛେଦ ହେବ। ମୌଳିକ ବିଷୟଗୁଡ଼ିକର ଗୁରୁତ୍ୱ ହ୍ରାସ ପାଇବ ଓ ସିଲାବସରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଂଶ କାଟି ସିଲାବସ୍‌କୁ ସୀମିତ କରିଦେବାର ଷଡଯନ୍ତ୍ର ମଧ ହେବ। ତେଣୁ ଏହି ଷଡଯନ୍ତ୍ର ବିରୋଧରେ ସମଗ୍ର ରାଜ୍ୟର ସଚେତନ ଛାତ୍ରୀଛାତ୍ର, ଶିକ୍ଷକ, ଅଧ୍ୟାପକ ଆଗେଇ ଆସିବା ସହ ସରକାରୀ ଶିକ୍ଷାକୁ ରକ୍ଷା କରିବା, ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ଅଧ୍ୟାପକ ପଦବୀ ପୂରଣ କରିବା ଦାବିରେ ଆନ୍ଦୋଳନ ଗଢ଼ିତୋଳିବାକୁ ଏଆଇଡିଏସଓ ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ଆଦର କମିଛି, ତଥାପି କଳା ବଞ୍ଚିଛି

### ଆଧୁନିକତା ଛାପରେ ଆଉ ଶୁଭୁନି କେନ୍ଦରା ବାଦ୍ୟ

ମୋରଡା,୨୫।୫(ସ୍ମାରକ ମାଜୀ)

ଆଧୁନିକତାର ଛାପରେ ଗାଁ ଗହଳିରେ ଆଉ ଶୁଭୁନି କେନ୍ଦରା ବାଦ୍ୟ। ଦିନ ଥିଲା କେନ୍ଦରା ଗୀତକୁ ଲୋକେ ଖୁବ୍ ପସନ୍ଦ କରୁଥିଲେ। କେନ୍ଦରା ବଜାଉ ଥିବା କଳାକାରଙ୍କୁ ଆଗ୍ରହ ସହକାରେ ଟଙ୍କା, ଚାଉଳ ଦେଇ ଆନନ୍ଦ ନେଉଥିଲେ। ଏବେ କିନ୍ତୁ ପରିସ୍ଥିତି ଭିନ୍ନ। ଆଗଭଳି କେନ୍ଦରା ବାଦ୍ୟ ପ୍ରତି ଲୋକଙ୍କ ଆଦର ନାହିଁ। ଧୀରେ ଧୀରେ ଏହି ନିଆରା ବାଦ୍ୟ ଯନ୍ତ୍ର ବଜାଇବା ପ୍ରତି କଳାକାର ମୁହଁ ଫେରାଇଲେଣି। ନୂଆ କଳାକାର ସୃଷ୍ଟି ନ ହେବା ସହ ଏହି ବାଦ୍ୟ ଶିଖାଇବାକୁ ଗୁରୁ ମଧ ମିଳୁ ନାହାନ୍ତି। ତଥାପି ଏହି କଳା ବଞ୍ଚିଛି। ଏହି କଳା ବଞ୍ଚାଇ ରଖିଛନ୍ତି କଳାକାର ଗୋଲକ ମିଶ୍ର(୬୨)। ତାଙ୍କ ଘର ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଅନନ୍ତପୁର ଗ୍ରାମରେ। ସେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଅଞ୍ଚଳରେ ଗାଁକୁ ଗାଁ ବୁଲି କେନ୍ଦରା ବଜାଉଛନ୍ତି। ତେବେ ପୂର୍ବଭଳି ଆଉ ବେଉସା ନାହିଁ, ବର୍ତ୍ତମାନ ଉକ୍ତ ବାଦ୍ୟର ଆଗ ଭଳି ଚାହିଦା ନ ଥିବାରୁ ପରିବାର ପ୍ରତିପୋଷଣ କରିବା କାଠିକର ହେଉଛି ବୋଲି କହିଛନ୍ତି ଗୋଲକ। ତେବେ କେନ୍ଦରା ବାଦ୍ୟର ପ୍ରଚାର ଓ ପ୍ରସାର ପାଇଁ ସରକାରୀସ୍ତରରେ ପଦକ୍ଷେପ ନିଆଗଲେ ଏହି ଲୋକକଳା ପୁଣି ଉଜ୍ଜୀବିତ ହୋଇ ପାରିବ ବୋଲି ମତପ୍ରକାଶ ପାଇଛି।



କଳାକାର ଗୋଲକ ମିଶ୍ର କେନ୍ଦରା ବଜାଉଛନ୍ତି।

## ଅରୁଣସ୍ତମ୍ଭ ନିକଟରେ ରହିଥିଲା ତ୍ରିକାଳ ବନ୍ଦାପନା ମଣ୍ଡପ

ଐତିହ୍ୟର ଓଡ଼ିଶା

▪ ପଥରଖଳାରେ ଖୋଲିଥିଲା ବଣିଆଶାଳ
▪ ନିର୍ମାଣ ହୋଇଥିଲା ସୁଆସମଲ୍ଲ ପଥର ବିଗ୍ରହ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଆମେ ପୂର୍ବ ସଂଖ୍ୟାରେ ଆଲୋଚନା କରିଥିଲେ 'ଧ୍ୱଜ ପଦ୍ମ ପ୍ରସଙ୍ଗ'। ପୋଥିରେ ଏହି ଶବ୍ଦ 'ପଦ୍ମଧ୍ୱଜ' ଭାବରେ ମଧ ବର୍ଣ୍ଣିତ ହୋଇଛି। ଅଧା ଫୁଟିଥିବା ପଦ୍ମଫୁଲ ଶବ୍ଦ ମଧ 'ଖିଳପଦ୍ମ' ଶବ୍ଦରେ ବର୍ଣ୍ଣିତ ହୋଇଥିବାର ମନେହୁଏ। କାରଣ କଳସ ନିର୍ମାଣର ଶେଷ ପର୍ଯ୍ୟାୟରେ ମହାରାଣୀ କସ୍ତୁରିକାମୋହିନୀ ଦେବୀ କୋଣାର୍କ ଆସିଥିଲେ। ସେ ସମ୍ପୂର୍ଣ୍ଣ କଳସ ନିର୍ମାଣକୁ ଦେଖି ବିଭୋର ହୋଇ ଯାଇଥିଲେ। ସେଥିରେ ଅର୍ଥାତ୍ ଖିଳପଦ୍ମ (କଳସ)ରେ ସୁବର୍ଣ୍ଣ ବ୍ୟବହାର ହେଉ ବୋଲି ଇଚ୍ଛା ପ୍ରକାଶ କରିଥିଲେ। କିନ୍ତୁ ସୂତ୍ରଧର ଓ ନିର୍ମାଣଶିଳ୍ପୀ ଏଥିରେ ସହମତ ହୋଇ ନ ଥିଲେ।

ଖୁବ୍ ସତର୍କତାର ସହିତ ମହାରାଣୀଙ୍କୁ ବୁଝାଇବାକୁ ଚାହିଁଥିଲେ 'ମହାଶ୍ରମ' ଅନ୍ୟ ପ୍ରକାର ଆଦେଶ ଦେଇ ସାରିଛନ୍ତି। କେବଳ 'ମାଣିକ୍ୟ' ବ୍ୟବହାର ହେବ ବୋଲି ମହାଶ୍ରମଙ୍କ ଶେଷ ନିଷ୍ପତ୍ତି। ପଦ୍ମଧ୍ୱଜରେ 'ସୁବର୍ଣ୍ଣ' ଖଞ୍ଜାଯାଇପାରେ...। ମହାରାଣୀ ସମ୍ମତ ହେଲେ 'ରାଜବଣିଆ'ଙ୍କୁ ଡାକିବା ପାଇଁ ଜଣେ ପାଇକ ପୁରୁଷୋତ୍ତମ କ୍ଷେତ୍ରକୁ ଯାଇଥିଲେ। କୋଣାର୍କ ପଥରଖଳା ମଝିରେ ଏକ 'ବଣିଆଶାଳ' ସେତେବେଳେ କରାଯାଇଥିଲା।

ମୁଖ୍ୟ ମନ୍ଦିରରେ କଳସ ବସିବା ପୂର୍ବରୁ ଦଧିନଉତି ନିର୍ମାଣ କାର୍ଯ୍ୟ ସାରିଥିଲେ ରାମ ମହାପାତ୍ର ଓ ଗଦା ମହାପାତ୍ର। ଦଧିନଉତିରେ ମଧ ଏକ ନାଳୀରନ୍ଧ୍ର କରାଯାଇଥିଲା। ସେଥିରେ ଦୁର୍ମୂଲ୍ୟ ଧାତୁ ରହିବ ବାସ୍ତୁଶାସ୍ତ୍ରର ବ୍ୟବସ୍ଥା ଅନୁଯାୟୀ।

ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ତ୍ରୟୋଦଶୀଦିନ 'କଳସ' ଉଠିବ ଖପୁରି ଉପରକୁ। ଏହା ଥିଲା ମହାଶ୍ରମଙ୍କ ଆଦେଶ। କଳସରେ ନାଲି ପାଟକନା ଗୁଡ଼ାଇ ୨୨ଜଣ ପଥୁରିଆ କଳସକୁ ନେଇ ଖପୁରି ଉପରେ ପହଞ୍ଚାଇଥିଲେ। ସେମାନଙ୍କୁ ମଧ ନୂତନ ବସ୍ତ୍ର ପରିଧାନ କରି ନେବା ପାଇଁ ୨୨ ଖଣ୍ଡ ନାଲି ସିଲ୍‌କ ଧୋତି ଯୋଗାଇ ଦିଆଯାଇଥିଲା। ପ୍ରତ୍ୟେକ କାର୍ଯ୍ୟବେଳେ ଶୁଭ ମୁହୂର୍ତ୍ତ ଯେମିତି ଦେଖାଯାଉଥିଲା, ପବିତ୍ରତା ଓ ବିଧି ବ୍ୟବସ୍ଥା ପ୍ରତି ଟିକିନିଖି ନଜର ରଖାଯାଉଥିଲା। ମହାପାତ୍ରଙ୍କୁ ନେଇ କଳସ ଖଞ୍ଜିବା ପାଇଁ ଶୀର୍ଷକୁ ଯାଇଥିଲେ। ଅନ୍ୟମାନେ ତଳେ ରହି ହରିବୋଲ ଡାକଦେଇ ଉତ୍ସାହିତ କରୁଥାନ୍ତି। ଦଶଜଣ ବାଜା (ଢୋଲ) ବାଲା ବାଜା ବଜାଉଥାନ୍ତି। କିନ୍ତୁ ଜ୍ୟେଷ୍ଠ ପୂର୍ଣ୍ଣିମା ଯାଇ ଆଷାଢ଼ ଦ୍ୱିତୀୟା ହେଲା କଳସ ଖଞ୍ଜା ହୋଇପାରିଲା ନାହିଁ। ତିନିଦିନ ଅକ୍ଳାନ୍ତ ପରିଶ୍ରମ ପରେ ଶିବେଇ ସାମନ୍ତରା ଏକ 'ଆକଟପତ୍ର' ପଠାଇ ନିଜ ଗାଁକୁ ପାଲିଙ୍କିରେ ବସି ଚାଲିଗଲେ। ଆକଟପତ୍ର କହିଲେ ଗୁପ୍ତପତ୍ର। ମୁଦା ଲଫାପାରେ ଏବେ ଯେମିତି ଦିଆଯାଉଛି। ଏହା ଲଫାପାଟେ ଭିତରେ ଦିଆଯାଉ ନ ଥିଲା କି କାଗଜରେ ଲେଖାଯାଉ ନ ଥିଲା। ତାଳପତ୍ରରେ ଲେଖାଯାଇ ବାଉଁଶ ଭିତରେ ପୂରାଇ ମୁଦ ଦିଆଯାଇ ପଠାଯାଉଥିଲା। ଏହି ମୁଦ ବାଉଁଶକୁ ଜଣେ ସୁରକ୍ଷା କର୍ମୀ (ଧରସିଂହ) ଘୋଡ଼ାରେ ଯାଇ ବିଡ଼ାନସୀ ଉଆସରେ ପହଞ୍ଚାଇଥିଲେ। ସେହିଦିନଠାରୁ ମୁଖ୍ୟ ମନ୍ଦିର କାର୍ଯ୍ୟ ବନ୍ଦ ରହିଥିଲା।

ପଥୁରିଆ ଶିଳ୍ପୀ ଅନ୍ୟ କାମରେ ବ୍ୟସ୍ତ ରହିଲେ। ରାୟସିଂହ ନିର୍ମାଣକାର୍ଯ୍ୟ ଚାଲିଥିଲା। ସୂତ୍ରଧର ପୂର୍ବରୁ ଦେଇଥିବା ଆଦେଶ ଅନୁସାରେ – ଘୋଡ଼ା ଉପରେ ବସି ସୁଆସମଲ୍ଲ ଯୁଦ୍ଧ କରୁଥିବା ଏକ ମୂର୍ତ୍ତିର ଶେଷ ସ୍ପର୍ଶ ଦିଆଗଲା। ବଡ଼ ଅଳସକନ୍ୟା ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଲା। ଏହାକୁ ନିଧି ମହାରଣା କରୁଥା'ନ୍ତି। ଅରୁଣସ୍ତମ୍ଭ ନିକଟରେ 'ତ୍ରିକାଳ ବନ୍ଦାପନା' ମଣ୍ଡପର କାର୍ଯ୍ୟ ଆରମ୍ଭ ହୋଇଥିଲା। ମଣ୍ଡପରେ ଲାଗିବା ପାଇଁ ୨୪୦ଟି ନୃତ୍ୟ କରୁଥିବା ନାରୀମୂର୍ତ୍ତି ନିର୍ମାଣ ଆରମ୍ଭ ହୋଇଥିଲା। ଚାରୋଟି ଧାଡ଼ି ଖମ୍ବ ମଣ୍ଡପରେ ଲାଗିବା ପ୍ରସ୍ତାବ କାର୍ଯ୍ୟକାରୀ ହୋଇଥିଲା। ଏହି ମଣ୍ଡପରେ ସନ୍ଧ୍ୟା, ସକାଳ ଓ ମଧ୍ୟାହ୍ନରେ ତିନିଥର ସୂର୍ଯ୍ୟଙ୍କୁ ବନ୍ଦାପନା କରାଯାଉଥିଲା।

ତେଣେ ମୂଳ ମନ୍ଦିର ଓ ମୁଖଶାଳା ପାଇଁ ମୂର୍ତ୍ତିନିର୍ମାଣ ଆଗେଇ ଚାଲିଥିଲା। ଚାରୋଟି ପ୍ରେମମୟ ମୂର୍ତ୍ତି ରାମ ମହାରଣା ନିର୍ମାଣ କରୁଥିବାବେଳେ ନାରାୟଣ ମହାରଣା ମୁଖଶାଳାରେ ଦଶଟି ବନ୍ଧ ମୂର୍ତ୍ତି ପ୍ରସ୍ତୁତ କରୁଥା'ନ୍ତି। ବିଶି ମହାରଣା ମଧ ମୁଖ୍ୟ ମନ୍ଦିର ପାଇଁ ବନ୍ଧ ମୂର୍ତ୍ତି ନିର୍ମାଣ କରିଥିଲେ। ଏକା ସମୟରେ ବନ୍ଦାପନା ମଣ୍ଡପର ପୀଢ଼, ମନ୍ଦିରର ପଶ୍ଚିମପଟୁ ବାଲି ଅପସାରଣ, ବିଜେ ପ୍ରତିମାଙ୍କ ପାଇଁ କାଠର ପାଲିଙ୍କି, ନାଟମୂର୍ତ୍ତି ଖୋଦେଇ କାର୍ଯ୍ୟ ଚାଲିଥିଲା। ବାଲି ଅପସାରଣ ପାଇଁ ହାତୀଙ୍କୁ ବ୍ୟବହାର କରାଯାଉଥିଲା।

ସେହିବର୍ଷ ଦଶହରା ବେଳକୁ ବନ୍ଦାପନା ମଣ୍ଡପରେ ଚାରୋଟି ସିଂହ ବସି ସାରିଥିଲେ। ବାସୁ ମହାରଣା ମଣ୍ଡପର ପଦ୍ମପିଣ୍ଡି ଓ ଅଁଳାଶ୍ରୀ ସମାପ୍ତ କରି ସୂତ୍ରଧରଙ୍କୁ ହସ୍ତାନ୍ତର କରିସାରିଥିଲେ। ଦଶହରାଦିନ କାମ ବନ୍ଦ ରହିଲା। ସମସ୍ତଙ୍କ ପାଇଁ ଭୋଜିର ଆୟୋଜନ ହୋଇଥିଲା।



**୧୦ ଗୋରୁ ଜୀବନ୍ତ ଦଗ୍ଧ**

ଚାନ୍ଦବାଲି, (କିଷାନ ପାତ୍ର): ଚାନ୍ଦବାଲି ଏନ୍ଏସି ଅଧୀନ ଗୋଲାଡ଼ିଆ ବସ୍ତିରେ ରବିବାର ସନ୍ଧ୍ୟା ୭ଟା ୩୦ ବେଳେ ଅଗ୍ନିକାଣ୍ଡ ଘଟି ୟୁସୁଫ ଅଲ୍ଲୀଙ୍କ ୧୦ ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ନିଆଁ ଲାଗି ତାଙ୍କ ଗୁହାଳରେ ଥିବା ଗୋରୁ ପୋଡ଼ି ହୋଇଯାଇଥିଲେ। ଖବର ପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ଡିଜେଲ ଟ୍ୟାଙ୍କର ଜବତ ଘଟଣା, ଚାଳକ ଗିରଫ

ବାସୁଦେବପୁର,୨୫।୫(କାଳିପଦ ରାୟ)

ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ଅଧୀନ ବାଲିମୁଣ୍ଡା ଏୟାରଷ୍ଟ୍ରିପ୍ ନିକଟରୁ ଡିଜେଲ ଟ୍ୟାଙ୍କର ଜବତ ଘଟଣାରେ ଚାଳକ ଉତ୍ତରପ୍ରଦେଶର ଓମ୍ ପାଲଙ୍କୁ ରବିବାର ପୋଲିସ ଗିରଫ କରିଛି।

ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ବାଲିମୁଣ୍ଡା ଏୟାରଷ୍ଟ୍ରିପ୍ ନିକଟରେ ୨୫ହଜାର ଲିଟର ବିଶିଷ୍ଟ ଟ୍ୟାଙ୍କର (ଏଚ୍ଆର୍ ୬୧ ଇ ୬୭୮୮)ରୁ ଚାଳକ ଚୋରାରେ ଡିଜେଲ ବିକ୍ରି କରୁଥିବା ବେଳେ ସ୍ଥାନୀୟ ଲୋକେ ଧରିଥିଲେ। ତେଲ କେଉଁଠୁ ଆଣିଲ ଏବଂ କାହାକୁ ବିକ୍ରି କରୁଛ ପ୍ରଶ୍ନ କରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ସନ୍ଦେହ ହେବାରୁ ସ୍ଥାନୀୟ ଲୋକେ ନାୟକାଣିଡିହୀ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଟ୍ୟାଙ୍କରକୁ ଜବତ କରି ଚାଳକଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୨୦/୨୫) ରୁଜୁ କରାଯାଇ ଚାଳକଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ରାଜଲକ୍ଷ୍ମୀ ନାୟକ କହିଛନ୍ତି।

# ପୁଣି ଧସିଲା କୋଚିଲା ନଦୀବନ୍ଧ

ଧାମନଗର,୨୫।୫ (ଦେବେନ୍ଦ୍ର ଆଣ୍ଡିଆ)



ପଧାନି ପଞ୍ଚାୟତର ଶଇଲଠାରେ ନଦୀବନ୍ଧ ଧସି ଫାଟ ସୃଷ୍ଟି ହୋଇଛି।

ଧାମନଗର ବ୍ଲକ ପଧାନି ପଞ୍ଚାୟତର ଶଇଲଠାରେ ନିର୍ମାଣାଧୀନ କୋଚିଲା ନଦୀବନ୍ଧ ଶନିବାର ପୁଣି ଧସିଛି। ବାରମ୍ବାର ଏଠାରେ ନଦୀବନ୍ଧ ଧସୁଥିବାରୁ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ବୈତରଣୀର ଶାଖା କୋଚିଲା ନଦୀର ରାମରାକୂଳଠାରୁ ହସନାବାଦ ଟିଆରଇ ନଦୀବନ୍ଧର ଶଇଲ ଗ୍ରାମର ଇନ୍ଦ୍ରମଣି ବିଶ୍ୱାଳଙ୍କ ଘର ନିକଟରେ ଡାହାଣ ପାଖ ବନ୍ଧ ବାରମ୍ବାର ଧସୁଛି। ପ୍ରତିବର୍ଷ ଏଠାରେ ନଦୀବନ୍ଧ ଧସୁଥିଲେ ମଧ୍ୟ ସରକାର ଏହାର ସ୍ଥାୟୀ ସମାଧାନ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ୨୦ ଦିନ ତଳେ ଜଳ ସମ୍ପଦ ବିଭାଗ ପକ୍ଷରୁ ଏହି ନଦୀବନ୍ଧରେ ମାଟି ପକାଯାଇ ରୋଲିଂ କରାଯାଇଥିଲା। ପରେ ପଥରପ୍ୟାକିଂ ପାଇଁ ଟ୍ରକ୍‌ରେ ପଥର ଢଳାଯାଇଥିଲା। ନିର୍ମାଣାଧୀନ ଥିବାବେଳେ ଉକ୍ତ ନଦୀବନ୍ଧ ପ୍ରାୟ ୨ଶହ ଫୁଟ୍ ଲମ୍ବରେ ମାଟି ଶହ ପଥର ଧସିଯାଇ ନଦୀ ଭିତରକୁ ଚାଲିଯାଇଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଧସିଥିବା ବନ୍ଧର ତଳ ଅଂଶକୁ ଡ୍ରୋଜର ସାହାଯ୍ୟରେ ମାଟି ଓ ପଥରକୁ ସଫା କରାଯାଇ ପୁଣି ମାଟି ପକାଯିବା କାମ ଆରମ୍ଭ ହୋଇ ରୋଲିଂ କାମ ସରିଥିଲା। ଶନିବାର ସକାଳେ ପୁଣି ପ୍ରାୟ ୫୦ ଫୁଟ୍‌ର ଧସିଯାଇ ନଦୀବନ୍ଧରେ ପୂର୍ବ ଭଳି ଫାଟ ସୃଷ୍ଟି ହୋଇଛି। ଖବର ପାଇ ଧାମନଗର ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶରତ ଘଡ଼ାଇ ଓ ସହକାରୀ ଯନ୍ତ୍ରୀ କିଶୋର ଦାଶ ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିଛନ୍ତି।

ମୌସୁମୀ କେରଳ ଛୁଇଁ ଥିବାବେଳେ କେତେବେଳେ ନଦୀରେ ବନ୍ୟା ଆସିବ କହିହେବ ନାହିଁ। ଜଳସମ୍ପଦ ବିଭାଗ ସେଠାରେ ମାଟିପକା ଆରମ୍ଭ କରିଛି। ନଦୀବନ୍ଧରେ ବାରମ୍ବାର ମାଟି ଧସିବା କାରଣ ସମ୍ପର୍କରେ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଦାଶ କହିଛନ୍ତି, ବନ୍ଧ କଡ଼ରେ ଏକ ଘର ରହିଛି। ଫଳରେ ନଦୀ ଭିତରକୁ ମାଟି ପକାଇ ବନ୍ଧ କରାଯିବାରୁ ମାଟି ଧସୁଛି। ନଦୀବନ୍ଧ ମୂଳରେ କିଛି ପତଳା ଓ କାଦୁଆ ମାଟି ରହିଥିବାରୁ ନଦୀ ଗର୍ଭକୁ ମାଟି ଟାଣି ନେଉଛି। ବର୍ତ୍ତମାନ ପ୍ରତି ୯ ଇଞ୍ଚରେ ଗୋଟିଏ ଲେଖାଏ ଲେୟାର ମାଟି ପକାଯାଇଛି। ବନ୍ଧ ମୂଳରେ ଆଉ ଗୋଟିଏ ସୁରକ୍ଷା ବନ୍ଧ କରାଯାଇ ଦୃଢ଼ୀକରଣ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ବନ୍ଧର ସ୍ଥାନ ବଦଳାଇ ଦିଆଗଲେ ବନ୍ଧଟି ସୁରକ୍ଷିତ ରହିପାରନ୍ତା। ନଦୀବନ୍ଧ ସ୍ଥାନ ବଦଳାଇବା ପାଇଁ ହେଲେ ଗୋଟିଏ ପରିବାର ସ୍ଥାନାନ୍ତର ହେବାକୁ ପଡ଼ିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଗୋଟିଏ ପରିବାରକୁ ଅନ୍ୟତ୍ର ଥଇଥାନ କରାଯାଇ ନଦୀବନ୍ଧ ନିର୍ମାଣ କରାଗଲେ ଏହାର ସ୍ଥାୟୀ ପ୍ରତିକାର ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି। ଏ ଦିଗରେ ଭଦ୍ରକ ଜିଲାପାଳ ଓ ବିଭାଗୀୟ ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

# ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ: ଜଳିଗଲା ୯ ବଖରା

**ସ୍କୁଟି ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ, ୩ ଆହତ**

ବନ୍ତ, ୨୫।୫(ହରି ନାରାୟଣ ମହାନ୍ତି)

ବନ୍ତ ତହସିଲ ଅଧୀନ ସରମରା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ ଘଟି ୯ ବଖରା ଘର ଜଳିଯାଇଛି। ଏଥିରେ ଗୋଟିଏ ସ୍କୁଟି ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ୩ଜଣ ଆହତ ହୋଇଛନ୍ତି। ଅଗ୍ନିକାଣ୍ଡ ଯୋଗୁ ୬ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ପ୍ରକାଶ ଯେ, ରାତି ପ୍ରାୟ ୧୨ଟା ୧୦ ମିନିଟ୍ ବେଳେ ହଠାତ୍ ଗ୍ରାମର କାଳନ୍ଦୀ ସାହୁଙ୍କ ଘରେ ପ୍ରଥମେ ନିଆଁ ଲାଗିଥିଲା। ଚାହୁଁ ଚାହୁଁ ନିଆଁ ପାଖ ଘରକୁ ବ୍ୟାପି ଯାଇଥିଲା। ଖବର ପାଇ ଗ୍ରାମବାସୀ ପହଞ୍ଚି ଗୋରୁଙ୍କୁ ଉଦ୍ଧାର କରିଥିଲେ। ମାତ୍ର ନିଆଁର ପ୍ରକୋପ ଏତେ ଥିଲା ଯେ ଏହାର ପ୍ରଭାବରେ ହରେକୃଷ୍ଣ ସାହୁ(୪୫), ହୃଷୀକେଶ ସାହୁ(୭) ଏବଂ ମାଗୁଣୀ ସାହୁ(୭୦) ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। କାଳନ୍ଦୀ ଓ ତିଳୋତ୍ତମା ସାହୁଙ୍କ ୨ ବଖରା ଲେଖାଏ, ହରେକୃଷ୍ଣ, ମଧୁସୂଦନ ସାହୁ, ଅନାମ ସାହୁ ଓ ସୁଭଦ୍ରା ସାହୁଙ୍କ ବଖରାଏ ଲେଖାଏ ଘର ସହ ଗୋଟିଏ ବଖରା ଗୁହାଳ ଜଳିଯାଇଛି। ଆଗରପଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡରେ ଗୋଟିଏ ସ୍କୁଟି, ନଗଦ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୫୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚାଉଳ, ଧାନ ସହ ଘରର ବିଭିନ୍ନ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଗ୍ୟାସ୍ ଲିକ୍ ହୋଇ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

ରବିବାର ସକାଳେ ତହସିଲଦାର ସାରା ହେମ୍ରମ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ କ୍ଷୟକ୍ଷତି ଆକଳନ କରିଛନ୍ତି। ସେହିପରି ଭ୍ରାମ୍ୟମାଣ ଚିକିତ୍ସାଧିକାରୀ ପୃଥ୍ୱୀରାଜ ପଣ୍ଡା ଓ ସ୍ୱାସ୍ଥ୍ୟ ବିଭାଗ ଟିମ୍, ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ପ୍ରାଣୀଧନ ନିରୀକ୍ଷକ ପ୍ରିୟବ୍ରତ ରାଉତ ପହଞ୍ଚି ସ୍ୱାସ୍ଥ୍ୟ, ପ୍ରାଣୀସେବା ଯୋଗାଇ ଦେଇଛନ୍ତି। ଶନିବାର ରାତିରେ ପୂର୍ବତନ ସରପଞ୍ଚ କିଶୋର କିଙ୍କର ପଡ଼ିଆରୀ ଘଟଣାସ୍ଥଳରେ ପହଞ୍ଚି ଥିବାବେଳେ ରବିବାର ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଭାଜପା ନେତା ସୁଧାଂଶୁ ଶେଖର ନାୟକ, ବଦ୍ରି ନାରାୟଣ ଧଳ, ସରପଞ୍ଚ ପ୍ରତିନିଧି ଚିନ୍ମୟ କୁମାର ଦାସ, ଯୁବନେତା ସ୍ମୃତି ରଞ୍ଜନ ସ୍ୱାଇଁ, ସାମାଜିକ କର୍ମୀ ରମାକାନ୍ତ ରାଉତ ପ୍ରମୁଖ ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏଥିସହ ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରିଛନ୍ତି।

## 'ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍' କାର୍ଯ୍ୟକ୍ରମ

ବାସୁଦେବପୁର/ ଚାନ୍ଦବାଲି,୨୫।୫ (କାଳିପଦ ରାୟ/ କିଷାନ ପାତ୍ର)

ବାସୁଦେବପୁର ବ୍ଲକର ବିଭିନ୍ନ ବୁଥ୍ ସ୍ତରରେ ରବିବାର ପୂର୍ବାହ୍ନ ୧୧ଟାରେ 'ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁରେଶରପୁର, ମଣ୍ଡଳପୋଖରୀ, ସୁଦର୍ଶନପୁର, ସୁଗୋ, ପଦ୍ମପୁର, ଇରମ ଏବଂ ବିଭିନ୍ନ ବୁଥ୍‌ସ୍ତରରେ ଭାଜପାର କର୍ମକର୍ତ୍ତାଙ୍କ ସହ ଜନସାଧାରଣ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଥିଲେ। ଭାଜପା ଜିଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ, ଦଳୀୟ ନେତା ବାଣୀକଲ୍ୟାଣ ମହାନ୍ତି, ପାରିଷଦ ଜଗବନ୍ଧୁ ଦାସ, ଭାନୁମତୀ ମଲ୍ଲିକ, ହେମନ୍ତ ମଲ୍ଲିକ, ରାଜାକୁମାର ନାୟକ, ପଞ୍ଚାନନ ସେନାପତି, ଲିକୁନ ଦଳେଇ, ଶଶୀକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚାନ୍ଦବାଲି ଏନ୍ଏସି ଅଧୀନ ୭ ନଂ. ୱାର୍ଡରେ ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ଜେନାଙ୍କ ବାସଭବନ ପରିସରରେ ଭାଜପା ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାରିଷଦ ଚନ୍ଦନ କୁମାର ରାଉତ, ଯୁବନେତା ବିଶ୍ୱମୋହନ ଜେନା, ପ୍ରଦୀପ ବିଶ୍ୱାଳ, ରଞ୍ଜନ ପଣ୍ଡା, ବିଶ୍ୱଜିତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ବିନତର ବୁଥ୍‌ରେ ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପାଣି, ଅଭିମନ୍ୟୁ ଖୁଣ୍ଟିଆ, ଶଶିକାନ୍ତ ଦାସ ପ୍ରମୁଖ କର୍ମୀମାନଙ୍କ ସହ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଥିଲେ।

**ଆଜି ସାବିତ୍ରୀ ବ୍ରତ**

# ଫଳ ଦର ଆକାଶଛୁଆଁ



କଚେରି ବଜାର ଫଳ ମାର୍କେଟରେ ଲୋକଙ୍କ ଭିଡ଼ ଜମିଛି।

ଭଦ୍ରକ,୨୫।୫(ସନାତନ ରାଉତ)

ସୋମବାର ସାବିତ୍ରୀ ବ୍ରତ ଥିବାରୁ ଭଦ୍ରକ ସହରରେ ଫଳଦର ଆକାଶଛୁଆଁ ହୋଇଛି। ସହରରେ ସାବିତ୍ରୀ ବଜାରରେ ଗ୍ରାହକଙ୍କ ଭିଡ଼ ଜମିଥିବା ବେଳେ ଫଳର ଅହେତୁକ ଦର ବୃଦ୍ଧି ଘଟିଛି। ବ୍ରତଧାରୀମାନେ ସାବିତ୍ରୀଙ୍କୁ ପୂଜା କରି ୨୧ ପ୍ରକାର ଫଳ ଅର୍ପଣ କରିଥାନ୍ତି। ବ୍ରତ ପାଇଁ ଫଳର ଆବଶ୍ୟକତାକୁ ଲକ୍ଷ୍ୟ କରି ବେପାରୀମାନେ ମନଇଚ୍ଛା ଦରରେ ବିକ୍ରି କରି ମାଲେମାଲ୍ ହେଉଛନ୍ତି। କେବଳ ଫଳ ନୁହେଁ, ଶାଢ଼ି ଓ କସ୍‌ମେଟିକ୍ ଦୋକାନରେ ମଧ୍ୟ ଗ୍ରାହକଙ୍କ ଭିଡ଼ ଜମୁଛି। କଚେରି ବଜାର ଫଳ ମାର୍କେଟରେ ଗତ ଦୁଇଦିନ ଧରି ଗହଳି ଲାଗିରହିଛି। ଆମ୍ବ କିଲୋ ୧୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ କଦଳୀ ଉଜନ ୭୦, ସପୁରୀ ଗୋଟିଏକୁ ୪୦, ନଡ଼ିଆ ଗୋଟିଏକୁ ୪୦, ଲିଚୁ ୨୦୦, ପଣସ ଗୋଟିଏକୁ ୧୫୦ରୁ ୨୦୦, ସେଓ ୨୪୦ ଓ ଅଙ୍ଗୁର୧୫୦ ଟଙ୍କାରେ ବିକ୍ରି ହେଉଛି। ଏପରିକି ତାଳସଜ ଗୋଟା ୧୦ରୁ ୧୫ ଟଙ୍କାରେ ବିକ୍ରି ହେଉଛି। ଦରଦାମ୍ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କମିଟି ଗଢ଼ାଯାଉଥିଲେ ମଧ୍ୟ ଯେକୌଣସି ପର୍ବପର୍ବାଣୀ ସମୟରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ବ୍ୟବସାୟୀମାନେ ମନଇଚ୍ଛା ଦର ବୃଦ୍ଧି କରୁଛନ୍ତି।

# ଲକ୍ଷ୍ମୀ ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀରେ ଉନ୍ମୋଚନ ହେବ ସ୍ମରଣିକା




ବୈଠକରେ ଉପସ୍ଥିତ ଲକ୍ଷ୍ମୀ ମହାପାତ୍ର ସ୍ମୃତି ସଂସଦର କର୍ମକର୍ତ୍ତା।

ଭଦ୍ରକ,୨୫।୫ (ସନାତନ ରାଉତ/ରବିନାରାୟଣ ଖିଲାର)

ଦିବଂଗତ ରାଜନେତା, ସାମାଜିକ କର୍ମୀ ଲକ୍ଷ୍ମୀ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରବିବାର ପୂର୍ବାହ୍ନ ୧୦ଟାରେ ଭଦ୍ରକ ପୌରପାଳିକାର କୁଆଁସ ଶ୍ୟାମସୁନ୍ଦରଜୀଉ କମ୍ୟୁନିଟି ସେଣ୍ଟରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀ ମହାପାତ୍ର ସ୍ମୃତି ସଂସଦ ପକ୍ଷରୁ ସଭାପତି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପ୍ରକାଶିତ ହେବାକୁ ଥିବା ସ୍ମରଣିକା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ପୁସ୍ତକାର ଅଭୟ ଦ୍ୱିବେଦୀ, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶିବ ପ୍ରସାଦ ଖାମୁରାଇ, ସ୍ମୃତି ସଂସଦର ଆବାହକ ଅଧିବକ୍ତା ଅତିଶ ବେହେରା, ସମ୍ପାଦକ ଶୁଭଙ୍କର ମହାପାତ୍ର, ଅଧିବକ୍ତା ପବନ ଶର୍ମା, ନିଶିକାନ୍ତ ନାୟକ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ତୁଷାରକାନ୍ତି ଜେନା, ବ୍ୟୋମକେଶ ସେନାପତି, ସନ୍ତୋଷ କୁମାର ଦାସ, ବିପ୍ଳବ କୁମାର ହୋତା, ଜାନକୀ ବଲ୍ଲଭ ମହାପାତ୍ର, ଖଗେଶ୍ୱର ବେହେରା, ଲୋକମାନ ଖାନ, ତପସ୍ୱିନୀ ପତି, ବିକାଶ ଶ୍ରେଷ୍ଠା, ବିଶ୍ୱଜିତ ବେହେରା, ଉପେନ୍ଦ୍ର କୁମାର ବାରିକ, ନରହରି ଜେନା, ହେମନ୍ତ ନାୟକ ଓ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା



ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଚାନ୍ଦବାଲି,୨୫।୫(କିଷାନ ପାତ୍ର)

ଚାନ୍ଦବାଲିସ୍ଥିତ ବରିଷ୍ଠ ନାଗରିକ ସଭାଗୃହରେ ରବିବାର ପୂର୍ବାହ୍ନ ୧୧ଟାରେ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟକାରୀ କମିଟିର ଏକ ଜରୁରୀ ବୈଠକ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅନନ୍ତ ଚରଣ ସେଠୀ ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ନାଗରିକମାନଙ୍କୁ କିପରି ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ କରାଯାଇ ପାରିବ ଓ ସେମାନେ ସରକାରଙ୍କ ଯୋଜନାଗୁଡ଼ିକର ଲାଭ ଉଠାଇ ପାରିବେ, ସେ ବିଷୟରେ ଆଲୋଚନା କରାଯାଇ ସଚେତନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ସାମାଜିକ କର୍ମୀ ବଳରାମ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ପ୍ରମୋଦ ଚନ୍ଦ୍ର ତ୍ରିପାଠୀ ଆୟବ୍ୟୟର ହିସାବ ଆଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ପାଣି, କାହ୍ନୁଚରଣ ମହାଳିକ, ଅଶୋକ ବାରିକ, ଉମେଶ ଚନ୍ଦ୍ର ସାହୁ, ରଜନୀକାନ୍ତ ମହାନ୍ତି, ଶରତ ଚନ୍ଦ୍ର ବେହେରା, ରାଜକିଶୋର ଦାସ, ଗଙ୍ଗାଧର ବିଶ୍ୱାଳ, ଜୟକୃଷ୍ଣ ଦାଶ, ବ୍ରଜ କିଶୋର ପରିଡ଼ା, ରବୀନ୍ଦ୍ର ନାଥ ରଣା, ବେଣୁଧର ନାୟକ, ମୁରଲୀଧର ପରିଡ଼ା, ପୀତାମ୍ବର ନାଥ, ଗୟାଧର ଦାସ, ବାବାଜୀ ଚରଣ ଦାସଙ୍କ ସହ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ଜାତୀୟ ଉପକନିଷ୍ଠ ନେଟ୍‌ବଲ୍ ପ୍ରତିଯୋଗିତାରେ ଭଦ୍ରକର ୫ ଖେଳାଳି

ଭଦ୍ରକ,୨୫।୫ (ସନାତନ ରାଉତ)



ଜାତୀୟସ୍ତରକୁ ମନୋନୀତ ହୋଇଥିବା ୫ ଖେଳାଳି।

ମଧ୍ୟପ୍ରଦେଶର ଇନ୍ଦୋର ଷ୍ଟାଡ଼ିୟମ୍‌ରେ ସୋମବାରଠାରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ଉପକନିଷ୍ଠ ନେଟ୍‌ବଲ୍ ପ୍ରତିଯୋଗିତା ନିମନ୍ତେ ଓଡ଼ିଶାରୁ ୧୨ଜଣିଆ ବାଳକ ଓ ବାଳିକା ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ଭଦ୍ରକ ଜିଲାର ୫ ଖେଳାଳି ସ୍ଥାନ ପାଇଛନ୍ତି। ବାଳକ ଦଳରେ ଭଦ୍ରକ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ଧର୍ମେଶ ନାରାୟଣ ସାହୁ ଓ ଡି ପି ଅସ୍ମିତ କୁମାର, ବାଳିକା ବିଭାଗରେ ଭଦ୍ରକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରିୟଙ୍କା ତ୍ରିପାଠୀ, ଜିଜ୍ଞାସୀ ନାୟକ ଓ ସ୍ୱୟଂଶ୍ରୀ ଭଞ୍ଜ ମନୋନୀତ ହୋଇଛନ୍ତି। ଓଡ଼ିଶା ଦଳରେ ସ୍ଥାନ ପାଇଥିବାରୁ ଭଦ୍ରକ ଜିଲା ନେଟ୍‌ବଲ୍ ସଂଘର ସମ୍ପାଦକ ମନୋଜ କୁମାର ସାହୁ, ସଭାପତି ତନ୍ମୟ କୁମାର ମହାନ୍ତି, କୋଷାଧ୍ୟକ୍ଷ ବିଶ୍ୱାମିତ୍ର ବେହେରା, ଉପସଭାପତି ମନୋଜ ଦାଶଙ୍କ ସମେତ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷ, ଚେୟାରମ୍ୟାନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।

# ବିଦ୍ୟାଳୟରେ ଉନ୍ନତିମୂଳକ କାର୍ଯ୍ୟ ନିମ୍ନମାନର

**ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ଲୋକେ**

ଧୁଷୁରୀ, ୨୫।୫ (ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକର ଧୁଷୁରୀ ମୁରଲୀଧର ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ନିମ୍ନମାନର କରାଯାଇଛି। ୫-ଟି ଅଧୀନରେ ହୋଇଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା ହୋଇଛି। ଏନେଇ ଅଭିଭାବକଙ୍କ ସମେତ ସ୍ଥାନୀୟ ଲୋକେ ଶୁକ୍ରବାର ଡାକ ଯୋଗେ ଅଭିଯୋଗପତ୍ର ଜିଲାପାଳଙ୍କ ପାଖକୁ ପଠାଇବା ସହ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ଜଣାଇଛନ୍ତି।

ବିଦ୍ୟାଳୟ ସମ୍ମୁଖ ଭାଗରେ ନିର୍ମିତ ଏକ ସୌନ୍ଦର୍ଯ୍ୟକରଣ ଫାଉଣ୍ଟେନ ପ୍ରକଳ୍ପ ଭୁଶୁଡ଼ି ପଡ଼ିବା ଭଳି ପରିସ୍ଥିତି ଉପୁଜିଛି। ଏହାକୁ ବାଉଁଶ ଠେକରା ଦିଆଯାଇଛି। କେବଳ ଏତିକି ନୁହେଁ ବିଦ୍ୟାଳୟରେ ନିର୍ମିତ ଶୌଚାଳୟର କେତେକ ଅଂଶ ଭାଙ୍ଗିରୁଜି ଗଲାଣି। ସେହିଭଳି ଲକ୍ଷାଧିକ ଟଙ୍କାରେ ନିର୍ମାଣ ହୋଇଥିବା ଅନ୍ୟ ପ୍ରକଳ୍ପଗୁଡ଼ିକର ମଧ୍ୟ ଅନୁରୂପ ଅବସ୍ଥା। ନବନିର୍ମିତ ଏକ ଶ୍ରେଣୀଗୃହର ଛାତରୁ କଂକ୍ରିଟ ଝଡ଼ି ପଡ଼ିଛି। ବର୍ଷେ କିମ୍ବା ୨ ବର୍ଷ ମଧ୍ୟରେ ସବୁ ପ୍ରକଳ୍ପରୁ ରଙ୍ଗ ଛାଡ଼ିଗଲାଣି। ଏହାବ୍ୟତୀତ ବିଦ୍ୟାଳୟର ପଛପଟେ ଅଳିଆ ଆବର୍ଜନା ପଡ଼ି ପୂତି ଗନ୍ଧମୟ ପରିସ୍ଥିତି ସୃଷ୍ଟି କରିଛି। ବିଦ୍ୟାଳୟର ଏହି ଉନ୍ନତିମୂଳକ କାର୍ଯ୍ୟ ପାଇଁ ପୂର୍ବ ସରକାରଙ୍କ ସମୟରେ ୫-ଟି ବିଭାଗରୁ ଅର୍ଥରାଶି ଯୋଗାଇ ଦିଆଯାଇଥିଲା। ପରେ ଧାମନଗର ପଞ୍ଚାୟତ ସମିତି ପକ୍ଷରୁ ମଧ୍ୟ ଅତିରିକ୍ତ ଅର୍ଥରାଶି ଯୋଗାଇ ଦିଆଯାଇଛି। ପ୍ରକଳ୍ପଗୁଡ଼ିକ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ବିନିଯୋଗ କରାଯାଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ନିମ୍ନମାନର କାର୍ଯ୍ୟ କରାଯାଇଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ରୀଛାତ୍ର, ଅଭିଭାବକ ଓ ସ୍ଥାନୀୟ ଲୋକେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଆସନ୍ତା ୨ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଗ୍ରୀଷ୍ମ ଛୁଟି ସରିଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ ହୋତାଙ୍କୁ ପଚାରିବାରୁ ପ୍ରକଳ୍ପଗୁଡ଼ିକୁ ମାଙ୍କଡ଼ ଭାଙ୍ଗି ଦେଇଛି, ତାହାକୁ ମରାମତି କରାଯିବ ବୋଲି କହିଛନ୍ତି।



ଧୁଷୁରୀ ମୁରଲୀଧର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ସୌନ୍ଦର୍ଯ୍ୟକରଣ ଫାଉଣ୍ଟେନ ପ୍ରକଳ୍ପକୁ ବାଉଁଶ ଠେକରା ଦିଆଯାଇଛି।

# ଗୋରୁ ଚରାଇବାକୁ କହୁଥିଲେ, ବାସିଖାଦ୍ୟ ଦେଉଥିଲେ

**ବୃଦ୍ଧାଶ୍ରମରେ ନିର୍ଯାତନା**

ତିହିଡ଼ି,୨୫।୫(ସଞ୍ଜିତ ବଳ)

ଘରେ ନିର୍ଯାତିତ ହେବାରୁ ବୃଦ୍ଧାଶ୍ରମରେ ରହିଥିଲେ। ହେଲେ ସେଠାରେ ଘର ନିର୍ଯାତନାକୁ ଟପିଗଲା। ଗୋରୁ ଚରାଇବାକୁ କହିଲେ, ବାସିଖାଦ୍ୟ ଖାଇବାକୁ ଦେଲେ। ପ୍ରତିବାଦ କରିବାରୁ ଆଶ୍ରମରୁ ତଡ଼ିଦେବାର ଧମକ ଦେଲେ। ଏଥିରେ ଅତିଷ୍ଠ ହୋଇ ଆଶ୍ରମ ଛାଡ଼ିବାକୁ ବାଧ୍ୟ ହେଲେ ବୋଲି କୋହଭରା କଣ୍ଠରେ କହିଛନ୍ତି ବନ୍ତ ଥାନା ଅଧୀନ ନିଳକ ଗ୍ରାମର ବୃଦ୍ଧ ନରହରି ଜେନା(୬୯)। ତିହିଡ଼ି ବ୍ଲକ ସୟା ପଞ୍ଚାୟତ ଅଧୀନ ବାଉଁଶବାଗ ଗ୍ରାମସ୍ଥିତ ପତିତପାବନ ବୃଦ୍ଧାଶ୍ରମ ଛାଡ଼ିଥିବା ନରହରି ରବିବାର ମଧ୍ୟାହ୍ନରେ ସ୍ଥାନୀୟ ସୈନିକ ସ୍କୁଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଭଳି ଅଭିଯୋଗ ଆଣିଛନ୍ତି। ଦିନକୁ ୪ଶହ ଟଙ୍କା ଦେବେ ବୋଲି କହି ତାଙ୍କୁ ଆଶ୍ରମ କର୍ତ୍ତୃପକ୍ଷ ଗୋରୁ ଚରାଇବା କାର୍ଯ୍ୟରେ ନିୟୋଜିତ କରିଥିଲେ। ମାସେ ୧୦ ଦିନ ଚରାଇବା ପରେ ତାଙ୍କୁ ମାତ୍ର ୨୫୦୦ ଟଙ୍କା ଦେବାରୁ ସେ ଏହାର ପ୍ରତିବାଦ କରିଥିଲେ। କର୍ତ୍ତୃପକ୍ଷ ତାଙ୍କୁ ବାହାର କରିଦେବାର ଧମକ ଦେବାରୁ ସେ ଚୁପ୍ ରହିଥିବା କହିଥିଲେ। ତାଙ୍କ ସ୍ତ୍ରୀ ସେବତୀ ମଧ୍ୟ ବୃଦ୍ଧାଶ୍ରମରେ ହୋଇଥିବା ବିଭିନ୍ନ ଅନିୟମିତତା ସମ୍ପର୍କରେ କହିବା ସହ ତାଙ୍କୁ ଆଶ୍ରମ କର୍ତ୍ତୃପକ୍ଷ ଶାଗ ତୋଳିବାକୁ ପଠାଉଥିଲେ ବୋଲି ଅଭିଯୋଗ କରିଛନ୍ତି।

ସେହିପରି କମାରିଆ ଗ୍ରାମର ପଦ୍ମନାଭ ସୂତାର(୬୪) ଓ ମଙ୍ଗଳପୁର ଗ୍ରାମର ମୁକୁନ୍ଦଦେବ ନାୟକ(୬୭) ଦର୍ଶାଇଛନ୍ତି ଯେ, ଆଶ୍ରମରେ ଅନ୍ତେବାସୀଙ୍କୁ ବାସିଖାଦ୍ୟ ଖାଇବାକୁ ଦିଆଯାଉଥିଲା। ରାତିରେ କେବେ ୧୧ଟା ତ କେବେ ୧୨ଟାରେ ଖାଇବାକୁ ଦିଆଯାଏ। ଅନ୍ତେବାସୀଙ୍କୁ ଦିଆଯାଉଥିବା ଖାଦ୍ୟ ମଧ୍ୟ ବୃଦ୍ଧାବୃଦ୍ଧଙ୍କ ଖାଇବା ଉପଯୋଗୀ ନୁହେଁ। ପାଇଖାନା ସଫା କରାଯାଉ ନ ଥିବାରୁ ଆଶ୍ରମର ରହିବା ଜାଗା ଦୁର୍ଗନ୍ଧରେ ଭରିଯାଏ। ଏ ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ବାହାରକୁ ଶୌଚ ପାଇଁ ଯିବାକୁ ପରାମର୍ଶ ଦିଆଯାଏ। ଆଶ୍ରମ ଘର ଉପର ତାଲାରେ ହୋଇଥିବାରୁ ପାହାଚ ଚଢ଼ିବା ଏବଂ ଓହ୍ଲାଇବା ବୃଦ୍ଧାବୃଦ୍ଧଙ୍କ ପାଇଁ କଷ୍ଟକର ହୋଇପଡ଼େ। କୌଣସି ସାମାଜିକ ସଙ୍ଗଠନ କିମ୍ବା ବଦାନ୍ୟ ବ୍ୟକ୍ତି ଅନ୍ତେବାସୀଙ୍କୁ ଦେଉଥିବା ଫଳ, ବିସ୍କୁଟ ଓ ଅନ୍ୟ ସାମଗ୍ରୀ ସେମାନଙ୍କଠାରୁ ଆଶ୍ରମ କର୍ତ୍ତୃପକ୍ଷ ନେଇଯିବା ନିମ୍ନ ମାନସିକତାର ପରିଚୟ ବୋଲି ସେମାନେ ଦର୍ଶାଇଛନ୍ତି। ଏସବୁର ପ୍ରତିବାଦ କରିବାରୁ ସେମାନଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିଲା। ଫଳରେ ସେମାନେ ନିରୁପାୟ ହୋଇ କିଛିଦିନ ତଳେ ଆଶ୍ରମ ଛାଡ଼ି ଦେଇଥିବା ଦର୍ଶାଇବା ସହ ଖୁବ୍‌ଶୀଘ୍ର ଏ ସମ୍ପର୍କରେ ଜିଲାପାଳଙ୍କ ସମେତ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଆଶ୍ରମ ପରିଚାଳକ ଦୀପକ କୁମାର ବଳ କହିଛନ୍ତି, ସେହି ଅନ୍ତେବାସୀଙ୍କ ଅଭିଯୋଗରେ କୌଣସି ସତ୍ୟତା ନାହିଁ। ସେମାନଙ୍କ ରହିବା, ଖାଇବାରେ ସୁବନ୍ଦୋବସ୍ତ କରାଯାଇଥିଲେ ବି ସେମାନେ ନିଜ ଇଚ୍ଛାରେ ଆଶ୍ରମ ଛାଡ଼ିଛନ୍ତି। ସେମାନେ କରିଥିବା ଅଭିଯୋଗର ତଦନ୍ତ ପାଇଁ ମଧ୍ୟ ପ୍ରସ୍ତୁତ ଥିବା ସେ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆଶ୍ରମ ଛାଡ଼ିଥିବା ଅନ୍ତେବାସୀ।





# ଦୟନୀୟ ଅବସ୍ଥାରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର




**ଖଇରା, ୨୫।୫(ଉତ୍କଳବନ୍ଧୁ ପଣ୍ଡା)**

**■ ୩ ବିଶେଷଜ୍ଞ, ୧୬ ଏମ୍‌ବିବିଏସ୍, ୨୬ ଏଏନ୍‌ଏମ୍ ପଦବୀ ଖାଲି**

**■ ଶବ ବ୍ୟବଚ୍ଛେଦ, ଶବ ସଂରକ୍ଷଣ ଗୃହ ନାହିଁ**

ବାଲେଶ୍ୱର ଜିଲାରେ ଖଇରା ବ୍ଲକ ଉପାନ୍ତବର୍ତ୍ତୀ ଅଞ୍ଚଳ ଭାବେ ପରିଗଣିତ। ଖଇରାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ୧୯୩୬ରେ ସ୍ଥାପନ ହୋଇଥିବା ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ଦୟନୀୟ ଅବସ୍ଥା ଦେଇ ଗତି କରୁଛି। ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ଅଧିକାଂଶ ଅଞ୍ଚଳ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, କର୍ମଚାରୀ, ଅତ୍ୟାଧୁନିକ ଉପକରଣ ଅଭାବରୁ ଏହା ଉପରେ ଭରସା କରୁଥିବା ହଜାର ହଜାର ରୋଗୀ ଚିନ୍ତା ପ୍ରକଟ କରିଛନ୍ତି। ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ ପ୍ରତିକାର ନ ହେବା ସ୍ୱାସ୍ଥ୍ୟ ବିଭାଗର ଅବହେଳାକୁ ପଦାରେ ପକାଇଛି। ତୁରନ୍ତ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବାକୁ ଖଇରା ବିକାଶ ପରିଷଦ, ବରିଷ୍ଠ ନାଗରିକ ମଞ୍ଚ, ପ୍ରତିଭା ପରିବାର ଭଳି ସଙ୍ଗଠନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି ।

ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ଉପରେ ଖଇରା ବ୍ଲକର ୩୭ ପଞ୍ଚାୟତ ସମେତ ପଡୋଶୀ ଔପଦା, ହାଟଡିହି, କପ୍ତିପଦା ଆଦି ବ୍ଲକର ରୋଗୀମାନେ ନିର୍ଭର କରିଥାନ୍ତି। ୫ବର୍ଷ ରୋଗୀ ସଂଖ୍ୟା ହିସାବକୁ ନେଲେ ୨୦୨୦-୨୧ରେ ୧ଲକ୍ଷ ୦୩ହଜାର ୯୨୩ ରୋଗୀ, ୨୦୨୧-୨୨ରେ ୧ଲକ୍ଷ ୧୬ହଜାର ୪୭୭ ରୋଗୀ, ୨୦୨୨-୨୩ରେ ୧ଲକ୍ଷ ୩୪ହଜାର ୮୫୨ ରୋଗୀ, ୨୦୨୩-୨୪ରେ ୧ଲକ୍ଷ ୪୧ହଜାର ୮୩୩ ରୋଗୀ, ୨୦୨୪-୨୫ରେ ୧ଲକ୍ଷ ୫୮ହଜାର ୩୧୮ ରୋଗୀ ଖଇରାରେ ଚିକିତ୍ସିତ ହୋଇଛନ୍ତି। ଅଲଟ୍ରାସାଉଣ୍ଡ ଏବଂ ଡିଜିଟାଲ ଏକ୍ସରେ ନ ଥିବା କାରଣରୁ ଦୂରଦୂରାନ୍ତରୁ ଆସୁଥିବା ଦିନ ମଜୁରିଆ ଶ୍ରେଣୀର ରୋଗୀଙ୍କୁ ଖର୍ଚ୍ଚାନ୍ତ ହୋଇ ଭଦ୍ରକ ଓ ବାଲେଶ୍ୱରକୁ ଯିବାକୁ ପଡିଥାଏ। ସେହିଭଳି ଖଇରା ଭଳି ସିଏଚସି ପାଇଁ ୫ଜଣ ବିଶେଷଜ୍ଞ ରହିବାର ନିୟମ ଥିଲେ ମଧ୍ୟ ବର୍ତ୍ତମାନ ଶିଶୁରୋଗ, ଶଲ୍ୟ ଓ ଦାନ୍ତ ବିଶେଷଜ୍ଞ ପଦବୀ ବର୍ଷ ବର୍ଷ ଧରି ଖାଲି ପଡିଛି। ଏହାଛଡା ୨୨ ଏମବିବିଏସ୍ ପଦବୀ ଥିବା ବେଳେ ମାତ୍ର ୬ଜଣ ଥିବାରୁ ଏତେସଂଖ୍ୟକ ରୋଗୀଙ୍କୁ ଉପଯୁକ୍ତ ସେବା ପ୍ରଦାନ ଆଶା କରିବା ବୃଥା। ଏତଦ୍‌ଭିନ୍ନ ୨୬ ଏଏନଏମ, ୪୯ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ୧୨ ମହିଳା ସୁପରଭାଇଜର, ୩ ପୁରୁଷ ସୁପରଭାଇଜର, ଏକମାତ୍ର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପଦବୀ ଖାଲି ପଡିଥିବା କାରଣରୁ ରୋଗୀମାନଙ୍କୁ ଅନ୍ୟାନ୍ୟ ଆନୁଷଙ୍ଗିକ ସେବା ଠିକ୍ ଭାବେ ଉପଲବ୍ଧି କରାଯାଇପାରୁନାହିଁ। ସବୁଠାରୁ ବିଡମ୍ବନା ବିଷୟ ଏହି କି ଯେ, ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ମୃତଦେହ ରଖିବାକୁ ସ୍ୱତନ୍ତ୍ର ଶବ ସଂରକ୍ଷଣ ଗୃହ ନ ଥିବା ବେଳେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ନ ଥିବାରୁ ମୃତବ୍ୟକ୍ତିଙ୍କ ଆତ୍ମୀୟସ୍ୱଜନଙ୍କୁ ଖୋଲା ବାରଣ୍ଡାରେ ଶୀତ କାକରରେ ରାତି ବିତାଇବାକୁ ପଡେ ଯାହା ଅତ୍ୟନ୍ତ ଯନ୍ତ୍ରଣାଦାୟକ। ମେ' ୭ତାରିଖରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ଏହି ପ୍ରସଙ୍ଗରେ ଲୋକପ୍ରତିନିଧିମାନେ ଏକସ୍ୱରରେ ଖଇରା ମେଡିକାଲରେ ଏହି ବ୍ୟବସ୍ଥା କରିବାକୁ ବିଧାୟକ ଓ ଏମ୍‌ପିଙ୍କ ନିକଟରେ ଦାବି କରିଥିଲେ।

## ଏମାନେ କୁହନ୍ତି...

"ଖଇରା ସିଏଚ୍‌ସିରେ ଡାକ୍ତର କି କର୍ମଚାରୀ ହୁଅନ୍ତୁ ୨ଦିନ କାମ କରି ଅନ୍ୟତ୍ର ବଦଳି ହୋଇ ଚାଲିଯାଉଛନ୍ତି। କହିବାକୁ ଗଲେ ଏବେ ସମସ୍ତେ ଖଇରାକୁ ଏବେ ପନିସମେଣ୍ଟ ଏରିଆ ଭାବେ ଭାବୁଥିବାରୁ ଅଧିକାଂଶ ପଦବୀ ଖାଲିପଡୁଛି। ଏ ସମ୍ପର୍କରେ ଜିଲାପାଳଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ହେଁ କୌଣସି ପ୍ରତିକାର ହେଉନାହିଁ।

**-ଡା. ପ୍ରଭାକର ମିଶ୍ର, ଭାରପ୍ରାପ୍ତ ଚିକିତ୍ସାଧିକାରୀ।**

"ସାରା ଓଡିଶାରେ ଡାକ୍ତର ସମସ୍ୟା ଲାଗି ରହିଛି । ତଥାପି ଏହି ସମସ୍ୟା ଦୂର କରିବା ସହିତ ଖଇରାରେ ଶବ ବ୍ୟବଚ୍ଛେଦ ଗୃହ, ତୁଡିଗଡିଆରେ ଫାଣ୍ଡି ପ୍ରତିଷ୍ଠା ଲାଗି ମୁଖ୍ୟମନ୍ତ୍ରୀ ସହ ଆଲୋଚନା କରିଛି।

**-ପଦ୍ମଲୋଚନ ପଣ୍ଡା, ବିଧାୟକ, ସିମୁଳିଆ**

"ଗ୍ରାମାଞ୍ଚଳରେ ଅବସ୍ଥିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ବହୁବିଧ ସମସ୍ୟା ରୋଗୀଙ୍କ ରୋଗ ବଢାଇ ଦେଉଛି। ପୂର୍ବ ଟର୍ମମାନଙ୍କ ଭଳି ବିଧାୟକ ଟିକେ ଆନ୍ତରିକତା ଦେଖାଇଲେ ବିଶେଷ ଭାବେ ଡାକ୍ତର ସମସ୍ୟା ସୁଧୁରି ଯାଇପାରନ୍ତା।

**-ଶରତ କୁମାର ବିଶ୍ୱାଳ, ସଭାପତି, ବରିଷ୍ଠ ନାଗରିକ ମଞ୍ଚ**

"ଉକ୍ତ ସମସ୍ୟା ନେଇ ପରିଷଦର ବିଭିନ୍ନ ଅଧିବେଶନରେ ଆଲୋଚନା ହୋଇଛି। ଆଗାମୀ ଦିନରେ ପରିଷଦ ଏହି ପ୍ରସଙ୍ଗକୁ ନେଇ ଜିଲାପାଳ, ସିଡିଏମ୍‌ଓଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ଅଛି ।

**-ସୁରେନ୍ଦ୍ର ପ୍ରସାଦ ଦାସ,ସଭାପତି,ଖଇରା ବିକାଶ ପରିଷଦ**

"ଖଇରା ମେଡିକାଲରେ ଫ୍ୟାନ ଓ ଲାଇଟ ଅଚଳ, ଶୌଚାଳୟ ଅପରିଷ୍କାର ଭଳି ଛୋଟ ସମସ୍ୟାଠାରୁ ଆରମ୍ଭ କରି ଡାକ୍ତର, କର୍ମଚାରୀ ଅଭାବ ସାଙ୍ଗକୁ ଶବ ବ୍ୟବଚ୍ଛେଦ, ଶବ ଗୃହ ଅଭାବ ଭଳି ବଡ ସମସ୍ୟାକୁ ନେଇ ଖଇରାବାସୀ ଅତିଷ୍ଠ । ପ୍ରଶାସନ ଏହା ଉପରେ ଗୁରୁତ୍ୱ ଦେବା ଦରକାର।

**-ଅନ୍ତର୍ଯ୍ୟାମୀ ପାତ୍ର, ପ୍ରାକ୍ତନ ସଭ୍ୟ,ରୋଗୀ କଲ୍ୟାଣ ସମିତି।**

## ଶର୍ଟ ସର୍କିଟରେ ଜଳିଗଲା ପାର୍ସଲ ବୋଝେଇ ଟ୍ରକ



ଶର୍ଟ ସର୍କିଟରେ ଜଳୁଥିବା ପାର୍ସଲ ବୋଝେଇ ଟ୍ରକ।

**ସିମୁଳିଆ, ୨୫।୫(ସନ୍ତୋଷ ନାୟକ)**

ରବିବାର ସକାଳ ୯ଟା ୩୦ରେ ବାଲେଶ୍ୱର ଜିଲା ସିମୁଳିଆ ଥାନାଠାରୁ ୨କି.ମି. ଦୂର ୧୬ନମ୍ବର ଜାତୀୟ ରାଜପଥର ଭଗିଆ ଗାଁ ନିକଟରେ ସର୍ଟ ସର୍କିଟରେ ଏକ ପାର୍ସଲ ବୋଝେଇ ଟ୍ରକ(ନଂ. ଏଚଆର ୩୮ଏସି ୩୯୦୪)ରେ ନିଆଁ ଲାଗିଯାଇଥିଲା। ଦିଲ୍ଲୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସାଫେକ୍ସ ଏକ୍ସପ୍ରେସ କମ୍ପାନୀର ଏହି ଟ୍ରକରେ ବିଭିନ୍ନ ମାଲ ବୋଝେଇ ହୋଇଯାଉଥିଲା। ଘଟଣାସ୍ଥଳରେ ଅଡା, ଭଦ୍ରକ ଓ ସୋର ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ସିମୁଳିଆ ପୋଲିସ ଉଭୟ ପାର୍ଶ୍ୱର ଭିଡ ନିୟନ୍ତ୍ରଣ କରିଥିବା ବେଳେ ଗୋଟାଏ ପାର୍ଶ୍ୱର ଗମନାଗମନ ପ୍ରାୟ ୧ଘଣ୍ଟା ଧରି ବନ୍ଦ ରହିଥିଲା ।

## ବିଧାୟକଙ୍କ ଦ୍ୱାରା ନୂତନ ରାସ୍ତା ଶିଳାନ୍ୟାସ



ଶିଳାନ୍ୟାସ ପର୍ବରେ ବିଧାୟକଙ୍କ ସହ ଅନ୍ୟମାନେ।

**ବାଲେଶ୍ୱର, ୨୫।୫(ବାଞ୍ଛାନିଧି ଦେ)**

ବାଲେଶ୍ୱର ପୌରପାଳିକା ଅଧୀନ ୧୦ନଂ. ୱାର୍ଡରେ ବିଧାୟକ ମାନସ କୁମାର ଦତ୍ତ ଶନିବାର ଏକ ନୂତନ ରାସ୍ତା ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ବିଧାୟକଙ୍କ ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠି ଯୋଜନା ଅଧୀନ ୬ଲକ୍ଷ ୮୫ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ୱାର୍ଡର ସତ୍‌ସଙ୍ଗ କଲୋନୀରେ ଶିବଶଙ୍କର ମହାନ୍ତିଙ୍କ ଘରଠାରୁ ରତ୍ନାକର ପଣ୍ଡାଙ୍କ ଘର ଦେଇ ଉଦୟ ଦାସମହାପାତ୍ରଙ୍କ ଘର ପର୍ଯ୍ୟନ୍ତ ପେଭର ବ୍ଲକ ରାସ୍ତା ନିର୍ମାଣ ହେବ। ପ୍ରକଳ୍ପକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ଗଙ୍ଗାଧର ରାଉତ, ସୀତାକାନ୍ତ ସ୍ୱାଇଁ, ରାଜେନ୍ଦ୍ର ଚାଟାର୍ଜୀ, ପ୍ରଶାନ୍ତ ପରିଡା, ଧିରଜ ମହାନ୍ତି, ବିବେକ ମହାନ୍ତି ଓ ନିତିନ ଦାସ ପ୍ରମୁଖ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସତ୍‌ସଙ୍ଗ କଲୋନୀ କଲ୍ୟାଣ ପରିଷଦ ସଭାପତି ମଧୁସୂଦନ ବେହେରା, ରମାକାନ୍ତ କର, ଉଦୟ ଦାସମହାପାତ୍ର, ରତ୍ନାକର ପଣ୍ଡା, ଗଙ୍ଗାଧର ପୃଷ୍ଟି, ଭାଗବତ ଦାସ, ମନମୋହନ ବେହେରା, ସାରଙ୍ଗଧର ଦାସ, ରତିକାନ୍ତ ପାତ୍ରଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ହୋଟେଲ ବ୍ୟବସାୟୀ ବଂଶୀଧର ପଣ୍ଡାଙ୍କ ପରଲୋକ

ରେମୁଣା, ୨୫।୫(ରବୀନ୍ଦ୍ର ମହାକୁଡ଼): ବାଲେଶ୍ୱର ଜିଲାର ବିଶିଷ୍ଟ ହୋଟେଲ ବ୍ୟବସାୟୀ ବଂଶୀଧର ପଣ୍ଡା(୫୯)ଙ୍କର ରବିବାର ରେମୁଣା ବ୍ଲକ ଅଧୀନ ବିରୁଆଁ ଗ୍ରାମସ୍ଥିତ ବାସଭବନରେ ପରଲୋକ ହୋଇଛି। ସେ ହୋଟେଲ ଶିଳ୍ପ ଜଗତରେ ବହୁ ଖ୍ୟାତି ଅର୍ଜନ କରିଥିଲେ। ସେ ବିଜେଡିରେ ଜଣେ ଆଗଧାଡିର ନେତା



ଥିଲେ। ଦୀର୍ଘ ଦିନ ଧରି ସେ ଲିଭର ସେରୋସିସ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ । ତାଙ୍କ ମୃତ୍ୟୁ ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜନପ୍ରତିନିଧି, ବ୍ୟବସାୟୀ, ସାମାଜିକ କର୍ମୀ ଗାଁ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁଅ ରାଜେଶ ପଣ୍ଡା, ପୁତ୍ରବଧୂ, ଝିଅ, ଜ୍ୱାଇଁ, ପରିବାରବର୍ଗ, ନାତୁଣୀ ନାତି, ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ଏକ ବିଶାଳ ଶୋଭାଯାତ୍ରାରେ ମରଶରୀରକୁ ବାସଭବନରେ ବାଲେଶ୍ୱର ସହରସ୍ଥିତ ତାଙ୍କର ହୋଟେଲ ମା 'ଇଣ୍ଟରନ୍ୟାଶନାଲକୁ ଅଣାଯାଇଥିଲା। ସେଠାରେ ଜିଲା ଆଞ୍ଚଳିକ ବାଣିଜ୍ୟ ସହଯୋଗ ସମିତି ସଭାପତି ସର୍ବେଶ୍ୱର ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାସ, ଖବରଦାତା ରଞ୍ଜନ ବାଗ, ଓୟୁଜେ ଜିଲା ସଭାପତି ଗଙ୍ଗାଧର ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା




ତ୍ରିରଙ୍ଗା ଶୋଭାଯାତ୍ରାରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ଅନ୍ୟମାନେ।

**ବାଲେଶ୍ୱର, ୨୫।୫(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ରେମୁଣା ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ତରଫରୁ ଶନିବାର ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ରେମୁଣା ମନ୍ଦିର ଛକ ଠାରୁ ହାଟଆଗଣ୍ଡ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରାରେ ଜୟ ବୀର ଯବାନ, ଭାରତ ମାତା କି ଜୟ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା । ଏହି ଶୋଭାଯାତ୍ରାରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଭାରତ ସରକାର ଦୃଢ ସଂକଳ୍ପବଦ୍ଧ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେମୁଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ରେମୁଣା ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟକାରୀ ଅଧିକାରୀ କମଳ ବିହାରୀ ଦାସ, ତହସିଲଦାର ଭର୍ତ୍ତହରି ଭୂୟାଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତ୍ତମ କୁମାର ଜେନା, ଜିଲା ଭାଜପା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ପୂର୍ବତନ ସଭାପତି ଉମାକାନ୍ତ ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ନାରୀନେତ୍ରୀ ଶୋଭନା ମହାନ୍ତି, ଜିଲା ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ଯୁବମୋର୍ଚ୍ଚା ଉପସଭାପତି ନାରାୟଣ ମହନ୍ତ, ଏମ୍‌ପି ପ୍ରତିନିଧି ଉମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ରେମୁଣା ବିଧାୟକଙ୍କ ବ୍ୟକ୍ତିଗତ ସହାୟକ କୃଷ୍ଣଚନ୍ଦ୍ର ସାହା, ମଣ୍ଡଳ ସଭାପତି ମାୟାଧର ପ୍ରଧାନ, ମାନସ କୁମାର ମହାନ୍ତି, ରଘୁନାଥ ପରିଡ଼ା, ବିବେକ ବିକାଶ ରାଉତ, ପ୍ରଫୁଲ୍ଲ ଦ୍ୱିବେଦୀ, କାଉନସିଲର ଶିବଶଙ୍କର ରାୟ, ପୂର୍ବତନ ମଣ୍ଡଳ ସଭାପତି କାହ୍ନୁ ଚରଣ ବେହେରାଙ୍କ ସମେତ ବହୁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଯୋଗଦେଇ ସେନାର ପରାକ୍ରମ ପ୍ରତି ସମ୍ମାନ ଜଣାଇଥିଲେ।

## ୭୧ ୟୁନିଟ୍ ରକ୍ତ ସଂଗ୍ରହ

**ବାଲେଶ୍ୱର, ୨୫।୫(ବାଞ୍ଛାନିଧି ଦେ)**

ବାଲେଶ୍ୱର ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ଯୁବନେତା ସିମନ ଦାସ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ପୌରାଧ୍ୟକ୍ଷା ସବିତା ସାହୁ, ଅର୍ବାନ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର, ଯୁବନେତା ଭାଗବତ ସାହୁ, ଯୁବନେତା ଅସିତ ଦାସ, ସାମାଜିକ କର୍ମୀ ମନୋଜ ପୋଦାର, ସାହିରୁଲ ହକ, ଅଜୟ ସାମଲ, ଇନ୍ତେକାବ ଖାନ, ଅନିରୁଦ୍ଧ ପ୍ରଧାନ ଓ ନାରୀନେତ୍ରୀ ଆଶ୍ରିତା ତରେଇ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବ୍ଲଡ ବ୍ୟାଙ୍କ ଅଫିସର ଏବଂ ଟିମ୍‌ଙ୍କ ସହାୟତାରେ ମୋଟ୍ ୭୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଛାତ୍ରନେତା ଗଜେନ୍ଦ୍ର ନାୟକ, ଓମ୍‌ପ୍ରକାଶ ମହାପାତ୍ର, ସିମନ ସାମଲ, ସୁଶୀଲ ପଣ୍ଡା, ଚିନ୍ମୟ ମହାନ୍ତି, ହ୍ରିତିକ ନାୟକ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଆସନ୍ତା ଜୁନ୍ ୮ ତାରିଖରେ ପୁଣି ଏକ ରକ୍ତଦାନ ଶିବିର ଆୟୋଜନ ହେବ ବୋଲି ସୂଚନା ଦିଆଯାଇଛି।

## ଚନ୍ଦନକାଠ ଦାନକଲେ ଭକ୍ତ



ମନ୍ଦିରକୁ ଦାନ କରାଯାଇଥିବା ଚନ୍ଦନ କାଠ।

**ନୀଳଗିରି, ୨୫।୫(ପ୍ରଶାନ୍ତ କୁମାର ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଇଁ ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଚାଲିଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି ନୀତି ହେବା ପାଇଁ ଚନ୍ଦନ କାଠ ଆବଶ୍ୟକତା ରହିଛି। ଏହାକୁ ଆଖି ଆଗରେ ରଖି ରବିବାର ପୂର୍ବାହ୍ନରେ ନୀଳଗିରି ଅଞ୍ଚଳର ଭକ୍ତ ସଂଜୀବ କୁମାର ମହାପାତ୍ର ବାଡ଼ିରେ ଥିବା ଚନ୍ଦନ କାଠ କାଟି ଦାନ କରିଛନ୍ତି। ଠାକୁରମାହାଲ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ସୋନମ ଦାସ, ପୂଜକ ସରୋଜ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଓଜନ କରି ଚନ୍ଦନ କାଠକୁ ଠାକୁରମାହାଲରେ ରଖାଯାଇଛି।

## ଛୁଟି ଦିନରେ ଢଳେଇ କାମ

ଔପଦା, ୨୫।୫(ଧରିତ୍ରୀ ପଣ୍ଡା)- ବାଲେଶ୍ୱର ଜିଲା ଔପଦା ବ୍ଲକ ବଡ଼ପୋଖରୀ ପଞ୍ଚାୟତ ଦନ୍ତୁରୁ ସରକାରୀ ନୋଡ଼ାଲ ହାଇସ୍କୁଲର ଗାର୍ଡ ୱାଲ ଓ ସୁରକ୍ଷା ପାଚେରି ଢଳେଇ କାମ ଶନିବାର ଛୁଟି ଦିନରେ କରାଯାଉଥିବା ଦେଖିବାକୁ ମିଳିଥିଲା। କୌଣସି ସରକାରୀ କାମ ହେଲେ ସୂଚନାଫଳକ ଲାଗିବା ସହ ଢଳେଇ କାମ ଦାୟିତ୍ୱରେ ଥିବା ଯନ୍ତ୍ରୀ ଉପସ୍ଥିତ ରହିବା କଥା। ହେଲେ ସେ ଉପସ୍ଥିତ ନ ରହି ଛୁଟି ଦିନରେ ଢଳାଇ ପକାଇବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହାଇସ୍କୁଲର ଗାର୍ଡୱାଲ ନିର୍ମାଣ ପାଇଁ ପୂର୍ବରୁ ୫ ଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ ବିଭାଗ ପକ୍ଷରୁ କାମ କରିବାକୁ ବ୍ୟବସ୍ଥା ଅଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଯନ୍ତ୍ରୀ ମୋନାଲିସା ସିଂଙ୍କୁ ଯୋଗାଯୋଗ କରାଯିବାରୁ ସେ ଡାକ୍ତରଖାନାରେ ଅଛନ୍ତି, ଢଳେଇ ପଡୁଥିବା ଜାଣିଛନ୍ତି। କାମର ମାପରୁପ ଓ ଭାଗ ଦିଆଯାଉଛି। ଆଗକୁ ବର୍ଷା ଦିନ ଆସୁଥିବାରୁ କାମ କରାଯାଉଥିବା କହିଛନ୍ତି।

## ସାରନା ଧର୍ମକୋଡ ଜନଜାଗରଣ ସଭା



ସଭାରେ ଉପସ୍ଥିତ ନେତୃବୃନ୍ଦ।

ରେମୁଣା, ୨୫।୫(ରବୀନ୍ଦ୍ର ମହାକୁଡ଼): ଆଦିବାସୀ ସେଙ୍ଗେଲ ଅଭିଯାନ ରେମୁଣା ବ୍ଲକ କମିଟିର ମହିଳା ମୋର୍ଚ୍ଚା ସଭାପତି ମୀନା ମୁର୍ମୁଙ୍କ ନେତୃତ୍ୱରେ ଆଦିବାସୀଙ୍କୁ ଧାର୍ମିକ ସ୍ୱାଧୀନତା ଦେବା ପାଇଁ ରେମୁଣା ବ୍ଲକ ଦହପଡା ପଞ୍ଚାୟତ କାଶିମପୁର ଗ୍ରାମର କ୍ଲବ ଗୃହଠାରେ ସାରନା ଧର୍ମ କୋଡ ଜନଜାଗରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରିପଦା ଜୋନାଲ କମିଟିର ସେଙ୍ଗେଲ ସଭାପତି ତଥା ଓଡ଼ିଶା ପ୍ରଦେଶ ସେଙ୍ଗେଲ ପାର୍ଗାନା ନାରାନ ମୁର୍ମୁ, ବାରିପଦା ଉପଖଣ୍ଡ ସେଙ୍ଗେଲ ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମ, ବାଲେଶର ଜିଲା ସେଙ୍ଗେଲ ସଭାପତି ନିରଞ୍ଜନ ମାର୍ଣ୍ଡି, ବାଲେଶ୍ୱର ଜିଲା ସେଙ୍ଗେଲ ପାର୍ଗାନା ପ୍ରଭାକର ହାଁସଦା, ବସ୍ତା ବ୍ଲକ ସେଙ୍ଗେଲ ପାର୍ଗାନା ରତ୍ନାକର ହାଁସଦା ପ୍ରମୁଖ ଯୋଗଦେଇ ଆଦିବାସୀଙ୍କୁ ସାମାଜିକ, ଧାର୍ମିକ, ରାଜନୀତିକ ସ୍ୱାଧୀନତା ମିଳିନାହିଁ। ସମସ୍ତ ସାମ୍ବିଧାନିକ ଅଧିକାର ଥାଇ ମଧ୍ୟ ଗୁଲାମୀରେ ରଖାଯାଇଛି। ଆଦିବାସୀମାନଙ୍କୁ ସାମାଜିକ ଓ ରାଜନୀତିକ ଏକତା ଗଠନ କରି ବୃହତ ଜନଆନ୍ଦୋଳନ କରିବାକୁ କୁହାଯାଇଥିଲା। ଆଦିବାସୀ ମହିଳା ବିରୋଧୀ ମାନସିକତା ଆଦି କୁସଂସ୍କାରକୁ ସମାଜରୁ ହଟାଇବାକୁ ଶତାଧିକ ଲୋକଙ୍କୁ ଆହ୍ୱାନ ଦିଆଯାଇଥିଲା।

## ଭୂତ ଖାଉଛନ୍ତି ଭତ୍ତା

**ଆବେଦନ କରିଛନ୍ତି ୨ହଜାର ହିତାଧିକାରୀ**

**ବାହାନଗା, ୨୫।୫( ଅରୂପ୍ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ଅନିୟମିତତା ପରିଲକ୍ଷିତ ହୋଇଛି। କେଉଁ ପଞ୍ଚାୟତରେ ମୃତ ବ୍ୟକ୍ତିଙ୍କ ନାଁରେ ଭତ୍ତା ଟଙ୍କା ଉଠାଇ ନେଉଥିବା ବେଳେ ଅନ୍ୟ କେଉଁଠି ଭତ୍ତା ପାଇଁ ଦୀର୍ଘଦିନ ହେବ ଆବେଦନ କରି ବୃଦ୍ଧାବୃଦ୍ଧ ନିରାଶ ହୋଇପଡୁଛନ୍ତି। ବିଭିନ୍ନ ପଞ୍ଚାୟତରୁ ପ୍ରତିମାସରେ ୧୦ରୁ ୨୦ଜଣ ଭୂତ ହିତାଧିକାରୀ ଭତ୍ତା ପାଉଥିବା ବେଳେ ୨ହଜାରରୁ ଊର୍ଦ୍ଧ୍ୱ ଆବେଦନକାରୀ ଏଥିରୁ ବଞ୍ଚିତ ରହୁଛନ୍ତି।

ବାହାନଗା ବ୍ଲକରେ ମୋଟ୍ ୧୯ହଜାର ୩ଶହ ୮ ଜଣ ଭତ୍ତା ପାଉଛନ୍ତି । ସେମାନଙ୍କ ମଧ୍ୟରୁ ମଧୁବାବୁ ପେନସନ ଯୋଜନାରେ ୧୨ହଜାର ୭ଶହ ୯୮ଜଣ ପାଉଥିବା ବେଳେ ଜାତୀୟ ସାମାଜିକ ସହାୟକ କାର୍ଯ୍ୟକ୍ରମ (ଏନଏସ୍‌ଏପି) ମାଧ୍ୟମରେ ୬ହଜାର ୫ଶହ ୧୦ ହିତାଧିକାରୀଙ୍କ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ଯାଉଛି। ତେବେ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ପ୍ରତିମାସ ପଞ୍ଚାୟତରେ ପ୍ରଦାନ କରାଯାଉଥିବାରୁ ଗ୍ରାମଗୁଡିକରେ ଯେଉଁମାନେ ମୃତ୍ୟୁବରଣ କରୁଛନ୍ତି ସେମାନେ ଆସି ନ ପାରିବାରୁ ତାଙ୍କ ଅନୁପସ୍ଥିତିରେ ସମ୍ପର୍କୀୟମାନେ ଭତ୍ତା ଉଠାଇ ନେଉଛନ୍ତି। ଗତ ୨ବର୍ଷ ତଳେ ପ୍ରତି ପଞ୍ଚାୟତରେ ମୃତ୍ୟୁବରଣ କରିଥିବା ହିତାଧିକାରୀଙ୍କ ନାମରେ ବର୍ଷ ବର୍ଷ ଧରି ଭତ୍ତା ଉଠୁଥିବା ନେଇ ନୂତନ ସରକାରଙ୍କ ସମୟରେ ଖୋଳତାଡ ହେବାରୁ ତାହା କେତେକାଂଶରେ ଧରାପଡିଛନ୍ତି। ମାତ୍ର ଏବେବି ବିଭିନ୍ନ ପଞ୍ଚାୟତରେ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଉଠାଯାଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ଭତ୍ତା ପାଉଥିବା ବ୍ୟକ୍ତି ବା ମହିଳାଙ୍କର ମୃତ୍ୟୁ ହୋଇଥିବା ଜଣାପଡିବା ପରେ ତୁରନ୍ତ ତାଙ୍କ ଭତ୍ତାକୁ ବନ୍ଦ କରାଯାଇ ମୃତ୍ୟୁବରଣ କରିଥିବା ହିତାଧିକାରୀଙ୍କ ନାମକୁ ବାଦ୍ କରାଯାଉଛି। ଏଭଳି ପ୍ରତିମାସ ପ୍ରଶାସନ ଓ ବ୍ଲକ କର୍ମଚାରୀଙ୍କ ନଜରକୁ ଆସିବା ମାତ୍ରେ ସେଗୁଡିକୁ ଏବେ ଧରପଗଡ ପରେ ହିତାଧିକାରୀଙ୍କ ତାଲିକାରୁ କଟାଯାଉଛି। ଗତମାସ ଏଭଳି ବିଭିନ୍ନ ପଞ୍ଚାୟତରୁ ୩୦ ଜଣଙ୍କୁ ଭତ୍ତା ତାଲିକାରୁ ବାଦ୍ କରାଯାଇଛି। ତେବେ ଭତ୍ତା ପାଇବା ପାଇଁ ବାହାନଗା ବ୍ଲକ ୨୪ ପଞ୍ଚାୟତରେ ୨ହଜାରରୁ ଅଧିକ ହିତାଧିକାରୀ ଅନଲାଇନ୍‌ରେ ଆବେଦନ କରିସାରିଲେଣି। ସେମାନଙ୍କୁ ଏପର୍ଯ୍ୟନ୍ତ କୌଣସି ଭତ୍ତା ମିଳିପାରୁନାହିଁ। କରଞ୍ଜାବିନ୍ଧା ଗ୍ରାମର ମକରଧର ଜେନାଙ୍କ ବୟସ ୬୫ରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ସେ ଏପର୍ଯ୍ୟନ୍ତ ପତ୍ତା ପାଇବାରୁ ବଞ୍ଚିତ ହୋଇଛି। ଏଭଳି ଅନେକ ବୃଦ୍ଧା ବୃଦ୍ଧ ବିଭିନ୍ନ ପଞ୍ଚାୟତରେ ଅଛନ୍ତି, ସେମାନେ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି । ସେହିପର ବାହାନଗା ବ୍ଲକର ୧୧ଶହ ୩୫ ଜଣ ଭିନ୍ନକ୍ଷମ ହିତାଧିକାରୀ ସାଢେ ୩ ହଜାର ଟଙ୍କା ଲେଖାଏଁ ଭତ୍ତା ପାଉଛନ୍ତି। ଏହି ଭିନ୍ନକ୍ଷମ ସାର୍ଟିଫିକେଟରେ ଶତକଡା ୮୦ ନମ୍ବର ପାଇବା ଲାଗି ଜିଲା ସ୍ତରରେ ଦଲାଲମାନେ ସକ୍ରିୟ ହୋଇ ଜଣକ ପିଛା ୭ରୁ ୮ ହଜାର ଟଙ୍କା ମଧ୍ୟରେ ଆଦାୟ କରୁଛନ୍ତି। ଫଳରେ ପ୍ରକୃତ ଭିନ୍ନକ୍ଷମ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରଶାସନ ଯଦି କଡାକଡି ଭିନ୍ନକ୍ଷମ ସାର୍ଟିଫିକେଟ ଯାଞ୍ଚ କରନ୍ତେ ତା'ହେଲେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିପାରନ୍ତା। ଏନଏସଏପି ମାଧ୍ୟମରେ ୬୫୧୦ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ସିଧାସଳଖ ଟଙ୍କା ପଠାଯାଇଥାଏ। ଫଳରେ ଭତ୍ତା ପାଉଥିବା ହିତାଧିକାରୀଙ୍କର ମୃତ୍ୟୁ ହେଲା ପରେ କେହି ଆଉ ସେହି ବ୍ୟକ୍ତି ନାମରେ ଭତ୍ତା ଟଙ୍କା ଉଠାଇପାରିବେ ନାହିଁ। ଏଭଳି ଯଦି ମଧୁବାବୁ ପେନସନକୁ ସିଧାସଳଖ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଗଲେ, ଆଉ ଭୂତ ହିତାଧିକାରୀ ଭତ୍ତା ଆତ୍ମସାତ୍ କରିପାରନ୍ତେ ନାହିଁ। ଏ ନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଅମ୍ବିକା ପୃଷ୍ଟିଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଆମେ ବହୁଚେଷ୍ଟା କରି ଭୂତ ଖାଉଥିବା ଭତ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରିପାରିଛୁ। ଭତ୍ତା ପାଉଥିବା ହିତାଧିକାରୀଙ୍କ ମୃତ୍ୟୁ ହୋଇଥିବା ନେଇ ଖବର ମିଳୁଛି ତାହାକୁ ତୁରନ୍ତ ଆମେ କାଟିଦେଉଛୁ । ଏଭଳି ପ୍ରତିମାସ ବିଭିନ୍ନ ପଞ୍ଚାୟତରେ ମୃତ ହିତାଧିକାରୀଙ୍କ ନାମ କଟାଯାଉଛି। ଦିବ୍ୟାଙ୍ଗ ଭତ୍ତା ପାଇଁ ଏଠି କିଛି ହୁଏ ନାହିଁ ବୋଲି ପ୍ରକାଶ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିଏମ୍ ଟ୍ରଫି ଲୋଗୋ, ଜର୍ସି ଉନ୍ମୋଚିତ

## ସିଏମ୍ ଟ୍ରଫି ଦ୍ୱାରା ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ: ସୂରଜ

**ଭୁବନେଶ୍ୱର, ୨୫।୫ (ତପନ ସ୍ୱାଇଁ)**

ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଗ୍ରହ କ୍ରମେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ ସିଏମ୍ ଟ୍ରଫି ଫୁଟବଲ୍ ଚାମ୍ପିୟନଶିପ୍ ଆୟୋଜନ କରାଯାଉଛି। ରବିବାର କଳିଙ୍ଗ ଷ୍ଟାଡ଼ିୟମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସିଏମ୍ ଟ୍ରଫିର ଲୋଗୋ, ଟ୍ରଫି, ଜର୍ସି ଓ ଆନ୍ଥେମ ଉନ୍ମୋଚନ କରିଛନ୍ତି। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ଓ କ୍ରୀଡ଼ା ପ୍ରତିଭାଙ୍କୁ ବିଶ୍ୱ ସ୍ତରରେ ପହଞ୍ଚାଇବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ଲକ୍ଷ୍ୟରେ ରାଜ୍ୟରେ ପ୍ରଥମ ଥର ପାଇଁ ୧୫ ବର୍ଷରୁ କମ୍ ସିଏମ୍ ଟ୍ରଫି ଫୁଟବଲ ଚାମ୍ପିୟନଶିପ୍ ଆୟୋଜନ କରାଯାଉଛି।




ଜର୍ସି ଉନ୍ମୋଚନ ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

ସିଏମ୍ ଟ୍ରଫିର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ୧୬ରୁ ଏପ୍ରିଲ ୧୯ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାମାନଙ୍କରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଗୁଡ଼ିକରେ ଥିବା ବିଭିନ୍ନ ଫୁଟବଲ କ୍ଲବ ଅଂଶଗ୍ରହଣ କରିଥିଲେ। ସର୍ବମୋଟ୍ ୨୭୧ଟି ଫୁଟବଲ୍ କ୍ଲବ ଏବଂ ୫ ହଜାରରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ ଏଥିରେ ଭାଗ ନେଇଥିଲେ। ପ୍ରତିଯୋଗିତାର ଦ୍ୱିତୀୟ ତଥା ଜୋନାଲ ସ୍ତରୀୟ ମୁକାବିଲା ଆସନ୍ତା ୨୮ରୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବ। ଜିଲ୍ଲା ସ୍ତରରୁ ଚୟନିତ ହୋଇ ଆସିଥିବା ଦଳକୁ ୪ ଗୋଟି ଜୋନ୍ (ସମ୍ବଲପୁର, ଭୁବନେଶ୍ୱର, କେନ୍ଦୁଝର ଏବଂ ବ୍ରହ୍ମପୁର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତା ଆୟୋଜନ କରାଯିବ। ଜୋନାଲ୍ ସ୍ତରୀୟ ପ୍ରତିଯୋଗିତା ହେବା ପରେ ସିଏମ୍-ଟ୍ରଫି ଫାଇନାଲ୍ ଅନୁଷ୍ଠିତ ହେବ। ଜିଲ୍ଲାରୁ ଜୋନାଲ୍ ଏବଂ ଜୋନାଲରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତାକୁ ଆୟୋଜନ କରାଯାଉଥିବାରୁ ବାସ୍ତବରେ ତୃଣମୂଳ ସ୍ତରରୁ ଆସୁଥିବା କ୍ରୀଡ଼ାବିତମାନେ ନିଜ ପ୍ରତିଭା ପ୍ରଦର୍ଶନ ନିମନ୍ତେ ଏକ ପ୍ରକୃଷ୍ଟ ମଞ୍ଚ ପାଇପାରିବା ସହ ରାଜ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ ବୋଲି କ୍ରୀଡ଼ାମନ୍ତ୍ରୀ ସୂରଜ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ଶ୍ରୀ ବିଜୟ କୁମାର ସ୍ୱାଇଁ, ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଅଯୋଧ୍ୟାର ହନୁମାନଗଡ଼ି ମନ୍ଦିରରେ ରବିବାର ବିରାଟ କୋହଲି ଓ ଅନୁଷ୍କା ଶର୍ମା।

# ସ୍କି, ସ୍ନୋବୋର୍ଡ ଆସୋସିଏଶନ ଗଠନ ଉପରେ ରହିତାଦେଶ

**ନୂଆଦିଲ୍ଲୀ, ୨୫।୫(ପି.ଟି.)**

ଭାରତୀୟ ସ୍କି ଓ ସ୍ନୋବୋର୍ଡ ମହାସଂଘର ପରିଚାଳନା ଦାୟିତ୍ୱରେ ଥିବା ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଆଡ-ହକ କମିଟିକୁ ଦିଲ୍ଲୀ ହାଇକୋର୍ଟ ନୂଆ କ୍ରୀଡ଼ା ମହାସଂଘ ଗଠନ କରିବା ଦିଗରେ କୌଣସି ପଦକ୍ଷେପ ନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍କି ଓ ସ୍ନୋବୋର୍ଡ ଇଣ୍ଡିଆ (ଏସ୍‌ଏସ୍‌ଆଇ) ଦ୍ୱାରା ଦାଖଲ କରାଯାଇଥିବା ଆବେଦନର ଶୁଣାଣି କରି ବିଚାରପତି ସଚିନ ଦତ୍ତା କହିଛନ୍ତି ଯେ, ଆଡ-ହକ କମିଟି ନୂଆ ଜାତୀୟ ସ୍ପୋର୍ଟ୍ସ ଆସୋସିଏଶନ ଗଠନ କରିବାକୁ ଉଦ୍ୟମ କରୁଛି। ଏହା ଆଇଓଏ ଦ୍ୱାରା କମିଟିକୁ ଦିଆଯାଇଥିବା ଅଧିକାର ବାହାରେ। ଏଥିଯୋଗୁ ଜୁଲାଇ ୮ ତାରିଖରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ରହିତାଦେଶ ଜାରି କରାଯାଇଛି।

ଆଡ୍ ହକ କମିଟି ପକ୍ଷରୁ ଗତ ୬ ତାରିଖରେ ସ୍ୱୀକୃତିପ୍ରାପ୍ତ ରାଜ୍ୟ ଆସୋସିଏଶନକୁ ନୂଆ ନ୍ୟାଶନାଲ ସ୍ପୋର୍ଟ୍ସ ଆସୋସିଏଶନ (ଏନ୍‌ଏସ୍‌ଏ)ରେ ପଞ୍ଜୀକରଣ ଓ ନିର୍ବାଚନ ପାଇଁ ପ୍ରଥମ ସାଧାରଣ ବୈଠକ ଲାଗି ନୋଟିସ ଜାରି କରାଯାଇଥିଲା। ଏହି ନୋଟିସକୁ ବିରୋଧ କରି ଏସ୍‌ଏସ୍‌ଆଇ ପକ୍ଷରୁ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରାଯାଇଥିଲା। ଗତ ୨୩ ତାରିଖରେ କୋର୍ଟ ଆଇଓଏର ପକ୍ଷ ରଖୁଥିବା ଓକିଲଙ୍କୁ ନୂଆ ଆସୋସିଏଶନ ଗଠନ ଦିଗରେ କାର୍ଯ୍ୟ କରିବା ପାଇଁ ଆଇଓଏ କିମ୍ବା ଏହାର ଆଡ୍-ହକ କମିଟିକୁ ଅଧିକାର ଦିଆଯିବା ଲାଗି ଆଇଓଏ ସମ୍ବିଧାନରେ ନିୟମ ଅଛି କି ନାହିଁ, ଜାଣିବା ପାଇଁ ସମୟ ଦେଇଥିଲେ। ଏ ସଂକ୍ରାନ୍ତରେ ଆଇଓଏ ଓ କେନ୍ଦ୍ରଠାରୁ କୋର୍ଟ ଉତ୍ତର ମାଗିଥିଲେ।

ଏହି ମାମଲାରେ କେବଳ ଆଡ-ହକ କମିଟି ଗଠନ କରାଯାଇ ନାହିଁ। ଆଡ-ହକ୍ କମିଟି ଏକ ନୂଆ ଏନ୍‌ଏସ୍‌ଏ ଗଠନ କରିବାକୁ ଚେଷ୍ଟା କରୁଛି, ଯାହାକି ନିୟମ ବାହାରେ।

# ନୋରିସ ଜିତିଲେ ମୋନାକୋ ଗ୍ରାଁ ପ୍ରି

**ମୋନାକୋ, ୨୫।୫ (ଏପି)**

ଲାଣ୍ଡୋ ନୋରିସ ଏଠାରେ ରବିବାର ମୋନାକୋ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ବିଜେତା ହୋଇଛନ୍ତି। ଫଳରେ ଫର୍ମୁଲା ୱାନ ଷ୍ଟାଣ୍ଡିଂରେ ତାଙ୍କ ଟିମ୍‌ମେଟ ଓସ୍କାର ପିଆଷ୍ଟ୍ରିଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ହ୍ରାସ ପାଇଛି। ପ୍ରଥମ କର୍ନରେ ପୋଲ୍ ପୋଜିଶନରୁ ଆରମ୍ଭ କରିଥିବା ନୋରିସଙ୍କ ଚକାରେ ସାମାନ୍ୟ ସମସ୍ୟା ଦେଖା ଦେଇଥିଲା। ଏହା ସତ୍ତ୍ୱେ ଗତବର୍ଷର ବିଜେତା ଫେରାରିର ଚାର୍ଲ୍ସ ଲେକ୍‌ରେକ୍‌ଙ୍କୁ ରୋକିବାରେ ସେ ସମର୍ଥ ହୋଇଥିଲେ। ସିଜନ ଓପନିଂ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ପରେ ନୋରିସଙ୍କର ଏହା ହେଉଛି ପ୍ରଥମ ଗ୍ରାଁ ପ୍ରି ବିଜୟ। ଚଳିତ ମାସରେ ସେ ଯଦିଓ ଗୋଟିଏ ହେଲେ ସ୍ପ୍ରିଣ୍ଟ ରେସ୍ ଜିତିପାରି ନାହାନ୍ତି, ସେ ପିଆଷ୍ଟ୍ରିଙ୍କ ଅଗ୍ରଣୀ ବ୍ୟବଧାନ ୧୩ରୁ ୩କୁ ହ୍ରାସ କରିପାରିଛନ୍ତି। ରେସ୍‌ରେ ଲେକ୍‌ରେକ୍ ବିଳମ୍ବରେ ନୋରିସଙ୍କ ନିକଟବର୍ତ୍ତୀ ହୋଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ପିଆଷ୍ଟ୍ରି ତୃତୀୟ ଏବଂ ଗତଥରର ଚାମ୍ପିୟନ ମାକ୍ସ ଭର୍ଷ୍ଟାପେନ୍ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ୫ମରୁ ୧୦ମ ସ୍ଥାନରେ ରହିଥିବା ଡ୍ରାଇଭରମାନେ ଯଥାକ୍ରମେ ହେଲେ ଲୁଇସ୍ ହାମିଲଟନ (ଫେରାରି), ଇସାକ୍ ହାଜାର (ଆର୍‌ବି), ଏଷ୍ଟିବାନ ଓକନ (ହାସ୍), ଲିଆମ ଲସନ (ଆର୍‌ବି), ଆଲେକ୍ସ ଆଲବନ (ୱିଲିୟମ୍ସ) ଓ କାର୍ଲୋସ ସେଞ୍ଜ (ୱିଲିୟମ୍ସ)।

# ବ୍ରୋଞ୍ଜ ପରେ ଅନୁପମାଙ୍କୁ ରୌପ୍ୟ

**ଭୁବନେଶ୍ୱର, ୨୫।୫ (ତପନ ସ୍ୱାଇଁ)**

ଜୋର୍ଡାନରେ ଚାଲିଥିବା ୯ମ ଏସୀୟ ସିନିୟର ଜୁ ଜିତ୍‌ସୁ ପ୍ରତିଯୋଗିତାରେ ଓଡ଼ିଶାର ଅନୁପମା ସ୍ୱାଇଁ ଦ୍ୱିତୀୟ ପଦକ ହାସଲ କରିଛନ୍ତି। ପୂର୍ବରୁ ୫୨ କେଜି ମହିଳା ଫାଇଟିଂରେ ବ୍ରୋଞ୍ଜ ପଦକ ଜିତିଥିବା ଅନୁପମା ରବିବାର କଣ୍ଟାକ୍ଟ ଇଭେଣ୍ଟରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ଚଳିତ ପ୍ରତିଯୋଗିତାରେ ଏହାଥିଲା ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ପଦକ। ଏହାକୁ ମିଶାଇ ଅନୁପମା ଏସୀୟ ପ୍ରତିଯୋଗିତାରେ କ୍ରମାଗତ ୬ଷ୍ଠ ପଦକ ହାସଲ କରିଛନ୍ତି। ଗତ ୪ଟି ଏସୀୟ ଜୁ ଜିତ୍‌ସୁ ପ୍ରତିଯୋଗିତାରେ କ୍ରମାଗତ ଭାବେ ପଦକ ବିଜୟୀ ଦେଶର ୧ ନମ୍ବର ଜୁ ଜିତ୍‌ସୁ ଖେଳାଳି ଅନୁପମା ଆଗକୁ ମହିଳା ୫୨ କେଜି ନି-ୱାଜା ଇଭେଣ୍ଟରେ ଅଂଶଗ୍ରହଣ କରିବେ।

# ଦ୍ୱିତୀୟ ରାଉଣ୍ଡରେ ସାବାଲେଙ୍କା, ଝେଙ୍ଗ

**ପ୍ୟାରିସ, ୨୫।୫**

ଟେନିସ ସିଜନର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ ରବିବାରଠାରୁ ଆରମ୍ଭ ହୋଇଯାଇଛି। ୱାର୍ଲ୍ଡ ନଂ-୧ ମହିଳା ସିଙ୍ଗଲ୍ସ ଖେଳାଳି ଆରିନା ସାବାଲେଙ୍କା ଓ ଅଷ୍ଟମ ସିଡ୍ କ୍ୱିନୱେନ ଝେଙ୍ଗ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ୱିମ୍ବଲଡନ ଚାମ୍ପିୟନ ପେଟ୍ରା କ୍ୱିଟୋଭା ପରାଜୟ ସହ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି।

ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ସାବାଲେଙ୍କା ୬-୧, ୬-୦ ସିଧାସଳଖ ସେଟରେ କାମିଲା ରଖିମୋଭାଙ୍କୁ ପରାସ୍ତ କରିଛନ୍ତି। ଚୀନର ଝେଙ୍ଗ ୬-୪, ୬-୩ ସେଟ୍‌ରେ ଆନାସ୍ତାସିଆ ପାଭ୍ଲ୍ୟୁଚେଙ୍କୋଭାଙ୍କୁ ହରାଇଛନ୍ତି। ୧୩ତମ ସିଡ୍ ଏଲିନା ଭିଟୋଲିନା ୬-୧, ୬-୧ ସେଟରେ ଜେନେପ ସନମେଜଙ୍କୁ ପରାସ୍ତ କରିଛନ୍ତି। ସେହିଭଳି କାନାଡାର ଟିନ ଏଜ ଖେଳାଳି ଭିକ୍ଟୋରିଆ ଏମ୍‌ବୋକୋ ୬-୧, ୭-୬(୭-୪) ସେଟରେ ଲୁଲୁ ସୁନଙ୍କୁ ହରାଇଛନ୍ତି। ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଏହା ଏମ୍‌ବୋକୋଙ୍କ ପ୍ରଥମ ବିଜୟ। ୧୧ତମ ସିଡ୍ ଡାଏନା ସ୍ନାଇଡର ୭-୬(୭-୩), ୬-୨ ସେଟରେ ଆନାସ୍ତାସିଆ କନଷ୍ଟାଣ୍ଟିନୋଭନା ସୋବୋଲେଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ଅନ୍ୟପକ୍ଷରେ ୩୫ ବର୍ଷୀୟା କ୍ୱିଟୋଭା ୬-୩, ୦-୬, ୪-୬ ସେଟରେ ଭିକ୍ଟୋରିଜା ଗଲୁବିକଙ୍କଠାରୁ ପରାସ୍ତ ହୋଇଛନ୍ତି।

# ଭୁବନେଶ୍ୱର ସ୍କୁଲ୍ସ ଚେସ୍: ସତ୍ୟମ ବିଜେତା



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୫।୫ (ତପନ ସ୍ୱାଇଁ)**

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ରବିବାର ଆୟୋଜିତ ଭୁବନେଶ୍ୱର ସ୍କୁଲ୍ସ ଚେସ୍‌ରେ ସତ୍ୟମ ସ୍ୱରୂପ ସାହୁ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡରୁ ସେ ୪.୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପ୍ରୀତମ ହୋତା, ଆରିଶ ନନ୍ଦ ଗୋସ୍ୱାମୀ, ନିରେକ ପରିଡ଼ା ଓ ସ୍ୱସ୍ତିକ ତ୍ରିପାଠୀ ୪ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୪ ସ୍ଥାନରେ ରହିଛନ୍ତି। ବିଭିନ୍ନ ବୟସ ବର୍ଗ ଓ ବାଳିକା ବିଭାଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଟାଟା ଷ୍ଟିଲ୍‌ର ସିନିୟର ଏରିଆ ମ୍ୟାନେଜର ସୁଶାନ୍ତ ରଥ ଓ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।

# ଆର୍‌ସିବିରେ ଯୋଗଦେଲେ ହାଜେଲ୍‌ଉଡ୍

**ଲକ୍ଷ୍ନୌ, ୨୫।୫ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପ୍ଲେ-ଅଫ୍ ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ସହ ଯୋଗଦେଇଛନ୍ତି ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ଜୋଶ ହାଜେଲ୍‌ଉଡ୍। ଆର୍‌ସିବି ଏହାର ଫାଇନାଲ ଲିଗ୍ ମ୍ୟାଚ ଏଠାରେ ମଙ୍ଗଳବାର ଖେଳିବ। ଏହାର ଦୁଇଦିନ ପୂର୍ବରୁ ହାଜେଲଉଡ୍ ଦଳରେ ଆସି ଯୋଗଦେଇଛନ୍ତି। ଭାରତ-ପାକିସ୍ତାନ ସାମରିକ ବିବାଦ ଯୋଗୁ ଆଇପିଏଲ୍‌କୁ ସାମୟିକ ସ୍ଥଗିତ ରଖାଯାଇଥିଲା। ହାଜେଲ୍‌ଉଡ୍ ଏକ ସପ୍ତାହ ଛୁଟିରେ ନିଜ ଦେଶକୁ ଫେରିଯାଇଥିଲେ। ଏହି ଡାହାଣହାତୀ ପେସ୍ ବୋଲରଙ୍କ କାନ୍ଧରେ ମଧ୍ୟ ସମସ୍ୟା ଥିଲା। ଅଷ୍ଟ୍ରେଲିଆରେ ସେ ତାହାର ଆଶୁ ଚିକିତ୍ସା ମଧ୍ୟ କରାଇଥିଲେ। ଏହି ୩୪ବର୍ଷୀୟ ବୋଲର ବ୍ରିସ୍‌ବେନ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପାଇଁ ପ୍ରସ୍ତୁତ ହେଉଥିବା ଅଷ୍ଟ୍ରେଲିଆ ଦଳ ସହିତ ଟ୍ରେନିଂ ନେଇଥିଲେ। କ୍ରିକେଟ ଅଷ୍ଟ୍ରେଲିଆର ମେଡିକାଲ ଟିମ୍ ତାଙ୍କ ଉପରେ ନଜର ରଖିଥିଲା। ଆର୍‌ସିବି କ୍ୟାମ୍ପ ମଧ୍ୟ ହାଜେଲଉଡ୍‌ଙ୍କ ଅଗ୍ରଗତି ଉପରେ ଲକ୍ଷ୍ୟ ରଖିଛି। ଚଳିତ ଆଇପିଏଲ୍‌ରେ ଏହି ଅଷ୍ଟ୍ରେଲୀୟ କ୍ରିକେଟର ଆର୍‌ସିବିର ଶ୍ରେଷ୍ଠ ବୋଲର ରହିଛନ୍ତି। ସେ ୧୦ମ୍ୟାଚରେ ୧୮ଉଇକେଟ ଅକ୍ତିଆର କରିଛନ୍ତି। ବର୍ତ୍ତମାନ ସେ ପ୍ରତିଯୋଗିତାରେ ୪ର୍ଥ ସର୍ବାଧିକ ଉଇକେଟ ହାସଲକାରୀ ବୋଲର। ପ୍ଲେ-ଅଫ୍‌ରେ ସ୍ଥାନ ସୁରକ୍ଷିତ କରିସାରିଥିବା ଆର୍‌ସିବି ମଙ୍ଗଳବାର ଏହାର ଅନ୍ତିମ ଆଇପିଏଲ ଲିଗ୍ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ଭେଟିବ। ଆର୍‌ସିବି ଏହାର ଗତ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦଠାରୁ ୪୨ ରନ୍‌ରେ ପରାଜିତ ହେବାପରେ ଟପ୍-୨ ଫିନିଶ ପାଇଁ ଏହାକୁ ଅନ୍ୟ ଫଳାଫଳ ଉପରେ ନିର୍ଭର କରିବାକୁ ପଡ଼ିବ।


# Classified Everyday
0674-2580101, 9692975378



REAL ESTATE




**AFFIDAVIT**

By virtue of an affidavit before Executive Magistrate, Bhubaneswar, I, Sujit Kumar Sahoo, aged 20yrs, S/o- Sanjaya Kumar Sahoo, Vill- Arakata, P.O.- Kapasi, P.S.- Niali, Dist.- Cuttack, PIN- 754004 have changed my name from "Sujit Sahoo" to "Sujit Kumar Sahoo", and my date of birth is 11.03.2005 and also my father's name is Sanjaya Kumar Sahoo. D-76462

**SALE**

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

ନଖରାଛକରୁ **6K.M.** ବ୍ରାହ୍ମଣଝରିଲୋରେ ଘରବାରି **boundary plot sale, 1500sqft. 30,00,000/-. 7978947520.** D-76272

Newly open Jyoti SPA positively health benefits (Expert therapist). 8458067955. D-76914

**Relax, Refresh your body, Mind at Saikrupa Spa with best therapies. 7848011468.** D-568

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଓଡ଼ିଶାର କଳିଙ୍ଗ ୱାରିୟର୍ସ ଚାମ୍ପିୟନ

**ଭୁବନେଶ୍ୱର, ୨୫।୫ (ତପନ ସ୍ୱାଇଁ)**

ଗୁଆହାଟୀରେ ଅନୁଷ୍ଠିତ ଆସାମ ଚେସ୍ ପ୍ରିମିୟର ଲିଗ୍‌ରେ ଓଡ଼ିଶାଭିତ୍ତିକ ଦଳ କଳିଙ୍ଗ ୱାରିୟର୍ସ ଚାମ୍ପିୟନ ହୋଇଛି। ଅଲ୍ ଆସାମ ଚେସ୍ ଆସୋସିଏଶନ ଓ ଆସାମ ସରକାରଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ୨ ଦିନିଆ ପ୍ରତିଯୋଗିତାରେ କଳିଙ୍ଗ ୱାରିୟର୍ସ ୭ ରାଉଣ୍ଡରୁ ୫.୫ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଛି। ଆକ୍ରୋମ ରିହିନୋଜ ଚେକ୍‌ମେଟ୍ସ ୫ ପଏଣ୍ଟ ପାଇ

## ଆସାମ ଚେସ୍ ପ୍ରିମିୟର ଲିଗ୍

ଦ୍ୱିତୀୟ ଓ ରାଞ୍ଚି କ୍ୟାପିଟାଲ୍ସ ୪.୫ ପଏଣ୍ଟ ସହ ତୃତୀୟ ସ୍ଥାନ ଅଧିକାର କରିଛି। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ସାଭୟ ଚେକ୍‌ମେଟ୍ସ ୪, ନାଇଟ ମୁଭର୍ସ ୪, ଏଡୁ ହବ୍ ଚେକ୍‌ମେଟ୍ସ ୨, ବିଟିଆର ୱାରିୟର୍ସ ୧.୫ ଓ ୧.୫ ପଏଣ୍ଟ ପାଇ ପଛକୁ ପଛ ରହିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଦଳ ୭ ମ୍ୟାଚରୁ ୫ ବିଜୟ, ୧ ଡ୍ର ଓ ୧ ପରାଜୟ ସହ ଅଭିଯାନ ଶେଷ କରିଥିଲା। କଳିଙ୍ଗ ୱାରିୟର୍ସ ଦଳରେ ଗ୍ରାଣ୍ଡମାଷ୍ଟର ଅଙ୍କିତ ଆର. ରାଜପରା, ଅମିୟ ଗୁପ୍ତା, ହର୍ଷିତ ରଞ୍ଜନ ସାହୁ, ଅମ୍ଳାନ ମହନ୍ତ, ରାଜେଶ କୁମାର ନାୟକ, ମୃଣ୍ମୟ ରାଜଖୋୱା, ରିତିଶା ଏମ. ରାଜବଂଶୀ ସାମିଲ ଥିଲେ। ସୁବଳ ଭୌମିକ ଦଳର ମେଣ୍ଟର ଥିଲେ। ଅକ୍ସନ ସମୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ୧,୩୨,୦୦୦ ଟଙ୍କାରେ ଏହି ଦଳ କିଣିଥିଲା। ଟୁର୍ନାମେଣ୍ଟ ସମୟରେ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, ଉପସଭାପତି ଶଙ୍କର ପ୍ରସାଦ ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ଅଭିଷେକ ଆଚାର୍ଯ୍ୟ ଏବଂ ଟ୍ରିପଲ ସି' କ୍ଲବର ସମ୍ପାଦକ ବିରଞ୍ଚି ସାହୁ ପ୍ରମୁଖ ଆସାମରେ ଉପସ୍ଥିତ ଥିଲେ।




ଟ୍ରଫି ଗ୍ରହଣ ଅବସରରେ ଅତିଥିଙ୍କ ସହ ଚାମ୍ପିୟନ କଳିଙ୍ଗ ୱାରିୟର୍ସ ଦଳର ଖେଳାଳିମାନେ।

# ଖରାଦିନେ ଥଣ୍ଡା ରହିବାର ପାରମ୍ପରିକ ଉପାୟ



ନିକୁଞ୍ଜ ବିହାରୀ ସାହୁ

"ମାଟି ପାତ୍ର ଯେପରି ସୁରେଇ, ମାଠିଆ କିମ୍ବା ଘୁମରେ ଥିବା ପାଣି ପିଇବା ଉଚିତ। ଏଭଳି ପାତ୍ରର ପାଣି ଧାତବ ପାତ୍ରର ପାଣିଠାରୁ ଥଣ୍ଡା, କାଲୁଆ ଓ ଆରାମଦାୟକ ହୋଇଥାଏ। ମାଟିପାତ୍ରର ଅସଂଖ୍ୟ କ୍ଷୁଦ୍ର ଛିଦ୍ର ଦେଇ ଜଳ ପଦାକୁ ଝରି ଆସେ, ଯାହା ସମୟକ୍ରମେ ପାତ୍ରରୁ ତାପ ସଂଗ୍ରହ କରି ବାଷ୍ପ ହୋଇ ଚାଲିଯାଏ। ଏହି କ୍ରମାଗତ ବାଷ୍ପୀଭବନ ପ୍ରକ୍ରିୟା ଦ୍ୱାରା ହିଁ ପାତ୍ରରେ ଥିବା ଜଳ ଥଣ୍ଡା ଓ ସୁଶୀତଳ ରହିଥାଏ।"



ଋତୁଚକ୍ରର ପଟ ପରିବର୍ତ୍ତନରେ ଗ୍ରୀଷ୍ମ ଋତୁ ଆମ ପୁରପଲ୍ଲୀରେ ଏକ ଅନନ୍ୟ ଆଗମନୀ। ଧୂସର ଧରଣୀ, ଥୁଣ୍ଟା ବରଗଛ, ମଧ୍ୟାହ୍ନର ଅହେତୁକ ନୀରବତା, ଝିଙ୍କାରୀ କଣ୍ଠର କରୁଣ ବିଳାପ, ଗାଁ ତୋଟାର ସୁଶୀତଳ ଛାଇ, ପାଚିଲା ଆମ୍ବର ବାସ୍ନା, ଗାଁ ପୋଖରୀରେ ସାହି ପିଲାଙ୍କ ବୁଡ଼ାବୁଡ଼ି ଖେଳ, ସନ୍ଧ୍ୟାବେଳକୁ ନଦୀକୂଳର ମନଛୁଆଁ ପବନ ଓ ବିଳମ୍ବିତ ରାତ୍ରି ଯାଏ ଗାଁମୁଣ୍ଡ ଖୋଲା ସ୍ଥାନରେ ଲୋକଙ୍କ ଏକାଠି ମେଳ ଇତ୍ୟାଦି ଘଟଣାର ସ୍ମୃତି ଏବେବି ଆମ ଗ୍ରାମ୍ୟ ଜୀବନରେ ଉଜ୍ଜୀବିତ। ମାତ୍ର ଘୋର ପରିତାପର ବିଷୟ ଯେ, ପୂର୍ବର ସେ ମୃଦୁ ମଧୁର ଗ୍ରୀଷ୍ମଋତୁ ଏବେ ଆଉ ନାହିଁ। ଏବେ ଆରମ୍ଭ ହୋଇଛି ଏକ ଉତ୍ତପ୍ତ ଓ ଦାରୁଣ ଗ୍ରୀଷ୍ମଋତୁ। ପ୍ରାୟ ୪୫ ଡିଗ୍ରୀ ପାଖାପାଖି ତାପମାତ୍ରା, ପ୍ରଚଣ୍ଡ ଗରମ, ଗୁଳୁଗୁଳି, ଅଂଶୁଘାତ ଓ ଖାଞ୍ଜି ପବନରେ ଅତିଷ୍ଠ ଆଜିର ସାଧାରଣ ଜନଜୀବନ। ଗରମରୁ ରକ୍ଷା ପାଇବା ପାଇଁ ଯେତେ ଯାହା କଲେ ସୁଦ୍ଧା ଫଳ ମିଳୁ ନାହିଁ। ଆମେ ଏଠାରେ ଆମ ଗାଁଗହଳିରେ ପ୍ରଚଳିତ ଖରାଦିନେ ଥଣ୍ଡା ରହିବାର କିଛି ସରଳ ଓ ପାରମ୍ପରିକ ପଦ୍ଧତି ଉପରେ ଆଲୋଚନା କରିବା :

⏭ ଖରାଦିନେ ମାଟି କାନ୍ଥ ଓ ନଡ଼ା ଛପର ଘରେ ବାସ କରିବା ଆରାମଦାୟକ। ମାଟି ଓ ନଡ଼ା ତାପର ଭଲ କୁପରିବାହୀ ପଦାର୍ଥ ହୋଇଥିବାରୁ ଏହାକୁ ଭେଦ କରି ବାହାରର ତାପ ସହଜରେ ଘର ଭିତରେ ପ୍ରବେଶ କରିପାରେ ନହିଁ। ସୁତରାଂ ଏଭଳି ଘର ଖରାଦିନେ ବେଶ୍ ଥଣ୍ଡା ଓ ଆରାମଦାୟକ ଜଣାପଡ଼େ। ଅନ୍ୟପକ୍ଷରେ ଟିଣ, ଆଜବେଷ୍ଟସ କିମ୍ବା କଂକ୍ରିଟରେ ତିଆରି କୋଠାଘର ତାପର ଭଲ ସୁପରିବାହୀ ପଦାର୍ଥ ହୋଇଥିବାରୁ ଏଭଳି ଘର ଖରାଦିନେ ଗରମ ଓ ଅସ୍ୱସ୍ତିକର ଜଣାପଡ଼େ।

⏭ ଘରର ମୁଖ୍ୟ ଛାତ ତଳେ ବାଉଁଶବତା, ମାଟି, କାଠପଟା କିମ୍ବା ଥର୍ମୋକଲ ଭଳି ପଦାର୍ଥରେ ଅନ୍ୟ ଏକ ଛାତ (ଆଟୁ) ନିର୍ମାଣ କରିବା ଉଚିତ। ଏହାଦ୍ୱାରା ଛାତ ଦେଇ ପ୍ରବେଶ କରୁଥିବା ତାପ ପ୍ରତିହତ ହୋଇ ଘରଟା ଟିକିଏ ଥଣ୍ଡା ଜଣାପଡ଼େ।

⏭ ଖରା ସାମାନ୍ୟ ଟାଣ ହେବା ମାତ୍ରେ ଘରର କବାଟ, ଝରକା ସବୁ ବନ୍ଦ କରିଦେବା ଉଚିତ। ଘରର ଫାଙ୍କ ସ୍ଥାନ ସବୁ ଅଖାରେ ବୁଜି ଦେବା ଆବଶ୍ୟକ। ଏହାଦ୍ୱାରା ବାହାରର ବିକିରିତ ତାପରଶ୍ମି ଘର ଭିତରକୁ ପ୍ରବେଶ କରିପାରେ ନାହିଁ। ଘର ଭିତରେ ବାୟୁ ସଞ୍ଚାଳନ ପାଇଁ ପଙ୍ଖା ଚଳେଇବା ଉଚିତ। ଖଟ, ଗଦି, ମଶିଣା, ବେଡ୍‌ସିଟ୍ ଆଦି ତାପର କୁପରିବାହୀ ବସ୍ତୁ ହୋଇଥିବାରୁ ଏସବୁ ସାମଗ୍ରୀ ବ୍ୟବହାର କଲେ ଶରୀରର ତାପ ସହଜରେ ବାହାରକୁ ସ୍ଥାନାନ୍ତରିତ ହୋଇପାରେ ନାହିଁ। ସୁତରାଂ ଖରାଦିନେ, ଏସବୁର ବ୍ୟବହାର ନ କରି ସିଧାସଳଖ ଭୂଇଁ ଉପରେ ଶୋଇଯିବା ଭଲ। ଏହାଦ୍ୱାରା ଶରୀରର ତାପ ଭୂଇଁକୁ ସ୍ଥାନାନ୍ତରିତ ହେବାରୁ ଥଣ୍ଡା ଓ ଆରାମ ଲଗେ।

⏭ ମାଟିପାତ୍ର ଯେପରି ସୁରେଇ, ମାଠିଆ କିମ୍ବା ଘୁମରେ ଥିବା ପାଣି ପିଇବା ଉଚିତ। ଏଭଳି ପାତ୍ରର ପାଣି ଧାତବ ପାତ୍ରର ପାଣିଠାରୁ ଥଣ୍ଡା, କାଲୁଆ ଓ ଆରାମଦାୟକ ହୋଇଥାଏ। ମାଟିପାତ୍ରର ଅସଂଖ୍ୟ କ୍ଷୁଦ୍ର ଛିଦ୍ର ଦେଇ ଜଳ ପଦାକୁ ଝରି ଆସେ, ଯାହା ସମୟକ୍ରମେ ପାତ୍ରରୁ ତାପ ସଂଗ୍ରହ କରି ବାଷ୍ପ ହୋଇ ଚାଲିଯାଏ। ଏହି କ୍ରମାଗତ ବାଷ୍ପୀଭବନ ପ୍ରକ୍ରିୟା ଦ୍ୱାରା ହିଁ ପାତ୍ରରେ ଥିବା ଜଳ ଥଣ୍ଡା ଓ ସୁଶୀତଳ ରହିଥାଏ। ଖରାଦିନେ ଫିଲ୍ଟରରୁ ପରିଷ୍କୃତ ପାଣି ନେଇ ମାଟି ପାତ୍ରରେ ଥଣ୍ଡା କରି ପିଇବା ଉଚିତ। ଖରାଦିନେ ଜଳୀୟ ଅଂଶଯୁକ୍ତ ଖାଦ୍ୟ ଯେପରି ପଖାଳଭାତ, କାକୁଡ଼ି, ତରଭୁଜ, ଦହିପାଣି, ତାଳସଜ ଇତ୍ୟାଦି ଖାଇବା ଦରକାର। ଏହାଦ୍ୱାରା ଶରୀରର ଜଳୀୟ ପରିମାଣ ବୃଦ୍ଧି ପାଇଥାଏ। ସମୟକ୍ରମେ ଏହି ଜଳୀୟ ଅଂଶ ଝାଳ ରୂପରେ ପଦାକୁ ନିଷ୍କ୍ରାନ୍ତ ହୁଏ। ଏହି ଝାଳର ବାଷ୍ପୀଭବନ ପ୍ରକ୍ରିୟା ଯୋଗୁ ହିଁ ଶୀତଳତା ସୃଷ୍ଟି ହୁଏ।

⏭ ଅଧିକ ଗରମ ଲାଗିଲେ ଦେହରେ ପାଣି ବୋଳି ହୋଇ ପଙ୍ଖା ପବନରେ ଦଣ୍ଡେ ବସିଯିବା ଉଚିତ। ଏହାଦ୍ୱାରା ଶରୀରରୁ ପାଣିର ଦ୍ରୁତ ବାଷ୍ପୀଭବନ ଘଟି ଅଧିକ ଶୀତଳତା ସୃଷ୍ଟି ହୁଏ। ଚିକ୍କଣ ଧଳା ରଙ୍ଗ ମଳିନ କଳାରଙ୍ଗ ତୁଳନାରେ କମ୍ ତାପ ଶୋଷଣ କରିଥାଏ। ସୁତରାଂ ଖରାଦିନେ ରଙ୍ଗ ବେରଙ୍ଗର ପୋଷାକ ପରିବର୍ତ୍ତେ ଧଳା ରଙ୍ଗର ପତଳା, ଚିକ୍କଣ ଓ ସଫା ପୋଷକ (ଯେପରି ଧୋତି) ପରିଧାନ କରିବା ଉଚିତ। ପୁନଶ୍ଚ, ଘର ଭିତରେ ପଶୁଥିବା ତାପରଶ୍ମିକୁ ପ୍ରତିହତ କରିବା ପାଇଁ ଘର ବାହାର ପଟ କାନ୍ଥରେ ଚିକ୍କଣ ଧଳା ରଙ୍ଗ (ଯେପରି ଏନାମେଲ ରଙ୍ଗ) ବୋଳିଦେବା ଉଚିତ।

⏭ ଖରାଦିନେ ମାତ୍ର ଗୋଟିଏ ଓଳି ରୋଷେଇ କରି ଶୀଘ୍ର ତାପର ଉତ୍ସ ନିଆଁକୁ ଲିଭେଇ ଦେବା ଉଚିତ। ସେହି ଭାତକୁ ପଖାଳ କରି ଦିନସାରା ଖାଇବା ଭଲ।


⏭ ଘର ଭିତରେ ପଶୁଥିବା ବିକିରିତ ତାପରଶ୍ମିକୁ ପ୍ରତିହତ କରିବା ନିମନ୍ତେ ଅଗଣାରେ ଓଦା ଅଖା କିମ୍ବା ବେଣାଚେରରେ ତିଆରି ମଶିଣା ଟାଙ୍ଗି ସେଥିରେ ସମୟ ସମୟରେ ପାଣି ସିଞ୍ଚନ କରିବା ଉଚିତ। ତାପ କୌଣସି ପଦାର୍ଥ ମଧ୍ୟରେ ତରଙ୍ଗ ରୂପରେ ସ୍ଥାନାନ୍ତରିତ ହୋଇଥାଏ। କଂକ୍ରିଟ ମଧ୍ୟରେ ଏହି ତରଙ୍ଗର ଗତି ବାସ୍ତବ ପକ୍ଷରେ ଅତି ମନ୍ଥର ହୋଇଥିବାରୁ ଦିନବେଳେ ଗୃହୀତ ତାପ କୋଠାଘରର କଂକ୍ରିଟ ଛାତ ଭେଦକରି ରାତି ସମୟରେ ଘର ଭିତରେ ପ୍ରବେଶ କରିଥାଏ। ଫଳରେ ରାତିବେଳେ ଏଭଳି ଘରେ ଶୀତଳତା ନିମନ୍ତେ ଯେତେ ଯାହା କଲେ ସୁଦ୍ଧା ଥଣ୍ଡା ମିଳେ ନାହିଁ। ଏଭଳି ଗରମରୁ ରକ୍ଷା ପାଇବା ପାଇଁ କେତେକ ରାତି ସମୟରେ ଘର ଭିତରେ ନ ଶୋଇ ପଦାରେ ଶୋଇଯିବାକୁ ପସନ୍ଦ କରିଥାଆନ୍ତି।

⏭ ଗଛ ବିକିରିତ ତାପରଶ୍ମିକୁ ଶୋଷି ନେଉଥିବାରୁ ଘର ଚାରିପଟେ ଛାୟାପ୍ରଦ, ଝଙ୍କାଳିଆ ଗଛ ଲଗାଇବା ଭଲ।

ଶୀତଳତା ଆହରଣ ନିମନ୍ତେ ଏହିସବୁ ଉପାୟ ନିଶ୍ଚିତ, ଶସ୍ତା, ସୁଲଭ ତଥା ପାରମ୍ପରିକ ଭାବେ ଆମର ଅତି ପ୍ରିୟ। ଏସବୁ ପଦ୍ଧତି ମଧ୍ୟ ବିଜ୍ଞାନସମ୍ମତ, ପରିବେଶପ୍ରିୟ ଓ ପ୍ରଦୂଷଣ ବିହୀନ। ଏବେ ଶୀତଳତା ସୃଷ୍ଟି ନିମନ୍ତେ ଫ୍ରିଜ୍, କୁଲର୍, ଏସି ଆଦି ଅନେକ କୃତ୍ରିମ ଉପକରଣ ଉପଲବ୍ଧ ହୋଇଥିଲେ ହେଁ ସେଥିରୁ ଆହରିତ ଶୀତଳତା ବାସ୍ତବପକ୍ଷରେ ଥଣ୍ଡା ସୃଷ୍ଟି କରେ ନାହିଁ। ଏସବୁ ଉପକରଣ କେବଳ ଗୋଟିଏ ଜାଗାରୁ ଥଣ୍ଡା କାଢ଼ି ନେଇ ଅନ୍ୟ ଜାଗାରେ ଜମା କରନ୍ତି। ଯେପରି, ଫ୍ରିଜ୍ ନିଜ ଭିତରୁ ଥଣ୍ଡା କାଢ଼ି ନେଇ ଘର ଭିତରେ ଜମା କରେ; ଫଳରେ ଘର ଭିତରଟା ଗରମ ଲାଗେ। ସୁତରାଂ ଏସବୁ ଉପକରଣରୁ ଚିରସ୍ଥାୟୀ ଥଣ୍ଡା ମିଳେ ନାହିଁ। ଏହି ପରିପ୍ରେକ୍ଷୀରେ ଶୀତଳତାର ସନ୍ଧାନ ଆମ ପାଇଁ ସତେ ଯେପରି ଅସରନ୍ତି ମୃଗତୃଷ୍ଣାର ଜଳ ପାଲଟିଯାଇଛି। ସୁତରାଂ ଆଗାମୀ ଦିନରେ ପ୍ରଚଣ୍ଡ ଗରମରୁ ରକ୍ଷା ପାଇବା ପାଇଁ ହେଲେ ଆମକୁ ବୋଧହୁଏ ଗାଁ ଗହଳିର ସେହି ପାରମ୍ପରିକ ପଦ୍ଧତିକୁ ପୁଣି ଫେରିଯିବାକୁ ପଡ଼ିବ।

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

## ଯକ୍ଷ୍ମା: କାରଣ, ଚିକିତ୍ସା



ଯକ୍ଷ୍ମା ଏକ ଜୀବାଣୁଜନିତ ରୋଗ। ଜୀବାଣୁଟିର ନାଁ 'ମାଇକୋବ୍ୟାକ୍ଟେରିୟସ'। ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ରୋଗୀଙ୍କର ଛେପଖଙ୍କାରରେ ଏହି ଜୀବାଣୁ ରହିଥିଲେ ସେହି ରୋଗୀଠାରୁ ସଂକ୍ରମଣ ପ୍ରସାର ଲାଭ କରେ। ରୋଗଟି ବାୟୁବାହିତ। ସଂକ୍ରମିତ ରୋଗୀର କାଶ ଓ ଛିଙ୍କ ଦ୍ୱାରା ଜୀବାଣୁ ବାୟୁରେ ମିଶି ସୁସ୍ଥ ଲୋକର ଶରୀରରେ ପ୍ରବେଶ କରେ ଓ ରୋଗ ସୃଷ୍ଟିର କାରଣ ହୋଇପଡ଼େ। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସର ଲୋକେ ଏହି ରୋଗ ଭୋଗିଥାଆନ୍ତି। କିନ୍ତୁ ମହିଳାମାନଙ୍କ ତୁଳନାରେ ପୁରୁଷମାନେ ଉକ୍ତ ରୋଗଟି ପ୍ରତି ଅଧିକ ସମ୍ବେଦନଶୀଳ। ଯକ୍ଷ୍ମା ରୋଗର ନିର୍ଣ୍ଣୟ ପାଇଁ ଡାକ୍ତର ପ୍ରଥମେ ଷ୍ଟେଥେସ୍କୋପ ସାହାଯ୍ୟରେ ରୋଗୀର ଫୁସ୍‌ଫୁସ୍ ପରୀକ୍ଷା କରିଥାଆନ୍ତି। ବେକରେ ଲସିକା ଗ୍ରନ୍ଥି ବଢ଼ିଛି କି ନାହିଁ ପରୀକ୍ଷା କରି ଦେଖନ୍ତି। ଚର୍ମ ତଳେ ଇଞ୍ଜେକଶନ ଦେଇ 'ମାଣ୍ଟୁ ପରୀକ୍ଷା' କରାଯାଏ। ଏହାବ୍ୟତୀତ ରକ୍ତ ପରୀକ୍ଷା, ଛାତିର ଏକ୍ସ-ରେ ବ୍ୟତୀତ ସ୍ଥଳବିଶେଷରେ ଫୁସ୍‌ଫୁସ୍‌ର ସିଟି ସ୍କାନ ଆବଶ୍ୟକ ପଡ଼ିଥାଏ। ତେବେ ଯକ୍ଷ୍ମା ରୋଗ ନିର୍ଣ୍ଣୟ ପାଇଁ ରୋଗୀର ଖଙ୍କାର ପରୀକ୍ଷା ଜରୁରୀ, ଯେଉଁଥିରୁ ସେଥିରେ ଯକ୍ଷ୍ମା ଜୀବାଣୁ ଅଛି କି ନାହିଁ ଜଣାପଡ଼ିଲେ ରୋଗ ନିର୍ଣ୍ଣୟରେ ଆଉ କୌଣସି ସନ୍ଦେହ ରହେ ନାହିଁ। ଯକ୍ଷ୍ମାର ଫଳପ୍ରଦ ଚିକିତ୍ସା ପାଇଁ ଅନେକ ଔଷଧ ଉପଲବ୍ଧ। ନିୟମିତ ତଥା ଯଥାର୍ଥ ଚିକିତ୍ସାରେ ରହିଲେ ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ। ଔଷଧ ଖାଇବାରେ ଅନିୟମିତା ହେବା, ଚିକିତ୍ସିତ ହେଲା ବେଳେ ଟିକିଏ ସୁସ୍ଥ ଅନୁଭବ କଲେ ଚିକିତ୍ସା ଅଧାରୁ ଔଷଧ ବନ୍ଦ କରିଦେବା ଆଦୌ ଠିକ୍ ନୁହେଁ। ଏବେ ଡାଇରେକ୍ଟଲି ଅବଜର୍ଭଡ ଥେରାପି ବା 'ଡଟ୍' (DOT) ପଦ୍ଧତିରେ ଚିକିତ୍ସା କରି ସୁଫଳ ମିଳୁଛି।

## ଖାଇବାକୁ ପ୍ରଭାବିତ କରେ ନିଦ୍ରାହୀନତା



ଖାଇବା ଓ ଶୋଇବା ଉଭୟେ ପରସ୍ପରର ପରିପୂରକ। ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇବା ଓ ଠିକ୍ ସମୟରେ ଆବଶ୍ୟକ ପରିମାଣର ଶୋଇବା ଆମ ସ୍ୱାସ୍ଥ୍ୟ ପାଇଁ ନିହାତି ଜରୁରୀ। ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି, ଯେଉଁମାନଙ୍କ ଠାରେ ଶୋଇବାରେ ଅନିୟମିତତା ଦେଖାଯାଏ, ତାହାର ପ୍ରଭାବ ସେମାନଙ୍କ ଖାଇବା ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହଛି। ଉକ୍ତ ରିପୋର୍ଟରୁ ଜଣାପଡ଼ିଛି ଯେ, ରାତିରେ କମ୍ ଶୋଇବା ଦ୍ୱାରା ଏହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡ଼ିଥାଏ। ଏହାଦ୍ୱାରା ସେମାନଙ୍କର ଖାଇବା ପ୍ରତି ରୁଚି କମିଯାଇଥାଏ। ତେଣୁ ଜଣେ ବ୍ୟକ୍ତି ପ୍ରତିଦିନ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ଦରକାର। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ ଏବଂ ଖାଇବା ପ୍ରତି ଆଗ୍ରହ ସୃଷ୍ଟି ହୁଏ। କେବଳ ସେତିକି ନୁହେଁ, ବେଳେବେଳେ ରାତିରେ ଶୋଇବାରେ ଅନିୟମିତତା ଲାଗି ରହିଲେ ତାହା ମେଦବହୁଳତାର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏଥିପ୍ରତି ସତର୍କ ରହିବା ନିହାତି ଜରୁରୀ।

## ମାନସିକତାକୁ ସକାରାତ୍ମକ ରଖିବାର ସରଳ ଉପାୟ



ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ସେ ନିଜର ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ। 'ସକାରାତ୍ମକ ମାନସିକତା ଏବଂ ଯୋଗ' ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ରକ୍ତଦାନ ସମୟରେ...

ରକ୍ତଦାନ ଏକ ମହତ କାମ। ଏହାଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା। ବିଶ୍ୱରେ କୋଟି କୋଟି ରକ୍ତଦାତା ଅଛନ୍ତି। ସେମାନେ ନିଜ ପକ୍ଷରୁ ଏଭଳି ମହତ କାମ ପାଇଁ ହାତ ବଢ଼ାଇ ଥାଆନ୍ତି। ସେମାନଙ୍କ ଏଭଳି ମହତ କାମକୁ ଆମେ ଅନୁସରଣ କରିବା ଦରକାର। ରକ୍ତଦାନ କରିବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କର ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପୂର୍ବଦିନ ପ୍ରଚୁର ପାଣି ପିଅନ୍ତୁ। ରକ୍ତଦାନକୁ ନେଇ ମନରେ କୌଣସି ଆଶଙ୍କା ଥିଲେ ଅଭିଜ୍ଞ ରକ୍ତରୋଗ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ। କାରଣ ଏହାପୂର୍ବରୁ ମନରେ ଉଙ୍କି ମାରୁଥିବା ପ୍ରଶ୍ନଗୁଡ଼ିକର ସମାଧାନ ହୋଇଯିବା ଆବଶ୍ୟକ। ରକ୍ତଦାନ କରୁଥିବା ବ୍ୟକ୍ତି ମନକୁ ହାଲୁକା ରଖନ୍ତୁ। ଆପଣ ଯଦି କୌଣସି ରୋଗରେ ଆକ୍ରାନ୍ତ, ତେବେ ରକ୍ତଦାନ କରିବା କେତେ ସମୀଚୀନ ତାହା ବୁଝି ନିଅନ୍ତୁ। ରକ୍ତଦାନ ପୂର୍ବରୁ ରକ୍ତଦାନ କେନ୍ଦ୍ରରେ ନିଜ ସମ୍ପର୍କିତ ସମସ୍ତ ସୂଚନାକୁ ପଞ୍ଜୀକରଣ କରିବାକୁ ଭୁଲନ୍ତୁ ନାହିଁ।

## ସ୍ୱାସ୍ଥ୍ୟ ସୂଚନା

➤ ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



➤ ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷ କରି ଏହା ଥଣ୍ଡାରୁ ଆମକୁ ଉପଶମ ଦେଇଥାଏ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।

➤ ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➤ ପ୍ରତିଦିନ ସକାଳୁ କିଛି କିଛି ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ପାଚନ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ଏହାବ୍ୟତୀତ ଅଣ୍ଟାଜନିତ ବ୍ୟଥାରୁ ମଧ୍ୟ କେତେକାଂଶ ରକ୍ଷା କରିଥାଏ।

➤ ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ମଧ୍ୟ ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।

➤ ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ସେମାନଙ୍କଠାରେ ସକାରାତ୍ମକ ଭାବନା ବୃଦ୍ଧି ପାଇଥାଏ।

## ଦୃଷ୍ଟିଶକ୍ତିକୁ ପ୍ରଖର କରେ ଗାଜର

ଗାଜରରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏଥିରେ ଥିବା ବିଟା-କାରୋଟିନ୍ ନାମକ ଏକ ତତ୍ତ୍ୱ ଦୃଷ୍ଟିଶକ୍ତି ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଗାଜରରେ ଭିଟାମିନ୍-ସି ଭରି ରହିଛି। ଏହା ମଧ୍ୟ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏହାକୁ ନିୟମିତ ଖାଇଲେ ତାହା ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ। ଏହାବ୍ୟତୀତ ଉଚ୍ଚ ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣରେ ରଖେ। ପଟାସିୟମ୍ ଓ କ୍ୟାଲ୍‌ସିୟମ୍‌ର ମାତ୍ରା ଏଥିରେ ଅଧିକ ଥିବାରୁ ଏହା ଅସ୍ଥି ଏବଂ ମଜ୍ଜାକୁ ମଜଭୁତ କରିଥାଏ। ତା' ସହ ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାରେ କେତେକାଂଶରେ ସାହାଯ୍ୟ କରେ। ଗାଜର ଶରୀରର ଓଜନକୁ ସନ୍ତୁଳିତ ରଖେ। ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ।

# ଚିର ସ୍ମରଣୀୟ ଜ୍ୟୋତିର୍ବିଜ୍ଞାନୀ ଜୟନ୍ତ ନାର୍ଲିକର



ଇଂ ମାୟାଧର ସ୍ୱାଇଁ


ଭାରତର ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ଏବଂ ଜନପ୍ରିୟ ବିଜ୍ଞାନ ଲେଖକ ଜୟନ୍ତ ବିଷ୍ଣୁ ନାର୍ଲିକର ଚଳିତ ମାସ ୨୦ ତାରିଖରେ ପୁଣେ ଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ମହାରାଷ୍ଟ୍ରର କୋହ୍ଲାପୁରଠାରେ ୧୯୩୮ ଜୁଲାଇ ୧୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ବିଷ୍ଣୁ ବାସୁଦେବ ନାର୍ଲିକର ଜଣେ ବିଶିଷ୍ଟ ଗଣିତଜ୍ଞ ଥିଲେ ଏବଂ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ମୁଖ୍ୟ ଥିଲେ।

ନାର୍ଲିକର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଏମ୍‌ଏସ୍‌ସି ଡିଗ୍ରୀ କରି ଉଚ୍ଚ ଗବେଷଣା ପାଇଁ ୧୯୫୭ ମସିହାରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଗଲେ। ସେଠାରେ ସେ ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ଫ୍ରେଡ୍ ହୋଏଲଙ୍କ ଅଧୀନରେ ମାଧ୍ୟାକର୍ଷଣ ଓ ବ୍ରହ୍ମାଣ୍ଡ ବିଜ୍ଞାନ ଉପରେ ଗବେଷଣା କରି ପି.ଏଚ୍.ଡି. ଡିଗ୍ରୀ ପାଇଥିଲେ। ହୋଏଲଙ୍କ ସହିତ ମିଶି ଜ୍ୟୋତିର୍ବିଜ୍ଞାନରେ ଅନେକ ପ୍ରକଳ୍ପରେ କାର୍ଯ୍ୟ କରିଥିଲେ। ସେମାନେ ୧୯୬୪ ମସିହାରେ 'ହୋଏଲ-ନାର୍ଲିକର ମାଧ୍ୟାକର୍ଷଣ ତତ୍ତ୍ୱ' ପ୍ରକାଶ କରିଥିଲେ, ଯାହା ଆଇନଷ୍ଟାଇନଙ୍କ ସାଧାରଣ ଆପେକ୍ଷିକତା ତତ୍ତ୍ୱରେ ଉନ୍ନତି ଆଣିଥିଲା।

ନାର୍ଲିକର ୧୯୬୩ରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ତାତ୍ତ୍ୱିକ ପଦାର୍ଥ ବିଜ୍ଞାନରେ ଅଧ୍ୟାପକ ଭାବରେ ଯୋଗ ଦେଲେ। ୧୯୭୨ ମସିହାରେ ଭାରତ ପ୍ରତ୍ୟାବର୍ତ୍ତନ କରି ସେ ବମ୍ବେ ଟାଟା ମୌଳିକ ଗବେଷଣା ପ୍ରତିଷ୍ଠାନରେ ପ୍ରଫେସର ଭାବରେ ଯୋଗ ଦେଲେ। ସେ ୧୯୭୩ ରୁ ୧୯୭୫ ମସିହା ପର୍ଯ୍ୟନ୍ତ ଜବାହାରଲାଲ ନେହେରୁ ଫେଲୋସିପ୍ ପାଇଥିଲେ ଏବଂ ୧୯୭୯-୮୧ ମସିହାରେ ଜାତୀୟ ଅଧ୍ୟାପକ ଭାବେ ମନୋନୀତ ହୋଇଥିଲେ। ୧୯୮୮ ମସିହାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପୁନେ ଠାରେ 'ଆନ୍ତଃବିଶ୍ୱବିଦ୍ୟାଳୟ ଜ୍ୟୋତିର୍ବିଜ୍ଞାନ ଓ ଜ୍ୟୋତି ପଦାର୍ଥ ବିଜ୍ଞାନ କେନ୍ଦ୍ର' ସ୍ଥାପନ କରିବା ପରେ ନାର୍ଲିକର ଏହାର ପ୍ରଥମ ନିର୍ଦ୍ଦେଶକ ଭାବେ ଯୋଗ ଦେଇଥିଲେ। ତାଙ୍କ ନେତୃତ୍ୱରେ ଏହି କେନ୍ଦ୍ର ପୃଥିବୀରେ ଜ୍ୟୋତିର୍ବିଜ୍ଞାନୀ ଓ ଜ୍ୟୋତି ପଦାର୍ଥ ବିଜ୍ଞାନ ଶିକ୍ଷା ଓ ଗବେଷଣା ପାଇଁ ଖ୍ୟାତି ଅର୍ଜନ କରିଥିଲେ। ସେ ୨୦୦୩ ମସିହାରେ ସେଠାରୁ ଅବସର ନେଇଥିଲେ।

ଭାରତ ଫେରି ନାର୍ଲିକର ବ୍ରହ୍ମାଣ୍ଡ ବିଜ୍ଞାନ ଉପରେ ଗବେଷଣା ଜାରି ରଖିଥିଲେ। ସେ କ୍ୱାସାର ଏବଂ କୃଷ୍ଣଗର୍ତ୍ତ ଉପରେ ଗବେଷଣା କରିଥିଲେ। ସେ ୧୯୯୪ରୁ ୧୯୯୭ ମସିହା ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଜ୍ୟୋତିର୍ବିଜ୍ଞାନୀ ସଂଘର ବ୍ରହ୍ମାଣ୍ଡ ବିଜ୍ଞାନ ଆୟୋଗର ସଭାପତି ଥିଲେ। ସେ ଗୁରତ୍ୱାକର୍ଷଣ, ମାଚ୍‌ଙ୍କ ନିୟମ, କ୍ୱାଣ୍ଟମ ବ୍ରହ୍ମାଣ୍ଡ ବିଜ୍ଞାନ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ।

ଭୂପୃଷ୍ଠରୁ ୪୧ କିମି ଉଚ୍ଚ ବାୟୁମଣ୍ଡଳରେ ଅଣୁଜୀବର ସନ୍ଧାନ ପାଇଁ ୧୯୯୯ ରୁ ୨୦୦୩ ମସିହା ପର୍ଯ୍ୟନ୍ତ ଏକ ଅନ୍ତର୍ଜାତୀୟ ଗବେଷକ ଦଳ ଗଠନ କରାଯାଇଥିଲା। ନାର୍ଲିକର ଏହାର ନେତୃତ୍ୱ ନେଇଥିଲେ। ସଂଗ୍ରହ କରାଯାଇଥିବା ନମୁନା ଅଧ୍ୟୟନରୁ ସେଥିରେ ଜୀବନ୍ତ କୋଷିକା ଓ ବ୍ୟାକ୍ଟେରିଆ ଥିବା ଜଣାପଡ଼ିଲା। ଏଥିରୁ ବିଶ୍ୱାସ କରାଯାଏ ଯେ ବାହ୍ୟଜଗତରୁ ପୃଥିବୀକୁ ଅଣୁଜୀବ ଆସିଥାଇପାରନ୍ତି।



ଜୟନ୍ତ ବିଷ୍ଣୁ ନାର୍ଲିକର

ନାର୍ଲିକର ଜଣେ ଜନପ୍ରିୟ ବିଜ୍ଞାନ ଲେଖକ ଥିଲେ। ଇଂଲିଶ୍, ହିନ୍ଦୀ ଓ ମରାଠୀ ଭାଷାରେ ସେ କେତୋଟି ଜନପ୍ରିୟ ବିଜ୍ଞାନ ପୁସ୍ତକ ରଚନା କରିଛନ୍ତି। ବିଜ୍ଞାନକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସେ ଜଟିଳ ବିଜ୍ଞାନ ତତ୍ତ୍ୱଗୁଡ଼ିକୁ ବିଭିନ୍ନ ପତ୍ରପତ୍ରିକା ଓ ଟେଲିଭିଜନ ମାଧ୍ୟମରେ ପ୍ରକାଶ କରିଛନ୍ତି। ନିଜର ବ୍ୟସ୍ତ କର୍ମମୟ ଜୀବନ ଗବେଷଣା ଭିତରେ ମଧ୍ୟ ସେ ଛୋଟ ଛୋଟ ପିଲାମାନଙ୍କ ପ୍ରଶ୍ନର ଉତ୍ତର ପ୍ରାୟ ପ୍ରତିଦିନ ଦେଉଥିଲେ। ସେ ଦୂରଦର୍ଶନ ପାଇଁ 'ବ୍ରହ୍ମାଣ୍ଡ' ଏବଂ 'ଧୂମକେତୁ' ନାମକ ଦୁଇଟି ଉନ୍ନତମାନର ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ବିଜ୍ଞାନକୁ ଜନପ୍ରିୟ କରିଥିବା ହେତୁ ତାଙ୍କୁ ୧୯୯୬ ମସିହାରେ ୟୁନେସ୍କୋ ପ୍ରଦତ୍ତ କଳିଙ୍ଗ ପୁରସ୍କାର ପ୍ରଦାନ କରାଯାଇଥିଲା।

ନାର୍ଲିକର ପାଇଥିବା ପ୍ରମୁଖ ପୁରସ୍କାରଗୁଡ଼ିକ ମଧ୍ୟରେ ରହିଛି- ସ୍ମିଥ ପୁରସ୍କାର, ଆଦାମ ପୁରସ୍କାର, ଶାନ୍ତିସ୍ୱରୂପ ଭଟ୍ଟନାଗର ପୁରସ୍କାର, ଏମ୍.ପି. ବିରଳା ପୁରସ୍କାର ଏବଂ ଇନ୍ଦିରା ଗାନ୍ଧୀ ପୁରସ୍କାର। ସେ ଭାରତୀୟ ବିଜ୍ଞାନ ଏକାଡେମୀ, ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀ, ଏବଂ କେମ୍ବ୍ରିଜ ଫିଲୋସୋଫିକାଲ ସୋସାଇଟିର ସଦସ୍ୟ ଭାବରେ ନିର୍ବାଚିତ ହେଉଥିଲେ। ଭାରତ ସରକାର ତାଙ୍କୁ ୧୯୬୫ରେ ପଦ୍ମଭୂଷଣ ଏବଂ ୨୦୦୪ରେ ପଦ୍ମବିଭୂଷଣ ଉପାଧିରେ ସମ୍ମାନିତ କରିଥିଲେ। ୨୦୧୪ରେ ତାଙ୍କ ଆତ୍ମଜୀବନୀ ପୁସ୍ତକ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲା।

ନାର୍ଲିକରଙ୍କ ପତ୍ନୀ ମଙ୍ଗଳା ନାର୍ଲିକର ମଧ୍ୟ ଜଣେ ଗଣିତଜ୍ଞ ଥିଲେ। ତାଙ୍କର ତିନି ଝିଅଙ୍କ ମଧ୍ୟରେ ବଡ଼ ଝିଅ ଗୀତା କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ଜୀବବିଜ୍ଞାନରେ ଗବେଷକ ଥିବା ବେଳେ ଅନ୍ୟ ଦୁଇ ଝିଅ ଗିରିଜା ଏବଂ ଲୀଳାବତୀ କମ୍ପ୍ୟୁଟର ବିଜ୍ଞାନରେ କାର୍ଯ୍ୟ କରୁଛନ୍ତି।

-୭୦, ଲକ୍ଷ୍ମୀବିହାର,
ଫେଜ୍ ୧, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମେ ୨୬/୨୦୨୫ Bhubaneswar, Monday, May 26/ 2025

# ଚେନ୍ନାଇର ବଡ଼ ବିଜୟ


ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଡେୱାଲ୍ଡ ବ୍ରେଭିସ।

**ଅହମଦାବାଦ,୨୫।୫**

ଡେୱାଲ୍ଡ ବ୍ରେଭିସ ଓ ଡେଭନ କନୱେଙ୍କ ଅର୍ଦ୍ଧଶତକ ବଳରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ୮୩ ରନର ବଡ଼ ବ୍ୟବଧାନରେ ଗୁଜରାଟ ଟାଇଟନ୍ସ (ଜିଟି)କୁ ପରାସ୍ତ କରିଛି। ଏହି ବିଜୟ ସହ ସିଏସ୍‌କେ ତା'ର ଅଭିଯାନ ଶେଷ କରିଛି। ଅନ୍ୟପକ୍ଷରେ ଗୁଜରାଟ ଲାଗି ଏହା ସର୍ବବୃହତ୍ ପରାଜୟ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇକୁ ଆୟୁଷ ମାହାତ୍ରେ ଓ ଡେଭନ କନୱେଙ୍କ ଓପନିଂ ଯୋଡ଼ି ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ୩.୪ ଓଭରରେ ୪୪ ରନ ଯୋଡ଼ିଥିଲେ। ମାହାତ୍ରେ ୧୭ ବଲରେ ୩ ଲେଖାଏ ଚୌକା ଓ ଛକା ସହିତ ୩୪ ରନ କରି ଆଉଟ୍ ହୋଇଥିଲେ। ଅନ୍ୟତମ ଓପନର କନୱେ ଓ ଉର୍ଭିଲ ପଟେଲ ଦ୍ୱିତୀୟ ଉଇକେଟରେ ୬୩ ରନ ଯୋଡ଼ିଥିଲେ। ଉର୍ଭିଲ ୧୯ ବଲରେ ୪ ଚୌକା ଓ ୨ ଛକା ସହିତ ୩୭ ଏବଂ କନୱେ ୩୫ ବଲରେ ୬ ଚୌକା ଓ ୨ ଛକା ସହିତ ୫୨ ରନ କରି ପାଭିଲିଅନ ଫେରିଥିଲେ। ଶିବମ ଦୁବେ ୮ ବଲରେ ୨ ଛକା ସହାୟତାରେ ୧୭ ରନ୍ କରିଥିଲେ। ଶେଷ ଆଡ଼କୁ ବ୍ରେଭିସ ୨୩ ବଲରେ ୪ ଚୌକା ଓ ୫ ଛକା ସହିତ ବିସ୍ଫୋରକ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତାଙ୍କୁ ରବୀନ୍ଦ୍ର ଜାଡେଜା (୨୧ ରନ, ୧ ଲେଖାଏ ଚୌକା ଓ ଛକା) ଉପଯୁକ୍ତ ସହାୟତା ପ୍ରଦାନ କରିଥିଲେ। ଫଳରେ ଚେନ୍ନାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୩୦ ରନ କରିଥିଲା। ଚଳିତ ଆଇପିଏଲ୍‌ର ସିଏସ୍‌କେର ଏହା ସର୍ବାଧିକ ଦଳଗତ ସ୍କୋର ଥିଲା। ଗୁଜରାଟ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଦୁଇଟି ଉଇକେଟ ନେଇଥିଲେ। ଜବାବରେ ଗୁଜରାଟ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏଭଳି ପରିସ୍ଥିତିରୁ ଦଳକୁ କୌଣସି ବ୍ୟାଟର ଉଦ୍ଧାର କରିପାରି ନ ଥିଲେ। ଫଳରେ ଦଳ ୧୮.୩ ଓଭରରେ ୧୪୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସାଇ ସୁଦର୍ଶନ ସର୍ବାଧିକ ୪୧ (୬ ଚୌକା), ଆର୍ଶଦ ଖାନ ୨୦(୩ ଛକା) ଓ ଶାହରୁଖ ଖାନ ୧୯ (୨ ଛକା) ରନ କରିଥିଲେ। ସିଏସ୍‌କେ ପାଇଁ ଅଂଶୁଲ କାମ୍ବୋଜ ଓ ନୁର ଅହମଦ ୩ଟି ଲେଖାଏ ଉଇକେଟ ନେଇଥିବା ବେଳେ ରବୀନ୍ଦ୍ର ଜାଡେଜା ୨ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୨୩୦/୫ (ଡେୱାଲ୍ଡ ବ୍ରେଭିସ-୫୭, ଡେଭନ କନୱେ-୫୨, ଉର୍ଭିଲ ପଟେଲ-୩୭, ଆୟୁଷ ମାହାତ୍ରେ-୩୪, ପ୍ରସିଦ୍ଧ କ୍ରିଷ୍ଣା-୨/୨୨, ଶାହରୁଖ ଖାନ-୧/୧୩)। ଗୁଜରାଟ ଟାଇଟନ୍ସ: ୧୮.୩ ଓଭରରେ ୧୪୭/ଅଲଆଉଟ୍ (ସାଇ ସୁଦର୍ଶନ-୪୧, ଆର୍ଶଦ ଖାନ-୨୦, ଅଂଶୁଲ କାମ୍ବୋଜ-୩/୧୩, ନୁର ଅହମଦ-୩/୨୧, ରବୀନ୍ଦ୍ର ଜାଡେଜା-୨/୧୭)।

# କ୍ଲାସେନଙ୍କ ବିସ୍ଫୋରକ ଶତକ


ଶଟ୍ ଖେଳିବା ଅବସରରେ ହେନ୍‌ରିଚ୍ କ୍ଲାସେନ।

**ନୂଆଦିଲ୍ଲୀ,୨୫।୫**

ଚଳିତ ଆଇପିଏଲ୍‌ରେ ରବିବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ଓ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ପରସ୍ପରକୁ ଭେଟିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ହେନରିଚ୍ କ୍ଲାସେନଙ୍କ ବିସ୍ଫୋରକ ଶତକ ବଳରେ ପ୍ରତିପକ୍ଷ କୋଲକାତା ଆଗରେ ୨୭୯ ରନର ବିଶାଳ ଟାର୍ଗେଟ ଧାର୍ଯ୍ୟ କରିଛି।

ଟସ୍ ଜିତି ହାଇଦ୍ରାବାଦ୍ ଅଧିନାୟକ ପ୍ୟାଟ କମିନ୍ସ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କର ଏହି ନିଷ୍ପତ୍ତିକୁ ଟ୍ରାଭିସ ହେଡ ଓ ଅଭିଷେକ ଶର୍ମାଙ୍କ ଓପନିଂ ଯୋଡ଼ି ସଠିକ୍ ପ୍ରମାଣ କରିଥିଲେ। ଦୁହେଁ ମାତ୍ର ୬.୫ ଓଭରରେ ୯୨ ରନ କରିଥିଲେ। ଅଭିଷେକ ୧୬ ବଲରେ ୪ ଚୌକା ଓ ୨ ଛକା ସହିତ ୩୨ ରନ କରି ଆଉଟ୍ ହୋଇଥିଲେ। ହେଡ ଓ କ୍ଲାସେନ ଦ୍ୱିତୀୟ ଉଇକେଟ ଲାଗି ଦଳୀୟ ସ୍କୋରରେ ୩୫ ବଲରେ ୮୩ ରନ ଯୋଡ଼ିଥିଲେ। ହେଡ ୪୦ ବଲରେ ୬ ଲେଖାଏ ଚୌକା ଓ ଛକା ସହିତ ୭୬ ରନ କରି ପାଭିଲିଅନ ଫେରିଥିଲେ। ଦୁଇ ଓପନରଙ୍କୁ ସୁନୀଲ ନାରିନ ଆଉଟ୍ କରିଥିଲେ। ଏହାପରେ କ୍ଲାସେନ ଓ ଇଶାନ କିଶନ ତୃତୀୟ ଉଇକେଟରେ ୮୩ ରନ ଯୋଡ଼ିଥିଲେ। କିଶନ ୨୯ (୪ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିଲେ। କ୍ଲାସେନ ୩୭ ବଲରେ ଶତକ ପୂରଣ କରିଥିଲେ। ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ଦ୍ୱିତୀୟ ଶତକ ଥିଲା। ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା କ୍ଲାସେନ ୩୯ ବଲରେ ୧୦୫ ରନର ପାଳି ଖେଳିଥିଲେ। ତାଙ୍କ ଇନିଂସରେ ୭ ଚୌକା ଓ ୯ ଛକା ସାମିଲ ଥିଲା। ଫଳରେ ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୭୮ ରନ କରିଥିଲା। ଏହା ଆଇପିଏଲ୍ ଇତିହାସର ତୃତୀୟ ସର୍ବାଧିକ ଦଳଗତ ସ୍କୋର।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୨୭୮/୩ (ହେନରିଚ୍ କ୍ଲାସେନ-୧୦୫*, ଟ୍ରାଭିସ ହେଡ-୭୬, ଅଭିଷେକ ଶର୍ମା-୩୨, ଇଶାନ କିଶନ-୨୯, ସୁନୀଲ ନାରିନ-୨/୪୨, ବୈଭବ ଆରୋରା-୧/୩୯)।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
ପଞ୍ଜାବ
ବନାମ ମୁମ୍ବାଇ
ସ୍ଥାନ: ଜୟପୁର
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୪ | ୯ | ୫ | ୦ | ୧୮ | +୦.୨୫୪ |
| ପଞ୍ଜାବ କିଙ୍ଗ୍ସ | ୧୩ | ୮ | ୪ | ୧ | ୧୭ | +୦.୩୨୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୫ | ୭ | ୧ | ୧୧ | -୦.୭୩୭ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪ | ୪ | ୧୦ | ୦ | ୮ | -୦.୬୪୭ |



FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BALASORE:** SITA TVS.: 7852935605, BHADRAK: SRIKANT TVS: 9124559654, 9124559653, BARIPADA: ALLIED TVS: 7852935617. JALESWAR: KHAN TVS: 9040853950, BARBIL: ANJALI TVS: 8895458991, KEONJHAR: KUMAR TVS: 9870326414. **Authorised Dealers:** SORO:9438760320. KHAIRA:9668712109, MATTO:8249123514, MARKONA:9438353035, TIHIDI:9437536881CHANDBALI:9238514769, BASUDEVPUR:8249905878, UDALA:943723880, BETNOTI:9776142684 KARANJIA:7008814677, JHARPOKHARIA:7008293717, BAHALDA:7978457775, KUAMARA:7008873689 CHANDANESWAR:9040194603, BASTA:7077297097, AMARDA ROAD:6370634231, NILGIRI:9437137899 BALIAPAL:9776777922, JODA:9937178529, DHENKIKOTE:7008898582, HARICHANDANPUR:9437633978 TURMUNGA:9937591829, ANANDPUR:9937367109.
dentsu/dha bal/03/25

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ